CMYK

• Vol.- 46, Issue No. 219
• Wednesday, 11 November 2026
• ବୁଧବାର, ୧୧ ନଭେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

୩୦ରେ ଚଠା ଭୋଟର ତାଲିକା

- ଜାନୁଆରୀ ୨୧ରେ ଆସିବ ଚୂଡ଼ାନ୍ତ ତାଲିକା
- ମୋଟ ଭୋଟର ୩ କୋଟି ୧୯ ଲକ୍ଷ ୧୨ ହଜାର ୬୨୩



ଭୁବନେଶ୍ୱର, ୧୦।୧୧: ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ଓଡ଼ିଶାରେ ୨୦୨୭ ମସିହା ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ (ଏସଏସଆର) କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଚଳିତମାସ ୩୦ତାରିଖରେ ରାଜ୍ୟର ସମନ୍ୱିତ ଚଠା ଭୋଟର ତାଲିକା ପ୍ରକାଶ ପାଇବ। ସମସ୍ତ ଦାବି ଓ ଆପତ୍ତିର ଫଇସଲା ପରେ ୨୦୨୭ ଜାନୁୟାରୀ ୨୧ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ଏହି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନିରପେକ୍ଷ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୀତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏସମ୍ପର୍କରେ ସୂଚନା ଦିଆଯାଇଛି । ୨୦୨୬ ଜାନୁଆରୀ ୧ ତାରିଖକୁ ମୁଖ୍ୟ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି । ବୈଠକରୁ ଜଣାପଡ଼ିଛି ଯେ, ନଭେମ୍ବର ୮ତାରିଖ ସୁଦ୍ଧା ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୧୯ ଲକ୍ଷ ୧୨ ହଜାର ୬୨୩ ରେ ପହଞ୍ଚିଛି । ସମଗ୍ର ରାଜ୍ୟରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ଗଠନ ଓ ପୁନର୍ବିନ୍ୟାସ କାର୍ଯ୍ୟ ଆସନ୍ତା ନଭେମ୍ବର ୨୦ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଆଇଏସସିଇ ପରୀକ୍ଷା ଫେବୃଆରୀ ୧୫ରୁ

ନୂଆଦିଲ୍ଲୀ, ୧୦।୧୧: କାଉନସିଲ ଫର ଦ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକଜାମିନେସନ (ସିଆଇଏସସିଇ) ପକ୍ଷରୁ ୨୦୧୭ ବୋର୍ଡ ପରୀକ୍ଷା କାର୍ଯ୍ୟସୂଚୀ ମଙ୍ଗଳବାର ପ୍ରକାଶ ପାଇଛି । କାର୍ଯ୍ୟସୂଚୀ ଅନୁଯାୟୀ ଦଶମ ଓ ଦ୍ୱାଦଶ ପରୀକ୍ଷା ଯଥାକ୍ରମେ ଫେବୃୟାରୀ ୧୫ ଓ ୯ ତାରିଖରୁ ଆରମ୍ଭ ହେବ । ଦୁଇଟି ପରୀକ୍ଷାରେ ମୋଟ ୩, ୭୩,୯୮୦ ଜଣ ପ୍ରାର୍ଥୀ ପରୀକ୍ଷା ଦେବେ। ଆଇଏସସିଇ ଦ୍ୱାରା ୩୧୦୬ଟି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟର ୨.୭୦ ଲକ୍ଷ ପିଲା ଏଥର ଦଶମ ପରୀକ୍ଷା ଦେବେ । ସେହିପରି ଆଇଏସସି (ଦ୍ୱାଦଶ)ରେ ୧୬୫୧ ସ୍କୁଲର ୧.୧ ଲକ୍ଷରୁ ଅଧିକ ପିଲା ପରୀକ୍ଷାରେ ଅଂଶଗ୍ରହଣ କରିବେ। ଆଇଏସସିଇ ପରୀକ୍ଷାରେ ୭୬ ବିଷୟ ଥିବାବେଳେ ଆଇଏସସି ପରୀକ୍ଷାରେ ୬୦ଟି ବିଷୟବସ୍ତୁ ରହିଛି । ସିଆଇଏସସିଇ ପକ୍ଷରୁ କୁହାଯାଇଛି, ୨୦୨୭ରେ ଆଇଏସସିଇ ପରୀକ୍ଷା ଫେବୃଆରୀ ୧୫ରେ ଆରମ୍ଭ ହୋଇ ମାର୍ଚ୍ଚ ୩୧, ୨୦୨୭ରେ ଶେଷ ହେବ । ପରୀକ୍ଷା ଭାରତ ଏବଂ ବିଦେଶରେ ଥିବା ମୋଟ ୨, ୮୩୫ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।

ବୟୋଜ୍ୟେଷ୍ଠଙ୍କ କଲ୍ୟାଣ ପାଇଁ ସାର୍ଥକ ବିନିଯୋଗ

- ଭତ୍ତାରେ ଯୋଡ଼ି ହେଲେ ଆଉ ୫ ଲକ୍ଷ
- ସମୁଦାୟ ୪୧, ୮୦, ୮୨୫ ପାଇବେ ନିୟମିତ
- ୟୁପିଏମପି ପୋର୍ଟାଲ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ
- ନୂଆ ଭତ୍ତା ପାଇଁ ଅପେକ୍ଷା ଶେଷ
- ୮୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ କରିବାକୁ ପଡ଼ିବନି ପୁନଃ ଆବେଦନ
- ପ୍ରାୟ ୩୪୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ପଡ଼ିଲା ଭିତ୍ତି



ବାଲେଶ୍ୱର/ଭୁବନେଶ୍ୱର, ୧୦।୧୧: ମଧୁବାବୁ ପେନସନ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଅପେକ୍ଷାର ଯୁଗ ଶେଷ ହେଲା; ଆରମ୍ଭ ହେଲା ଆପଣମାନଙ୍କ ଅଧିକାରକୁ ସମ୍ମାନ ଦେବାର ଯୁଗ। ମଙ୍ଗଳବାର ବାଲେଶ୍ୱର ସ୍ଥିତ ରିଜର୍ଭ ପୋଲିସ ଲାଇନ ପଡ଼ିଆଠାରେ ଆୟୋଜିତ ମଧୁବାବୁ ପେନସନ ଯୋଜନାରେ ସାମାଜିକ ସୁରକ୍ଷା ଭତ୍ତା ସମ୍ପୃର୍ଣ୍ଣତାର ଶୁଭାରମ୍ଭ ତଥା ୟୁପିଏମପି ପୋର୍ଟାଲ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ବଜେଟ୍ ପ୍ରତିଶ୍ରୁତି ଅନୁଯାୟୀ ଆଜି ଆଉ ୫,୦୫,୮୧୭ ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯିବା ଫଳରେ ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା ୪୧, ୮୦, ୮୨୫କୁ ବୃଦ୍ଧି ପାଇଛି । ବର୍ଷକୁ ମାତ୍ର ୬୨୫ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ । ବୟୋଜ୍ୟେଷ୍ଠଙ୍କ କଲ୍ୟାଣ ପାଇଁ ଏହି ପରିମାଣ ଆମ ସରକାରଙ୍କ ଏକ ସାର୍ଥକ ବିନିଯୋଗ ।

ଏହି ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକ ୟୁନିଫାଏଡ୍ ପେନସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ (ୟୁପିଏମପି) ପୋର୍ଟାଲ ଉନ୍ମୋଚିତ କରିଥିଲେ । ଯୋଗ୍ୟ ବ୍ୟକ୍ତିମାନେ ଏହି ପୋର୍ଟାଲ ଜରିଆରେ କିମ୍ବା ନିକଟସ୍ଥ ଜନସେବା କେନ୍ଦ୍ର ଏବଂ ବିଡିଓ କାର୍ଯ୍ୟାଳୟ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ । ଆବେଦନ କରିଥିବା ପର ମାସଠାରୁ ନିୟମିତ ଭାବେ ଭତ୍ତା ମିଳିବ ଏବଂ ୮୦ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ୩,୫୦୦ ଟଙ୍କା ପାଇଁ ପୁନର୍ବାର ଆବେଦନ କରିବାକୁ ପଡିବ ନାହିଁ, ସ୍ୱୟଂକ୍ରିୟ ଭାବେ ଲାଗୁହେବ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୩୪୦ କୋଟି ଟଙ୍କାର ୭୦ଟି ଉନ୍ନୟନମୂଳକ ପ୍ରକଳ୍ପର (୭୮ କୋଟି ଟଙ୍କାର ୨୮ଟି ପ୍ରକଳ୍ପର ଉଦ୍ଘାଟନ ଏବଂ ୨୬୨ କୋଟି ଟଙ୍କାର ୪୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର) ଶୁଭାରମ୍ଭ କରାଯାଇଛି । 'ମଧୁବାବୁ ପେନସନ ଯୋଜନା' ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି ।

ଅତ୍ୟଧିକ ବର୍ଷାରୁ ବନ୍ୟା ସ୍ଥିତି: ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୧୦।୧୧: ରାଜ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତଙ୍କ ସୂଚନା ଅନୁଯାୟୀ, 'ଅର୍ଣ୍ଣବ' ବାତ୍ୟା ପ୍ରଭାବରେ ଋଷିକୂଲ୍ୟା ନଦୀ ଅବବାହିକା ଅଞ୍ଚଳରେ ୩୩୮.୭୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ବନ୍ଧ ପରିଚାଳନାରେ କୌଣସି ତ୍ରୁଟି ହୋଇନାହିଁ। ଋଷିକୂଲ୍ୟା ଅବବାହିକାରେ ରେକର୍ଡ କରାଯାଇଥିବା ୩୩୮.୭୪ ମିଲିମିଟର ବର୍ଷା, ୨୦୧୮ ମସିହାରେ 'ତିତଲି' ବାତ୍ୟା ସମୟରେ ହୋଇଥିବା ୨୬୦.୪ ମିଲିମିଟର ବର୍ଷା ତୁଳନାରେ ପ୍ରାୟ ୩୦ପ୍ରତିଶତ ଅଧିକ ଥିଲା । ପ୍ରବଳ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ଓ ପ୍ରବାହ ଅତ୍ୟଧିକ ବୃଦ୍ଧି ପାଇଥିଲା। ପୁରୁଷୋତ୍ତମପୁର ଠାରେ ବନ୍ୟା ଜଳର ପ୍ରବାହ ୬,୯୦୮ କ୍ୟୁମେକ୍ରେ ପହଞ୍ଚିଥିଲା, ଯାହା ନଦୀର ପ୍ରକୃତ ଜଳ ବହନ କ୍ଷମତା ୩,୫୦୦ କ୍ୟୁମେକ୍ର ପ୍ରାୟ ଦ୍ୱିଗୁଣ ଥିଲା। ବାତ୍ୟା ଆସିବା ପୂର୍ବରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ୧୦ଟି ଆଞ୍ଚଳିକ ବନ୍ଧରେ ଜଳ ସଂରକ୍ଷଣ ସ୍ତର କମାଇ ଦିଆଯାଇଥିବା ସତ୍ତ୍ୱେ, ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ବଘାଟ ପର୍ବତମାଳାର ଭୌଗୋଳିକ ସ୍ଥିତି ସହିତ ବର୍ଷାର ମିଶ୍ରଣ ଯୋଗୁଁ ବର୍ଷାର ପରିମାଣ ଆହୁରି ବୃଦ୍ଧି ପାଇଥିଲା।

ଥରିଲା ସେମିଲିଗୁଡ଼ା: ରାତିର ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ



ଭୁବନେଶ୍ୱର, ୧୦।୧୧: ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଛି । ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଉମାଶଙ୍କର ଦାସଙ୍କ ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲାର ସେମିଲିଗୁଡ଼ାରେ ରାତିର ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ତାପମାତ୍ରା ୧୨.୪ ଓ ଦାରିଙ୍ଗବାଡ଼ିରେ ୧୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୪.୫ ଡିଗ୍ରୀ, ଭବାନୀପାଟଣାରେ ୧୪.୬ ଡିଗ୍ରୀ, ନବରଙ୍ଗପୁରରେ ୧୫ ଡିଗ୍ରୀ ସେଲସିୟସ୍ ଏବଂ ରାଉରକେଲାରେ ୧୫.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

46001/30/2627

ବ୍ୟାଙ୍କ ଖାତା ଜରିଆରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କ ପାଇଁ ସୂଚନା (ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ)

(୧) ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା (IGNOAPS), ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା (IGNWPS), ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ଭତ୍ତା ଯୋଜନା (IGNDPS) ଗୁଡିକରେ ବ୍ୟାଙ୍କ ଖାତା ଜରିଆରେ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି ।

ଭତ୍ତାର ପ୍ରକାର	ମୋଟ ଭତ୍ତା ରାଶି	ଭାରତ ସରକାରଙ୍କ ଭାଗ	ଓଡ଼ିଶା ସରକାରଙ୍କ ଭାଗ
ବାର୍ଦ୍ଧକ୍ୟ ଭତ୍ତା (ବୟସ ୬୦ ରୁ ୭୯)	୧୦୦୦	୨୦୦	୮୦୦
ବାର୍ଦ୍ଧକ୍ୟ ଭତ୍ତା (ବୟସ ୮୦ ଓ ତଦୁର୍ଦ୍ଧ୍ୱ)	୩୫୦୦	୫୦୦	୩୦୦୦
ବିଧବା ଭତ୍ତା (ବୟସ ୪୦ ରୁ ୭୯)	୧୦୦୦	୩୦୦	୭୦୦
ବିଧବା ଭତ୍ତା (ବୟସ ୮୦ ଓ ତଦୁର୍ଦ୍ଧ୍ୱ)	୩୫୦୦	୫୦୦	୩୦୦୦
ଭିନ୍ନକ୍ଷମ ଭତ୍ତା (୮୦% ଓ ତଦୁର୍ଦ୍ଧ୍ୱ ଭିନ୍ନକ୍ଷମତା ଓ ବୟସ ୧୮ ରୁ ୭୯)	୩୫୦୦	୩୦୦	୩୨୦୦
ଭିନ୍ନକ୍ଷମ ଭତ୍ତା (୮୦% ଓ ତଦୁର୍ଦ୍ଧ୍ୱ ଭିନ୍ନକ୍ଷମତା ଓ ବୟସ ୮୦ ଓ ତଦୁର୍ଦ୍ଧ୍ୱ)	୩୫୦୦	୫୦୦	୩୦୦୦

(୨) ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଗତ କିଛି ମାସ ହେଲା ବ୍ୟାଙ୍କ ଖାତା ଜରିଆରେ ଠିକ ସମୟରେ ଟଙ୍କା ମିଳୁନଥିବାରୁ ବହୁତ ହଇରାଣ ହେବାକୁ ପଡ଼ିଛି । ଏଇ କଥାକୁ ନଜରରେ ରଖି ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ଏହି ନଭେମ୍ବର ମାସରୁ ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ସିଧାସଳଖ ନଗଦ (କ୍ୟାସ) ଆକାରରେ ଦିଆଯିବ । ଆଉ, ଭାରତ ସରକାରଙ୍କ ଭାଗ ଟଙ୍କା ପୂର୍ବ ଭଳି ସିଧା ବ୍ୟାଙ୍କ ଖାତାକୁ ଯିବ ।

(୩) ଅକ୍ଟୋବର ଓ ନଭେମ୍ବର - ଏହି ଦୁଇ ମାସର ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ଆସନ୍ତା ନଭେମ୍ବର ୨୫ ତାରିଖରେ ହିତାଧିକାରୀଙ୍କୁ ପଞ୍ଚାୟତ ଅଫିସ କିମ୍ବା ୱାର୍ଡ ଅଫିସରେ ନଗଦ ମିଳିବ । ଆଉ ଏହି ଦୁଇ ମାସର ଭାରତ ସରକାରଙ୍କ ଭାଗ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଯିବ ।

(୪) ଯେଉଁମାନେ ଏପ୍ରିଲରୁ ସେପ୍ଟେମ୍ବର ଭିତରେ କୌଣସି ମାସର ଭତ୍ତା ପାଇନାହାନ୍ତି, ସେମାନଙ୍କ ପୁରା ବାକିଆ ଟଙ୍କା ଖୁବ୍‌ଶୀଘ୍ର ବ୍ୟାଙ୍କ ଆକାଉଣ୍ଟରେ ଜମା କରିଦିଆଯିବ ।

(୫) ଆସନ୍ତା ଡିସେମ୍ବର ମାସରୁ ପ୍ରତି ମାସ ୧୫ ତାରିଖରେ ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ନିୟମିତ ନଗଦ (କ୍ୟାସ) ଆକାରରେ ପଞ୍ଚାୟତ ବା ୱାର୍ଡ ଅଫିସରୁ ବଣ୍ଟାଯିବ । ଭାରତ ସରକାରଙ୍କ ଭାଗ ଟଙ୍କା ପ୍ରତି ମାସରେ ସିଧା ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାରେ ଜମା ହେବ ।

(୬) ଆହୁରି ସରଳ ଭାବରେ ବୁଝିବା ପାଇଁ ନିମ୍ନରେ କେତେଗୁଡିଏ ଉଦାହରଣ ମଧ୍ୟ ଦିଆଯାଇଛି ।

ଉଦାହରଣ ୧ : ବାର୍ଦ୍ଧକ୍ୟ ଭତ୍ତା (୬୦ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୮୦୦ ଟଙ୍କା, ଭାରତ ସରକାର: ୨୦୦ ଟଙ୍କା, ମୋଟ ଭତ୍ତା: ୧୦୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୧୬୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୪୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୮୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୨୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୨ : ବାର୍ଦ୍ଧକ୍ୟ / ବିଧବା / ଭିନ୍ନକ୍ଷମ ଭତ୍ତା (୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ)

- ଓଡ଼ିଶା ସରକାର: ୩୦୦୦ ଟଙ୍କା, ଭାରତ ସରକାର: ୫୦୦ ଟଙ୍କା, ମୋଟ ଭତ୍ତା: ୩୫୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୬୦୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୧୦୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୩୦୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୫୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୩ : ବିଧବା ଭତ୍ତା (୪୦ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୭୦୦ ଟଙ୍କା, ଭାରତ ସରକାର: ୩୦୦ ଟଙ୍କା, ମୋଟ ଭତ୍ତା: ୧୦୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୧୪୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୬୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୭୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୩୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୪ : ଭିନ୍ନକ୍ଷମ ଭତ୍ତା (୧୬ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୩୨୦୦ ଟଙ୍କା, ଭାରତ ସରକାର: ୩୦୦ ଟଙ୍କା, ମୋଟ ଭତ୍ତା: ୩୫୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୬୪୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୬୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୩୨୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୩୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

OIPR-46001/46001/2/26-27/0011

ସାମାଜିକ ସୁରକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ବାହ'ଓ'ଲ୍ଲହଙ୍କର ଦିବ୍ୟ ଦୃଷ୍ଟିକୋଣ

ମାନବ ସଭ୍ୟତାର ଇତିହାସରେ ଈଶ୍ୱର ସର୍ବଦା ମାନବଜାତିକୁ ଆଧ୍ୟାତ୍ମିକ ଆଲୋକ, ନୈତିକ ଉନ୍ନତି ଏବଂ ସାମାଜିକ ପ୍ରଗତିର ପଥ ଦେଖାଇବା ପାଇଁ ଦିବ୍ୟ ଦୂତମାନଙ୍କୁ ପ୍ରେରଣ କରିଆସିଛନ୍ତି। ଇତିହାସର ବିଭିନ୍ନ ସମୟରେ ଏହି ଦିବ୍ୟ ଦୂତମାନେ ଆବିର୍ଭୂତ ହୋଇ ମାନବଜାତିର ଜ୍ଞାନ, ଚେତନା ଓ ଉପଲବ୍ଧିର ନୂତନ ଦିଗନ୍ତ ଉନ୍ମୋଚନ କରିଛନ୍ତି। ସେମାନଙ୍କର ଶିକ୍ଷା ମାନବ ସମାଜକୁ ଉଚ୍ଚତର ସଭ୍ୟତା ଓ ଉନ୍ନତ ଜୀବନଧାରା ଆଡ଼କୁ ଅଗ୍ରସର ହେବାର ପ୍ରେରଣା ଦେଇଆସିଛି।

ଏହି ମହାନ ଦିବ୍ୟ ଦୂତମାନଙ୍କ ମଧ୍ୟରେ ବାହ'ଓ'ଲ୍ଲହଙ୍କ ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁଇ ଶତାବ୍ଦୀ ପୂର୍ବେ ତାଙ୍କର ଆବିର୍ଭାବ ମାନବଜାତିର ଆଧ୍ୟାତ୍ମିକ ଇତିହାସରେ ଏକ ନୂତନ ଯୁଗର ଶୁଭାରମ୍ଭ କରିଥିଲା। ତାଙ୍କର ଶିକ୍ଷା ଏକ ଏପରି ଏକତାବଦ୍ଧ ବିଶ୍ୱର ସ୍ୱପ୍ନ ଉପସ୍ଥାପନ କରେ, ଯେଉଁଠାରେ ସମସ୍ତ ମନୁଷ୍ୟ ଶାନ୍ତି, ସଦ୍‌ଭାବନା ଓ ପାରସ୍ପରିକ ସମ୍ମାନର ସହିତ ଜୀବନଯାପନ କରିପାରିବେ।

ବାହ'ଓ'ଲ୍ଲହଙ୍କ ଜୀବନ ଓ ତାଙ୍କର ଦିବ୍ୟ ମିଶନ:

ବାହ'ଓ'ଲ୍ଲହଙ୍କ ଜୀବନର ପ୍ରାରମ୍ଭିକ ଦିନରୁ ହିଁ ତାଙ୍କୁ ଜାଣିଥିବା ଲୋକମାନେ ତାଙ୍କର ଅସାଧାରଣ ଜ୍ଞାନ, ଉତ୍କୃଷ୍ଟ ଚରିତ୍ର ଓ ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟିର ପରିଚୟ ପାଇଥିଲେ। କିନ୍ତୁ ତାଙ୍କର ଜୀବନ ଅସୀମ ଦୁଃଖ, ନିର୍ଯାତନା ଓ ପ୍ରତିକୂଳତାରେ ପରିପୂର୍ଣ୍ଣ ଥିଲା। ପ୍ରାୟ ଚାଳିଶ ବର୍ଷ ଧରି ସେ କାରାବାସ, ନିର୍ବାସନ, ସମ୍ପତ୍ତି ହରଣ ଏବଂ କ୍ଷମତାଶାଳୀ ଶାସକମାନଙ୍କର ଅବିରତ ବିରୋଧର ସମ୍ମୁଖୀନ ହୋଇଥିଲେ। ତାଙ୍କର ଅନୁଗାମୀମାନେ ମଧ୍ୟ ନିର୍ଯାତନାର ଶିକାର ହୋଇଥିଲେ ଏବଂ ତାଙ୍କର ବାର୍ତ୍ତାକୁ ଦମନ କରିବା ପାଇଁ ଅନେକ ପ୍ରୟାସ କରାଯାଇଥିଲା।


ଏତେ ସମସ୍ତ ଦୁଃଖ ଓ ନିର୍ଯାତନା ସତ୍ତ୍ୱେ ବାହ'ଓ'ଲ୍ଲହ ତାଙ୍କ ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ। ମାନବଜାତି ପ୍ରତି ତାଙ୍କର ପ୍ରେମ, ଧୈର୍ଯ୍ୟ, କରୁଣା ଓ କ୍ଷମାଶୀଳତା କେବେହେଲେ କ୍ଷୁଣ୍ଣ ହୋଇନଥିଲା। ଘୃଣାର ପ୍ରତିବଦଳରେ ଘୃଣା ପ୍ରଦର୍ଶନ ନ କରି ସେ ସହନଶୀଳତା, ପ୍ରେମ ଓ ମାନବିକତାର ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଥିଲେ। ତାଙ୍କର ଜୀବନ ନିଜେ ତାଙ୍କ ଶିକ୍ଷାର ସତ୍ୟତା ଓ ପରିବର୍ତ୍ତନକାରୀ ଶକ୍ତିର ଏକ ଜୀବନ୍ତ ପ୍ରମାଣ ଥିଲା। ତାଙ୍କ ଜୀବନ ଆମ ସମ୍ମୁଖରେ ଏକ ପ୍ରଶ୍ନ ଉପସ୍ଥାପନ କରେ: ଯେଉଁ ମହାନ ବ୍ୟକ୍ତିଙ୍କ ଜୀବନ ପ୍ରେମ, ଶାନ୍ତି ଓ ମାନବଜାତିର କଲ୍ୟାଣ ପାଇଁ ସମର୍ପିତ ଥିଲା, ସେ କାହିଁକି ଏତେ ତୀବ୍ର ବିରୋଧର ସମ୍ମୁଖୀନ ହେଲେ? ଇତିହାସ ଏହାର ଉତ୍ତର ଦେଇଥାଏ। ପ୍ରତ୍ୟେକ ଯୁଗରେ ଯେତେବେଳେ ଜଣେ ଦିବ୍ୟଦୂତ ଆବିର୍ଭୂତ ହୋଇ ନୂତନ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ କରିଛନ୍ତି, ସେତେବେଳେ ପ୍ରଚଳିତ କ୍ଷମତା ଓ ସ୍ୱାର୍ଥଭିତ୍ତିକ ବ୍ୟବସ୍ଥା ତାହାର ବିରୋଧ କରିଛି। ତଥାପି ସତ୍ୟର ଆଲୋକ କେବେହେଲେ ନିର୍ବାପିତ ହୋଇନାହିଁ।


ତାଙ୍କର ଲେଖନୀର ପରିବର୍ତ୍ତନକାରୀ ଶକ୍ତି :

ବାହ'ଓ'ଲ୍ଲହଙ୍କର ପବିତ୍ର ଲେଖନୀ ଆଧ୍ୟାତ୍ମିକ ଜ୍ଞାନ ଓ ପ୍ରଜ୍ଞାର ଏକ ବିଶାଳ ସାଗର। ତାଙ୍କର ପ୍ରାର୍ଥନା, ଉପଦେଶ ଓ ପବିତ୍ର ବାଣୀ ବ୍ୟକ୍ତିଗତ ଆଧ୍ୟାତ୍ମିକ ବିକାଶ ସହିତ ସମାଜର ପରିବର୍ତ୍ତନ ପାଇଁ ମଧ୍ୟ ମାର୍ଗଦର୍ଶନ ପ୍ରଦାନ କରେ। ଏହା ମନୁଷ୍ୟକୁ ସ୍ୱାର୍ଥପରତା, ଅତ୍ୟଧିକ ଭୌତିକ ଆସକ୍ତି ଓ ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠିବାକୁ ପ୍ରେରଣା ଦିଏ।ତାଙ୍କର ଶିକ୍ଷା ମନୁଷ୍ୟକୁ ସତ୍ୟନିଷ୍ଠା, ନ୍ୟାୟପରାୟଣତା, ଦୟା, ବିନମ୍ରତା, ଉଦାରତା ଓ କରୁଣା ଭଳି ମହତ୍ ଗୁଣଗୁଡ଼ିକର ବିକାଶ କରିବାକୁ ଆହ୍ୱାନ କରେ। ଏହା ମନୁଷ୍ୟକୁ ନିଜର ଆଧ୍ୟାତ୍ମିକ ସ୍ୱରୂପକୁ ଚିହ୍ନିବା ଏବଂ ଉଚ୍ଚତର ନୈତିକ ମୂଲ୍ୟବୋଧ ଅନୁଯାୟୀ ଜୀବନଯାପନ କରିବାକୁ ଶିକ୍ଷା ଦିଏ। ଶିଶୁମାନଙ୍କୁ ଉତ୍ତମ ଚରିତ୍ରବାନ୍ ଓ ସମାଜ ପ୍ରତି ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ିତୋଳିବାରେ ଅଭିଭାବକମାନଙ୍କ ପାଇଁ ମଧ୍ୟ ତାଙ୍କର ଲେଖନୀ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରେ। ଶିକ୍ଷା କେବଳ ବୌଦ୍ଧିକ ଜ୍ଞାନର ବିକାଶରେ ସୀମିତ ନ ରହି ନୈତିକ ଓ ଆଧ୍ୟାତ୍ମିକ ଗୁଣର ବିକାଶ କରିବା ଉଚିତ ବୋଲି ଏହା ଗୁରୁତ୍ୱ ଦିଏ।

ଧର୍ମଗୁଡ଼ିକର ଏକତା:

ବାହ'ଓ'ଲ୍ଲହଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ସମସ୍ତ ଧର୍ମର ମୌଳିକ ଏକତା। ପୃଥିବୀର ବିଭିନ୍ନ ଧର୍ମ ସେମାନଙ୍କର ଐତିହାସିକ ରୂପ, ସଂସ୍କୃତି ଓ ପ୍ରକାଶନ ଶୈଳୀରେ ଭିନ୍ନ ହୋଇଥିଲେ ମଧ୍ୟ ସେମାନଙ୍କର ଉତ୍ସ ଏକ ଏବଂ ସେମାନଙ୍କର ମୂଳ ଉଦ୍ଦେଶ୍ୟ ମାନବଜାତିର ଆଧ୍ୟାତ୍ମିକ ବିକାଶ ଓ ସାମାଜିକ ପ୍ରଗତି।କାଳକ୍ରମେ ଧାର୍ମିକ ଶିକ୍ଷାଗୁଡ଼ିକ ସହିତ ବିଭିନ୍ନ ମାନବୀୟ ବ୍ୟାଖ୍ୟା, ସାଂସ୍କୃତିକ ପ୍ରଥା ଓ





ଅନ୍ଧବିଶ୍ୱାସ ମିଶିଯାଇଛି। ଏହା ଅନେକ ସମୟରେ ଧର୍ମଗୁଡ଼ିକ ମଧ୍ୟରେ ବିଭେଦ, ଭୁଲ୍ ବୁଝାମଣା ଓ ସଂଘର୍ଷର କାରଣ ହୋଇଛି।ବାହ'ଓ'ଲ୍ଲହ ମାନବଜାତିକୁ ଏହି ବାହ୍ୟ ପାର୍ଥକ୍ୟଗୁଡ଼ିକର ଉର୍ଦ୍ଧ୍ୱକୁ ଉଠି ସମସ୍ତ ଧର୍ମର ମୌଳିକ ଆଧ୍ୟାତ୍ମିକ ଏକତାକୁ ଚିହ୍ନିବାକୁ ଆହ୍ୱାନ କରନ୍ତି। ଧର୍ମ ମନୁଷ୍ୟ ମଧ୍ୟରେ ବିଭେଦର କାରଣ ନ ହୋଇ ପ୍ରେମ, ଏକତା, ନ୍ୟାୟ ଓ ଶାନ୍ତିର ବାହକ ହେବା ଉଚିତ।

ମାନବଜାତିର ଏକତା ଓ ସମାଜର ପରିବର୍ତ୍ତନ:

ବାହ'ଓ'ଲ୍ଲହଙ୍କର ଦୃଷ୍ଟିକୋଣ କେବଳ ବ୍ୟକ୍ତିଗତ ଆଧ୍ୟାତ୍ମିକ ବିକାଶରେ ସୀମିତ ନୁହେଁ; ଏହା ସମଗ୍ର ମାନବ ସମାଜର ପରିବର୍ତ୍ତନକୁ ଲକ୍ଷ୍ୟ କରେ। ସମସ୍ତ ମନୁଷ୍ୟ ଏକ ବିଶାଳ ମାନବ ପରିବାରର ସଦସ୍ୟ ବୋଲି ଉପଲବ୍ଧି କରିବା ଆବଶ୍ୟକ। ଜାତି, ଧର୍ମ, ଭାଷା, ବର୍ଣ୍ଣ, ଜାତୀୟତା କିମ୍ବା ସାମାଜିକ ପୃଷ୍ଠଭୂମି ଯାହା ହେଉନା କାହିଁକି, ସମସ୍ତେ ଏକ ମାନବ ପରିବାରର ଅଂଶ। ତାଙ୍କର ଶିକ୍ଷା ଅନୁସାରେ ଭବିଷ୍ୟତର ସଭ୍ୟତା ନ୍ୟାୟ, ସମାନତା, ସହଯୋଗ ଓ ପାରସ୍ପରିକ ସମ୍ମାନ ଉପରେ ଆଧାରିତ ହେବା ଉଚିତ। ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ମଧ୍ୟରେ ସମ୍ପର୍କର ମୂଳ ଆଧାର ହେବା ଆବଶ୍ୟକ ମାନବଜାତିର ଏକତା। ବିଜ୍ଞାନ ଓ ଧର୍ମର ମଧ୍ୟରେ ସମନ୍ୱୟ ମଧ୍ୟ ତାଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା। ମାନବଜାତିର ପ୍ରଗତି ପାଇଁ ଉଭୟ ଅପରିହାର୍ଯ୍ୟ। ବିଜ୍ଞାନ ଆମକୁ ଭୌତିକ ଜଗତକୁ ବୁଝିବା ଓ ଜୀବନର ମାନ ଉନ୍ନତ କରିବାର ଉପାୟ ଦେଇଥାଏ; ଅନ୍ୟପକ୍ଷରେ ଧର୍ମ ଆମକୁ ନୈତିକ ଦିଗ୍‌ଦର୍ଶନ ଓ ଆଧ୍ୟାତ୍ମିକ ଉଦ୍ଦେଶ୍ୟ ପ୍ରଦାନ କରେ। ଏହି ଦୁଇ ଜ୍ଞାନର ଉତ୍ସ ପରସ୍ପର ସହଯୋଗ କଲେ ହିଁ ସଭ୍ୟତାର ସନ୍ତୁଳିତ ବିକାଶ ସମ୍ଭବ।

ଶାନ୍ତି ଓ ପ୍ରଗତିର ଶକ୍ତି ଭାବେ ଧର୍ମ:

ବାହ'ଓ'ଲ୍ଲହ ଧର୍ମକୁ ଏକତା ସ୍ଥାପନ,ଚ ସେବାଭାବ ଜାଗ୍ରତ ଏବଂ ଶାନ୍ତି ପ୍ରତିଷ୍ଠା କରିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଉପସ୍ଥାପନ କରନ୍ତି। ଧର୍ମର ପ୍ରକୃତ ମୂଲ୍ୟ ଏହାରେ ନିହିତ ଯେ ଏହା ମନୁଷ୍ୟର ଚରିତ୍ରକୁ କେତେ ପରିବର୍ତ୍ତନ କରୁଛି, ସମାଜରେ କେତେ ଗଠନମୂଳକ କାର୍ଯ୍ୟକୁ ପ୍ରେରଣା ଦେଉଛି ଏବଂ ମନୁଷ୍ୟ ମଧ୍ୟରେ ଭ୍ରାତୃତ୍ୱର ବନ୍ଧନକୁ କେତେ ସୁଦୃଢ଼ କରୁଛି।ଯେତେବେଳେ ଧର୍ମକୁ ଘୃଣା, ପକ୍ଷପାତ, ଧର୍ମାନ୍ଧତା କିମ୍ବା ବିଭେଦ ସୃଷ୍ଟି କରିବାରେ ବ୍ୟବହାର କରାଯାଏ, ସେତେବେଳେ ଏହା ନିଜର ମୌଳିକ ଉଦ୍ଦେଶ୍ୟ ହରାଇଥାଏ। ପ୍ରକୃତ ଧର୍ମ ମନୁଷ୍ୟକୁ ପରସ୍ପର ପାଇଁ କାର୍ଯ୍ୟ କରିବାକୁ ଏବଂ ସମାଜର ମଙ୍ଗଳ ପାଇଁ ଅବଦାନ ରଖିବାକୁ ପ୍ରେରିତ କରିବା ଉଚିତ।ବାହ'ଓ'ଲ୍ଲହ ହିଂସା, ଘୃଣା, ରାଜନୈତିକ ଶତ୍ରୁତା ଓ ସଂଘର୍ଷ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଆଣିବାର ପଦ୍ଧତିକୁ ସମର୍ଥନ କରନ୍ତି ନାହିଁ। ଏପରି ପଦ୍ଧତି ସାମୟିକ ପରିବର୍ତ୍ତନ ଆଣିପାରେ, କିନ୍ତୁ ଏହା ପ୍ରାୟତଃ ନୂତନ ବିଭେଦ ଓ ସମସ୍ୟା ସୃଷ୍ଟି କରେ।ଏହାର ପରିବର୍ତ୍ତେ ସେ ଆଧ୍ୟାତ୍ମିକ ଜାଗରଣ, ନୈତିକ ଶିକ୍ଷା, ପରାମର୍ଶ, ସହଯୋଗ ଓ ନିଃସ୍ୱାର୍ଥ ସେବା ମାଧ୍ୟମରେ ସମାଜର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଅନ୍ତି।

ପ୍ରତ୍ୟେକ ବ୍ୟକ୍ତିର ଦାୟିତ୍ୱ:

ବାହ'ଓ'ଲ୍ଲହଙ୍କର ଶିକ୍ଷା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁକ୍ତ ମନ ଓ ନିଷ୍ଠାପୂର୍ଣ୍ଣ ହୃଦୟରେ ସତ୍ୟର ସ୍ୱାଧୀନ ଅନ୍ୱେଷଣ କରିବାକୁ ଆମନ୍ତ୍ରଣ କରେ। ପ୍ରତ୍ୟେକ ମନୁଷ୍ୟର ଦାୟିତ୍ୱ ହେଉଛି ଦିବ୍ୟଦୂତମାନଙ୍କର ଶିକ୍ଷାକୁ ଅଧ୍ୟୟନ କରିବା, ତାହାର ସତ୍ୟତାକୁ ଅନୁଧ୍ୟାନ କରିବା ଏବଂ ବ୍ୟକ୍ତିଗତ ଓ ସାମୂହିକ ଜୀବନରେ ତାହାର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ସମାଜର ପରିବର୍ତ୍ତନ କେବଳ ସରକାର କିମ୍ବା ସଂସ୍ଥାଗୁଡ଼ିକ ଦ୍ୱାରା ସମ୍ଭବ ନୁହେଁ। ଏଥିପାଇଁ ଆଧ୍ୟାତ୍ମିକ ଚେତନାସମ୍ପନ୍ନ, ନୈତିକ ଦାୟିତ୍ୱବୋଧ ଥିବା ଏବଂ ସମାଜର ସାମୂହିକ ମଙ୍ଗଳ ପାଇଁ ସମର୍ପିତ ବ୍ୟକ୍ତିମାନଙ୍କର ଆବଶ୍ୟକତା ରହିଛି। ପରିବାର, ଶିକ୍ଷାନୁଷ୍ଠାନ, ସମୁଦାୟ ଓ ରାଷ୍ଟ୍ର—ସମସ୍ତଙ୍କର ଏହି ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଉପସଂହାର:

ବାହ'ଓ'ଲ୍ଲହଙ୍କର ଜୀବନ ଓ ଶିକ୍ଷା ଆଜିର ଆହ୍ୱାନପୂର୍ଣ୍ଣ ବିଶ୍ୱ ପାଇଁ ଏକ ଗଭୀର ଆଶା ଓ ପ୍ରେରଣାର ବାର୍ତ୍ତା ବହନ କରେ। ତାଙ୍କର ବାର୍ତ୍ତା ହେଉଛି ସାର୍ବଜନୀନ ପ୍ରେମ, ନ୍ୟାୟ, ଆଧ୍ୟାତ୍ମିକ ନବଜାଗରଣ ଓ ସମଗ୍ର ମାନବଜାତିର ଏକତା। ତାଙ୍କର ଜୀବନ ପ୍ରତିକୂଳତା ମଧ୍ୟରେ ଅବିଚଳ ରହିବା ଓ କରୁଣା ପ୍ରଦର୍ଶନ କରିବାର ଏକ ମହାନ ଉଦାହରଣ; ତାଙ୍କର ଲେଖନୀ ବ୍ୟକ୍ତି ଓ ସମାଜର ସାମୂହିକ ପରିବର୍ତ୍ତନ ପାଇଁ ଏକ ଦିଗ୍‌ଦର୍ଶନ ପ୍ରଦାନ କରେ।ଏହି ଦିବ୍ୟ ବାର୍ତ୍ତା ପ୍ରତି ମାନବଜାତିର ସର୍ବଶ୍ରେଷ୍ଠ ପ୍ରତିକ୍ରିୟା ହେଉଛି ତାଙ୍କର ଶିକ୍ଷାଗୁଡ଼ିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବା—ଉତ୍ତମ ଚରିତ୍ର ଗଠନ କରିବା, ସମସ୍ତ ଧର୍ମର ଏକତାକୁ ସ୍ୱୀକାର କରିବା, ବିଜ୍ଞାନ ଓ ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା, ନିଃସ୍ୱାର୍ଥ ଭାବରେ ଅନ୍ୟମାନଙ୍କର ସେବା କରିବା ଏବଂ ଏକ ଶାନ୍ତିପୂର୍ଣ୍ଣ ଓ ଏକତାବଦ୍ଧ ବିଶ୍ୱ ଗଠନ ପାଇଁ ନିରନ୍ତର ପ୍ରୟାସ କରିବା। ଏହି ଶିକ୍ଷାଗୁଡ଼ିକର ଚରମ ଉଦ୍ଦେଶ୍ୟ କେବଳ ବ୍ୟକ୍ତିବିଶେଷଙ୍କୁ ପ୍ରେରଣା ଦେବା ନୁହେଁ; ବରଂ ସମଗ୍ର ମାନବ ପରିବାରର ଆଧ୍ୟାତ୍ମିକ ଓ ଭୌତିକ ଉନ୍ନତି ଉପରେ ଆଧାରିତ ଏକ ନୂତନ ସଭ୍ୟତା ଗଠନ କରିବା।

କଂସ ବଧ ନିମନ୍ତେ ମାନବ ଅବତାର

ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଧରାବତରଣ କରିଥିଲେ ଭଗବାନ ବିଷ୍ଣୁ । ଏହା ଥିଲା ତାଙ୍କର ଶ୍ରୀକୃଷ୍ଣ ଅବତାର । କଂସଦ୍ୱାରା ବନ୍ଦୀ ଭଗ୍ନୀ ଦେବକୀଙ୍କ ଗର୍ଭରୁ ବନ୍ଦିଶାଳାରେ ଅର୍ଦ୍ଧ ରାତ୍ରିରେ ରୋହିଣୀ ନକ୍ଷତ୍ର- ବୃଷରାଶିର ସଂଯୋଗ ସମୟରେ କୃଷ୍ଣ ଜନ୍ମ ଲାଭ କରିଥିଲେ । ବନ୍ଦୀଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ । ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ । ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ଜନ୍ମ ନେଇଛନ୍ତି । ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ । ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ, ତେଣୁ ସେଠାରେ ଜନ୍ମ ନେଇଥିବା ବିଜୁଳି କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ



ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ଥୋଇଦେଇ ଆସିବାକୁ ପିତାଙ୍କୁ କହିଲେ । ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରାତିରେ ବାହାରିଲେ । ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହେଇଗଲା, ବସୁଦେବଙ୍କ ଗୋଡ଼ରୁ ବେଡ଼ି ଖୋଲିଗଲା ଏବଂ ବନ୍ଦିଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା। ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା। ନଦୀ ପାର ହୋଇ ଗୋପପୁର ଗଲେ । ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ବାସୁକି ନିଜର ବିଶାଳ ଅନନ୍ତ ଫଣା ଢାଙ୍କି ଚାଲିଲେ ।ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦଘରେ ଛାଡିଥିଲେ ବସୁଦେବ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ । ଭଗବାନ କୃଷ୍ଣଙ୍କ ଏହି ଜନ୍ମ ଦିବସକୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣାଷ୍ଟମୀ, ସାତମ୍ ଆଠମ୍, ଗୋକୁଳାଷ୍ଟମୀ, ଅଷ୍ଟମୀ ରୋହିଣୀ, ଶ୍ରୀକୃଷ୍ଣ ଜୟନ୍ତୀ ଓ ଶ୍ରୀଜୟନ୍ତୀ ନାମରେ ମଧ୍ୟ ଜଣାଯାଏ ।

ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହୋଇଗଲା, ବସୁଦେବଙ୍କ ଗୋଡ଼ରୁ ବେଡ଼ି ଖୋଲିଗଲା ଏବଂ ବନ୍ଦିଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା।

ଭଜ ଗୋବିନ୍ଦ ଗୋବିନ୍ଦ ଭଜ...



'ମୋହମୁଦ୍‌ଗରଃ' ଶ୍ରୀଶଙ୍କରାଚାର୍ଯ୍ୟଙ୍କ ବିରଚିତ ଏକ ସୁପ୍ରସିଦ୍ଧ ସଂସ୍କୃତ ରଚନା। ଏଥିରେ ଗୋବିନ୍ଦଙ୍କୁ ଭଜନ ନ କରୁଥିବା ମନୁଷ୍ୟମାନଙ୍କୁ ମୂଢ଼ମତି ବୋଲି କୁହାଯାଇ, ଗୋବିନ୍ଦଙ୍କୁ ଭଜନ କରିବା ପାଇଁ କୁହାଯାଇଛି। ଉପରୋକ୍ତ ସୁଭାଷିତ, ୨୦ଟି ଶ୍ଳୋକ ବିଶିଷ୍ଟ ସେହି 'ମୋହମୁଦ୍‌ଗରଃ'ର ଅଷ୍ଟମ ଶ୍ଳୋକ। ଭଗବାନ ବିଷ୍ଣୁଙ୍କର ଫାଲଗୁନ ମାସର ନାମ 'ଗୋବିନ୍ଦ'। ଏହା 'ବିଷ୍ଣୁ ସହସ୍ର ନାମର ୨୦ତମ ଶ୍ଳୋକରେ ରହିଛି। ଏବଂ ଏହା ୧୮୭ତମ ନାମ। ଏହି ନାମର ତାତ୍ପର୍ଯ୍ୟ ସଂପର୍କରେ ସ୍ୱାମୀ ଚିନ୍ମୟାନନ୍ଦ କହିଛନ୍ତି– 'ଗୋ' ଶବ୍ଦର ଚାରିଟି ଅର୍ଥ ରହିଛି। ତାହା ହେଉଛି ଧରିତ୍ରୀ, ଗାଈ, ବୀଣା ଓ ବେଦ। ଯେଉଁପରି ଧରିତ୍ରୀ ସମସ୍ତଙ୍କର ଆଶ୍ରୟଦାତା, ଠିକ୍ ସେହିପରି, ପ୍ରାଣୀର ଅନ୍ତର୍ନିହିତ ସତ୍ତାର ଆଶ୍ରୟଦାତା ହେଉଛନ୍ତି ବିଷ୍ଣୁ। ସେହିପରି, ଯିଏ ଗୋରକ୍ଷକ ଏବଂ ଗୋକୁଳରେ ଗୋପାଳର ଭୂମିକା ନିର୍ବାହ କରିଛନ୍ତି, ସେ ମଧ୍ୟ ମନୁଷ୍ୟ ହୃଦୟରେ ପଶୁ ପ୍ରବୃତ୍ତିର ନିୟନ୍ତକ। ସେହି ଈଶ୍ୱର, ଯାହାଙ୍କ ବିନା କଣ୍ଠରୁ ବାଣୀର ସ୍ଫୁରଣ ହୋଇପାରେନା– ସେ ହିଁ ସକଳ ଜୀବର ଜୀବନ। ସେ ହିଁ ସର୍ବୋତ୍ତମ ବାଣୀ ଓ ଶବ୍ଦର ରଚୟିତା। 'ମୋହମୁଦ୍‌ଗରଃ'ର ଉପରୋକ୍ତ ସୁଭାଷିତରେ ଆଦି ଶଙ୍କରାଚାର୍ଯ୍ୟ କହିଛନ୍ତି– ଦିନ, ରାତି, ସନ୍ଧ୍ୟା ଓ ପ୍ରଭାତ, ଏ ସବୁ ଠିକ୍ ସମୟରେ ଆସୁଛନ୍ତି। ଶିଶିର ଓ ବସନ୍ତ ଆଦି ଋତୁମାନେ ଯାଉଛନ୍ତି ପୁଣି ଆସୁଛନ୍ତି। କାଳ ଏହିପରି ଭାବରେ କ୍ରୀଡ଼ା କରୁଛି। ମନୁଷ୍ୟର ଆୟୁ, ପ୍ରତିଦିନ କ୍ଷୟ ହେଉଛି। ତଥାପି ତା'ର ଆଶା ଓ କାମନାର ପ୍ରବାହ କ୍ଷୀଣ ହେଉନାହିଁ। ଏଣୁ ହେ ମୂଢ଼ମତି ମନୁଷ୍ୟ! ଗୋବିନ୍ଦଙ୍କୁ ଭଜନ କର। ଏହି ସ୍ତୋତ୍ରର ରଚନା ସହିତ ଜଡିତ ଏକ କିମ୍ବଦନ୍ତୀ ଅଛି। କୁହାଯାଏ ଯେ ଆଦି ଶଙ୍କରାଚାର୍ଯ୍ୟ ତାଙ୍କ ଶିଷ୍ୟମାନଙ୍କ ସହିତ ଦିନେ ବାରାଣସୀର ଏକ ରାସ୍ତାରେ ଯାଉଥିଲେ, ଯେତେବେଳେ ସେ ରାସ୍ତାରେ ଜଣେ ବୃଦ୍ଧ ବିଦ୍ୱାନଙ୍କୁ ବାରମ୍ବାର ପାଣିନିଙ୍କ ସଂସ୍କୃତ ବ୍ୟାକରଣର ନିୟମ ପାଠ କରୁଥିବାର ଦେଖିଲେ। ତାଙ୍କ ପ୍ରତି ଦୟା ପ୍ରକାଶ କରି, ଆଦି ଶଙ୍କରାଚାର୍ଯ୍ୟ ସେହି ବିଦ୍ୱାନଙ୍କ ପାଖକୁ ଗଲେ ଏବଂ ତାଙ୍କୁ ପରାମର୍ଶ ଦେଲେ ଯେ ତାଙ୍କ ବୟସରେ ବ୍ୟାକରଣରେ ସମୟ ନଷ୍ଟ ନ କରି, ବରଂ ପୂଜା ଏବଂ ଆରାଧନାରେ ଈଶ୍ୱରଙ୍କ ପ୍ରତି ତାଙ୍କର ମନକୁ ଫେରାଇ ଆଣନ୍ତୁ, ଯାହା ତାଙ୍କୁ କେବଳ ଜୀବନ ଏବଂ ମୃତ୍ୟୁର ଏହି ଦୁଷ୍ଟଚକ୍ରରୁ ରକ୍ଷା କରିପାରିବ। 'ଭଜ ଗୋବିନ୍ଦମ୍' ସ୍ତୋତ୍ର ଏହି ଅବସରରେ ରଚିତ ହୋଇଥିବା କୁହାଯାଏ। ଏହି ରଚନାଟି ଏକ ସ୍ମରଣକାରୀ ଯେ ଆଦି ଶଙ୍କରାଚାର୍ଯ୍ୟ, ଯାହାଙ୍କୁ ପ୍ରାୟତଃ ମୋକ୍ଷ ପ୍ରାପ୍ତ କରିବା ପାଇଁ ଜ୍ଞାନ ମାର୍ଗ କିମ୍ବା 'ଜ୍ଞାନର ପଥ' ର ପୁନର୍ଜୀବକ ଭାବରେ ବିବେଚନା କରାଯାଏ, ସମାନ ଲକ୍ଷ୍ୟ ହାସଲ କରିବା ପାଇଁ ଭକ୍ତି ମାର୍ଗ (ଭକ୍ତିର ପଥ) ର ପ୍ରବକ୍ତା ଥିଲେ। ସି. ରାଜଗୋପାଳଚାରୀ ତାଙ୍କ ବ୍ୟାଖ୍ୟାରେ କହିଛନ୍ତି, 'ଯେତେବେଳେ ବୁଦ୍ଧି (ଜ୍ଞାନ) ପରିପକ୍ୱ ହୁଏ ଏବଂ ହୃଦୟରେ ସୁରକ୍ଷିତ ଭାବରେ ସ୍ଥାନ ପାଏ, ତାହା ଜ୍ଞାନ (ବିଜ୍ଞାନ) ହୋଇଯାଏ। ଯେତେବେଳେ ସେହି ଜ୍ଞାନ (ବିଜ୍ଞାନ) ଜୀବନ ସହିତ ଏକୀକୃତ ହୋଇ କାର୍ଯ୍ୟରେ ପ୍ରକାଶିତ ହୁଏ, ତାହା ଭକ୍ତି (ଭକ୍ତି) ହୋଇଯାଏ। ପରିପକ୍ୱ ହୋଇଥିବା ଜ୍ଞାନ (ଜ୍ଞାନ)କୁ ଭକ୍ତି (ଭକ୍ତି) କୁହାଯାଏ। ଯଦି ଏହା ଭକ୍ତି (ଭକ୍ତି)ରେ ରୂପାନ୍ତରିତ ନ ହୁଏ, ତେବେ ଏପରି ଜ୍ଞାନ ଅଦରକାରୀ।

ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ



ହିନ୍ଦୁ ଧର୍ମରେ ତିନି ଜଣ ମୁଖ୍ୟ ଦେବତା ଅଛନ୍ତି: ବ୍ରହ୍ମା, ବିଷ୍ଣୁ ଏବଂ ମହେଶ। ମହେଶ ହେଉଛି ଭଗବାନ ଶଙ୍କରଙ୍କ ନାମ। ମହାଦେବ ଅନନ୍ତ। ଶାସ୍ତ୍ରରେ, ସୋମବାର ତାଙ୍କ ପାଇଁ ଉତ୍ସର୍ଗୀକୃତ। ତାଙ୍କ ପାଇଁ ଅନେକ ବିଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ ଉପବାସ ଅଛି, ଯାହା ପାଳନ କରିବା ଦ୍ୱାରା ଭକ୍ତମାନଙ୍କୁ ବିଶେଷ ଲାଭ ମିଳିଥାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭକ୍ତମାନେ ପ୍ରତିଦିନ ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତି। ବିଶ୍ୱାସ କରାଯାଏ ଯେ କେବଳ ଶିବଲିଙ୍ଗକୁ ଜଳ ଅର୍ପଣ କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୁଅନ୍ତି ଏବଂ ତାଙ୍କର ଆଶୀର୍ବାଦ ପ୍ରଦାନ କରନ୍ତି। ମହାଶିବରାତ୍ରି, ଶ୍ରାବଣ ମାସ, ପ୍ରଦୋଷ ବ୍ରତ ଏବଂ ମାସିକ ଶିବରାତ୍ରି ଭଳି ଉପବାସରେ, ଶିବଲିଙ୍ଗକୁ ଜଳରେ ଅଭିଷେକ କରି ପୂଜା କରାଯାଏ। କିନ୍ତୁ ଜାଣନ୍ତି କି ? ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ ? ଶିବଲିଙ୍ଗ ପୂଜା ପଛର ରହସ୍ୟ ଏଥର ଅନୁସନ୍ଧାନ କରିବା।

ବେଦ ଅନୁସାରେ...

ବେଦ ଅନୁସାରେ, ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡରେ ଏକମାତ୍ର ଦେବତା ଯାହାଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ କାରଣ ସେ ସମଗ୍ର ବ୍ରହ୍ମାଣ୍ଡର ମୂଳ କାରଣ। ଭଗବାନ ଶିବଙ୍କୁ ଆରମ୍ଭ ଏବଂ ଶେଷର ଦେବତା ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କର କୌଣସି ଆକାର ନାହିଁ କିମ୍ବା ଆକାର ନାହିଁ। ମହାଦେବଙ୍କୁ ନିରାକାର ବୋଲି ବିବେଚନା କରାଯାଏ। ଭଗବାନ ଶିବଙ୍କ କୌଣସି ଆରମ୍ଭ କିମ୍ବା ଶେଷ ନଥିବାରୁ, ଲିଙ୍ଗକୁ ଭଗବାନ ଶିବଙ୍କ ନିରାକାର ରୂପ ଭାବରେ ବିବେଚନା କରାଯାଏ। ଭଗବାନଙ୍କ ସାକାର ରୂପ ହେଉଛନ୍ତି ଭଗବାନ ଶଙ୍କର, ଏବଂ ନିରାକାର ରୂପ ହେଉଛି ଶିବଲିଙ୍ଗ। ଶିବଲିଙ୍ଗ ନିରାକାର ବ୍ରହ୍ମକୁ ପ୍ରତୀକ କରେ। ବାୟୁ ପୁରାଣ ଅନୁସାରେ, ପ୍ରତ୍ୟେକ ଯୁଗର ମହାକାଳ ପରେ, ଜଗତ ଏହି ଶିବଲିଙ୍ଗରେ ଲୀନ ହୁଏ, ଯାହା ପରେ ଜଗତକୁ ପୁନଃନିର୍ମାଣ କରେ। ବେଦରେ, ଲିଙ୍ଗ ଶବ୍ଦ ସୂକ୍ଷ୍ମ ଶରୀର ପାଇଁ ବ୍ୟବହୃତ ହୋଇଛି। ଏହା ୧୭ଟି ଉପାଦାନରେ ଗଠିତ।

ଶିବଲିଙ୍ଗର ଉତ୍ପତ୍ତି କିପରି ହୋଇଥିଲା ?



ପୁରାଣ ଅନୁସାରେ, ଥରେ ବ୍ରହ୍ମା ଏବଂ ଭଗବାନ ବିଷ୍ଣୁ କିଏ ଶ୍ରେଷ୍ଠ ତାହା ଉପରେ ଯୁକ୍ତିତର୍କ କରିଥିଲେ। ଉଭୟେ ନିଜର ଶ୍ରେଷ୍ଠତା ଦାବି କରିଥିଲେ। ହଠାତ୍ ଏକ ଲିଙ୍ଗ ଦେଖାଗଲା। ଉଭୟ ଦେବତା ଏହାର ଉତ୍ସ ଖୋଜିବାକୁ ଚେଷ୍ଟା କଲେ, କିନ୍ତୁ ହଜାର ହଜାର ବର୍ଷ ପରେ ମଧ୍ୟ ସେମାନେ ଏହାର ଉତ୍ସ ପାଇ ପାରିଲେ ନାହିଁ। ବ୍ରହ୍ମା ତା'ପରେ ଆଲୋକ ସ୍ତମ୍ଭ ବିଷୟରେ ପଚାରିଲେ ଏବଂ ଉତ୍ତର ଆସିଲା, ପ୍ରକାଶ କଲେ ଯେ ଏହା ଶିବ। ତାଙ୍କଠାରୁ ଜୀବନର ସମସ୍ତ ଉତ୍ସ ଉତ୍ପନ୍ନ ହୋଇଥିଲା। ଏପରିକି ବ୍ରହ୍ମା ଏବଂ ବିଷ୍ଣୁ ମଧ୍ୟ ତାଙ୍କଠାରୁ ଜନ୍ମ ହୋଇଥିଲେ। କୁହାଯାଏ ଯେ ଏହା ପରେ ହିଁ ଭଗବାନ ଶିବ ତାଙ୍କର ନିରାକାର ରୂପରେ ଏକ ଶିବଲିଙ୍ଗ ଭାବରେ ପ୍ରତିଷ୍ଠିତ ହୋଇଥିଲେ। ଭଗବାନ ବ୍ରହ୍ମା ଏବଂ ବିଷ୍ଣୁ ସେହି ଶିବଲିଙ୍ଗକୁ ପୂଜା କରିବା ଆରମ୍ଭ କରିଥିଲେ। ସେବେଠାରୁ, ଶିବଲିଙ୍ଗ ପୂଜା କରିବାର ପରମ୍ପରା ଆରମ୍ଭ ହୋଇଥିଲା।

ଦିନଲିପି

୧୧ .୧୧. ୨୦୨୬ ବୁଧବାର

ଚାରି ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଲେ ପି.ସି.ସି ସଭାପତି

ବାଲିଚନ୍ଦ୍ରପୁର,(ନିପ୍ର): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳିପୁର ଗ୍ରାମରେ ଶନିବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଦୁଇ ଜଣ ମହିଳା ଓ ଦୁଇଜଣ ଶିଶୁ ନିଆଁରେ ପୋଡି ମୃତ୍ୟୁ ଘଟିଥିଲା।। ଅନ୍ୟ ଜଣେ ବ୍ୟକ୍ତି କଟକ ବଡମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏଭଳି ଦୁଃଖର ଖବର ପ୍ରସାରିତ ହେବାପରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୃତକଙ୍କ ପରିବାରଙ୍କୁ ଭେଟି ଏଥିରେ ମ୍ରିୟମାଣ ହେବା ସହିତ ତାଙ୍କର ଗଭୀର ସମବେଦନା ଜଣାଇବା ପାଇଁ ପରିବାର ବର୍ଗଙ୍କ ପାଖରେ ପହଂଚି ଥିଲେ। ତାଙ୍କ ସହିତ ଓଡିଶା କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ ଦାସ, କଂଗ୍ରେସ ନେତା ଡ଼ ସନ୍ତୋଷ କୁମାର ବଳ, ମାହାଙ୍ଗା କଂଗ୍ରେସ ନେତା ସେକ ମସୁତ ଅଲ୍ଲୀ, କଂଗ୍ରେସ ନେତା ଅଜୟ କୁମାର ସାମଲ, ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ଏ. ଆଇ. ସି. ସି ସଦସ୍ୟ ହଳଧର ସେଠୀ, ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଚରଣ ଜେନା, ପ୍ରମୁଖ ବହୁ ଶତାଧିକ ଯୁବ ଛାତ୍ର କଂଗ୍ରେସ କର୍ମୀ ଏଥିରେ ସାମିଲ ହୋଇଥିଲେ। ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ସହିତ ଚାରି ମୃତକଙ୍କ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପାଣ୍ଠିରୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ।

ଆସିକା ଓ ଧରାକୋଟ ଅଞ୍ଚଳରେ କ୍ଷତିଗ୍ରସ୍ତଙ୍କୁ ସହାୟତା ବଣ୍ଟନ

ଆସିକା,(ନିପ୍ର) : ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କ ଦୁଃଖଦୁର୍ଦ୍ଦଶା ସମୟରେ ସହାୟତାର ହାତ ବଢ଼ାଇଛନ୍ତି ଓଡିଶା ମନରେଗା ଶ୍ରମିକ ୟୁନିୟନ କର୍ମକର୍ତ୍ତା ଓ ସଦସ୍ୟମାନେ। ଶ୍ରମିକ ୟୁନିଅନ ସଂଗଠନର ପ୍ରତିନିଧିମାନେ ବନ୍ୟା ପ୍ରଭାବିତ ଆସିକା ଓ ଧରାକୋଟ ଅଞ୍ଚଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାଙ୍ଗକୁ ଶାଢ଼ି ଓ ଆର୍ଥିକ ସହାୟତା ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦିକା ପି. ପାର୍ବତୀ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନର ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ବାଡତ୍ୟା ଏବଂ ସିପିଆଇ ରେଡ୍‌ଷ୍ଟାରର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ ପ୍ରମୁଖ ଯୋଗଦେଇଥିଲେ।

ନିଆଳିରେ ମା ଶ୍ୟାମାକାଳୀଙ୍କ ପୂଜା

ନିଆଳି,(ନିପ୍ର): ନିଆଳି ବଙ୍ଗାଳିସାହୀ ଠାରେ ସବୁ ବର୍ଷ ପରି ଚଳିତ ବର୍ଷ ମା ଶ୍ୟାମାକାଳୀଙ୍କ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହେଉଛି। ଭକ୍ତିମୟ ପରିବେଶ ମଧ୍ୟରେ ମାଙ୍କୁ ଦର୍ଶନ ଲାଭ କରି ପରମ ଆଧାତ୍ମିକ ତୃପ୍ତି ଲାଭ କରିଥିବା କହିଛନ୍ତି। ପୂଜାକମିଟିର ସଭାପତି ସୁଜିତ୍ କୁମାର ସେନାପତି କହିବା ସହ ଆଧାତ୍ମିକ ,ସାମାଜିକ ଓ ସାଂସ୍କୃତିକ ଦୃଷ୍ଟି କୋଣରୁ ଗୁରୁତ୍ୱ ରଖିଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ସାମଗ୍ରିକ ସହଯୋଗ ଭାଇଚାରା ସଂପର୍କକୁ ମଜଭୁତ କରିଛି ବୋଲି ସୂଚନା ଦେଇଛନ୍ତି।

ଲିଭର ରୋଗରେ ଆକ୍ରାନ୍ତ ଶିଶୁକୁ ସହାୟତା ପଇଁ ଅନୁରୋଧ

ପିପିଲି (ନିପ୍ର): ବଳଙ୍ଗା ଅଞ୍ଚଳ ଶାଇଁଶସାଶନ ଗ୍ରାମପଞ୍ଚାୟତ ବିଲୁଆଗୋରଡି ଗ୍ରାମର ସୌମ୍ୟରଞ୍ଜନ ବେହେରା (୬)ଲିଭର ଜନିତ ରୋଗରେ ଆକ୍ରାନ୍ତ ହୋଇ ପ୍ରଥମେ କଟକ ଏସସିବି ଓ ପରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅଛନ୍ତି। ସେ ବହୁତ ଗରିବ ହୋଇଥିବାରୁ ଚିକିତ୍ସା ଖର୍ଚ୍ଚ ଓ ନିତିଦିନିଆ ଖର୍ଚ୍ଚ ପାଇଁ ତାଙ୍କ ପାଖରେ ଅର୍ଥ ବାଧକ ସାଜିଛି। ତେଣୁ ତାଙ୍କୁ ଯେ କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନ୍ୟାନ୍ୟ ସଂଗଠନ ସହାୟତା ପାଇଁ ତାଙ୍କ ମାଆ ଲକ୍ଷ୍ମୀ ବେହେରାଙ୍କ ଫୋନ ପେ ନଂ - ୮୯୮୪୯୧୩୬୯୭କୁ ପଠାଇବାକୁ ସହଯୋଗ ପାଇଁ ଅନୁରୋଧ କରିଛନ୍ତି।

କେଲିଆ ଶୈବପୀଠରେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି

ଡାବୁଗାଁ(ନିପ୍ର): କେଲିଆ ଶୈବପୀଠରେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଉନ୍ନୟନ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉନ୍ନୟନ କମିଟିର ସଭାପତି ତଥା ଡାବୁଗାଁ ତହସିଲଦାର ହରି ଅମ୍ ଭୋଇ, ସଂପାଦକ ଦେବରାଜ ପାତ୍ର, କୋଷାଧ୍ୟକ୍ଷ ଜି ସାଇ ରାଜୁ, ସୁରେନ୍ଦ୍ର ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ଭଗବାନ ମହାନ୍ତି, ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ନାୟକ, ଭାଗୀରଥି ମାଝି, ପଦ୍ମ ଚରଣ ମାଝି, ସପନ ମାଝୀ, ନରସିଂହ ଭତ୍ରା, ପୋଲିସ ଏସଆଇ ମହେଶ୍ୱର ବଡବୁଡ଼ିଆ, ଡାବୁଗାଁ ରାଜସ୍ୱ ନିରୀକ୍ଷକ, ଅଗ୍ନିଶମ ବିଭାଗର କର୍ମଚାରୀ ମାନେ, ମନ୍ଦିର ପୂଜାରୀ ମାନେ ଏବଂ ସ୍ଥାନୀୟ ଅଞ୍ଚଳ ଭକ୍ତମାନେ ଉପସ୍ଥିତ ଥିଲେ।

ଚକାନାସୀ ପୀଠରେ ହେବ ପଞ୍ଚୁକ ମହୋତ୍ସବ

କୃଷ୍ଣପ୍ରସାଦ, (ନି ପ୍ର): କୃଷ୍ଣପ୍ରସାଦ ବ୍ଲକର ବ୍ରହ୍ମପୁର ଗ୍ରାମ ନିକଟସ୍ଥ ଚିଲିକା ଟାପୁ ମଧ୍ୟରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କ ଗୁପ୍ତଲୀଳା କ୍ଷେତ୍ର ସାଗର ଶ୍ରୀକ୍ଷେତ୍ର ଚକାନାସୀ ପୀଠରେ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ପଞ୍ଚୁକ ମହୋତ୍ସବ ଓ ମହାକାର୍ତ୍ତିକମେଳା ଚଳିତ ମାସ ୨୧ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ମହାଡମ୍ବରରେ ଅନୁଷ୍ଠିତ ହେବ। ସାଗର ଶ୍ରୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ,ବ୍ରହ୍ମପୁର ଗ୍ରାମବାସୀ ଓ ପରିଚାଳନା କମିଟି, ଓଡିଶା ସାହିତ୍ୟ ଏକାଡେମୀ ଏବଂ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡିଶା ରାଜ୍ୟ ସରକାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଛି।

ସମ୍ବଲପୁରରେ 'ଲୋକତନ୍ତ୍ର ବଞ୍ଚାଓ - ଅରାଜକତା ହଟାଓ' ପଦଯାତ୍ରା

ସମ୍ବଲପୁର/ଭୁବନେଶ୍ୱର: ସମ୍ବଲପୁରରେ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ 'ଲୋକତନ୍ତ୍ର ବଂଚାଓ - ଅରାଜକତା ହଟାଓ' ପଦଯାତ୍ରା ଏବଂ ଜନସଭାରେ ଯୋଗଦେଇ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣତନ୍ତ୍ର ସୁରକ୍ଷା ଏବଂ ଅରାଜକତା ବିରୁଦ୍ଧରେ ମହାଜାଗରଣର ଆହ୍ୱାନ ଦେଇଛନ୍ତି ।

ଶ୍ରୀ ପ୍ରଧାନ ପ୍ରଥମେ ଦଳର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ଜନସାଧାରଣ, ମାତୃଶକ୍ତି ଓ ଯୁବସାଥୀଙ୍କ ସହ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ଦେଶ ଓ ରାଜ୍ୟର ରାଜନୈତିକ ପରିସ୍ଥିତିକୁ ନେଇ କଂଗ୍ରେସ ଏବଂ ଇଣ୍ଡି ମେଂଟକୁ କଡ଼ା ସମାଲୋଚନା କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଏହି ପଦଯାତ୍ରା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ସମଗ୍ର ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଏକ ମହାସଂଗ୍ରାମ ଅଟେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଦେଶ ଯେତେବେଳେ ବିଶ୍ୱର ପଂଚମ ଅର୍ଥନୀତିରୁ ଆହୁରି ଉପରକୁ ଉଠୁଛି ଏବଂ ଦ୍ରୁତ ଗତିରେ ବିକାଶ କରୁଛି, ସେତେବେଳେ ଜନସମର୍ଥନ ହରାଇଥିବା କିଛି ହତାଶ ରାଜନୈତିକ ଦଳ ଏହାକୁ ସହ୍ୟ କରିପାରୁନାହାନ୍ତି । ନିଜର କ୍ରମାଗତ ପରାଜୟ ଓ ରାଜନୈତିକ ଦେବାଳିଆପଣକୁ ଲୁଚାଇବା ପାଇଁ କଂଗ୍ରେସ ଏବଂ ଇଣ୍ଡି ମେଂଟ ଆଜି 'ଭୋଟ୍ ଚୋରି'ର ହଟଚମଟ ସୃଷ୍ଟି କରୁଛନ୍ତି। ସଂସଦ ଠାରୁ ଆରମ୍ଭ କରି ସଡ଼କ ପର୍ଯ୍ୟନ୍ତ ଏହି ନେତାମାନେ ଅଙ୍ଗୁର ନମିଳିଲେ ତାହାକୁ ଖଟା ବୋଲି କହିବା ସଦୃଶ କେବଳ ମିଥ୍ୟା ବାହାନା ଖୋଜୁଛନ୍ତି। ଏହା କେବଳ ସେମାନଙ୍କର କ୍ରମାଗତ ପରାଜୟ ଓ ରାଜନୈତିକ ବିଫଳତାକୁ ଲୁଚାଇବାର ଏକ ନିନ୍ଦନୀୟ ଷଡ଼ଯନ୍ତ୍ର ମାତ୍ର । ନିର୍ବାଚନରେ ଜିତିଲେ ଇଭିଏମ୍ ଓ ନିର୍ବାଚନ ଆୟୋଗ ଭଲ ଲାଗୁଥିବାବେଳେ ହାରିଗଲେ ସେହି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବାର ଏମାନଙ୍କର ଦୋମୁହାଁ ନୀତିକୁ ଦେଶବାସୀ ଭଲ ଭାବରେ ବୁଝିସାରିଛନ୍ତି।

ନିର୍ବାଚନ ତାଲିକା ସଂଶୋଧନ ସମୟରେ ବିରୋଧୀଙ୍କ ହୋ-ହାଲ୍ଲାକୁ କଡ଼ା ସମାଲୋଚନା କରି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ, ମୃତ ବ୍ୟକ୍ତି, ଠିକଣା ବଦଳାଇଥିବା ଏବଂ ବେଆଇନ ଅନୁପ୍ରବେଶକାରୀଙ୍କ ଭରସାରେ କଂଗ୍ରେସ କ'ଣ ନିର୍ବାଚନ ଜିତିବାକୁ ଚାହୁଁଛି ? ଦେଶର ୧୪୦ କୋଟି ଜନସାଧାରଣଙ୍କ ଉପରେ ଆସ୍ଥା ନ ରଖି ନାଗରିକତା ନଥିବା ଲୋକଙ୍କୁ ସୁରକ୍ଷା ଦେବାର ଏହି ଚକ୍ରାନ୍ତକୁ କେବେବି ବରଦାସ୍ତ କରାଯିବ ନାହିଁ।

ଦେଶରେ ପ୍ରଜାତନ୍ତ୍ର ଓ ନିର୍ବାଚନ ଆୟୋଗ ରହିଛି ବୋଲି ଆଜି ଜଣେ ଗରିବ ଓଡ଼ିଆ ଜନଜାତି ଘରର ଝିଅ ଦେଶର ରାଷ୍ଟ୍ରପତି ଏବଂ ଗରିବ ଘରର ପିଲା ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। କିନ୍ତୁ ସାମନ୍ତବାଦୀ ନେହେରୁ-ଗାନ୍ଧୀ ପରିବାର ଏହାକୁ ସହି ନପାରି ଦେଶରେ ଅରାଜକତା ଓ ରିଜିମ୍ ଚେଞ୍ଜର କଥା କହୁଛନ୍ତି। ସେ ଆହୁରି କହିଥିଲେ, ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ସମଗ୍ର ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଆୟୋଜିତ ଏହି ପଦଯାତ୍ରାକୁ ଜନସାଧାରଣଙ୍କ ବିପୁଳ ସମର୍ଥନ ରହିଛି । ଓଡ଼ିଶାର ଗାଁ ଗଣ୍ଡାରୁ ଆରମ୍ଭ କରି ପ୍ରତିଟି ଘରେ ମାଆ ସମଲେଶ୍ୱରୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଏହି ବାର୍ତ୍ତା ପହଂଚାଇବାକୁ ହେବ ଯେ, 'ମୋଦୀ କେଉଁଆଡେ ବି ଯିବେ ନାହିଁ ଏବଂ ଦେଶର ବିକାଶ ଯାତ୍ରା ଅହରହ ଜାରି ରହିବ । ଏହି ପଦଯାତ୍ରା ମାଧ୍ୟମରେ ରାଜ୍ୟରୁ ସମସ୍ତ ପ୍ରକାର ଅରାଜକତାକୁ ମୂଳପୋଛ କରି ଏକ ସଶକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଜଣାଇଛନ୍ତି ।

ଗାଡ଼ି ଚଳାଇବାବେଳେ ମୋବାଇଲ ବ୍ୟବହାର ମନା

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ଦ୍ଧିତ ସଡ଼କ ଦୁର୍ଘଟଣାକୁ ରୋକିବା ଏବଂ ଜନସାଧାରଣଙ୍କୁ ଟ୍ରାଫିକ୍ ନିୟମ ପ୍ରତି ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନିରାକାରପୁର ଥାନା ଅଧିକାରିଣୀ ରୀନାରାଣୀ ସାହୁଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ କଲେଜ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ପୁଲିସ କର୍ମଚାରୀମାନେ ଏକାଠି ହୋଇ ଏକ ବିଶାଳ ସଚେତନତା ଶୋଭାଯାତ୍ରାରେ ବାହାରିଥିଲେ। ହାତରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ ଧରି ଛାତ୍ରଛାତ୍ରୀମାନେ ନିରାକାରପୁରର



ପ୍ରମୁଖ ପଥ ଦେଇ ପରିକ୍ରମା କରିବା ସହ ଜନସାଧାରଣ ଓ ଯାନବାହନ ଚାଳକମାନଙ୍କୁ ଟ୍ରାଫିକ୍ ନିୟମ ପାଳନ କରିବାକୁ ଅନୁରୋଧ କରିଥିଲେ। ଶୋଭାଯାତ୍ରା ସମୟରେ ଗାଡ଼ି ଚାଳକମାନଙ୍କୁ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର କରିବା, ଗାଡ଼ି ଚଳେଇବାବେଳେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା ଏବଂ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବା ପାଇଁ ବିଶେଷ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍.ଆଇ. ମିନତୀ ମଲ୍ଲିକ, ଏସ୍.ଆଇ. ତୁଷାରକାନ୍ତ ପରିଡ଼ା, ଏ.ଏସ୍.ଆଇ. ଗୁପ୍ତ ପ୍ରସାଦ ମହାନ୍ତି, ହାବିଲଦାର ରତ୍ନାକର ବେହେରାଙ୍କ ସମେତ ନିରାକାରପୁର ଥାନାର ସମସ୍ତ ପୁଲିସ କର୍ମଚାରୀ ସକ୍ରିୟ ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଆଇନ ସଚେତନତା ଶିବିର

ପୁରୀ,(ନିପ୍ର): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ତା ୯.୧୧ .୨୦୨୬ ରିଖରେ ୧୨.୦୦ ଘଟିକା ସମୟରେ ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ଗଦାଧର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ନିଜ ବକ୍ତବ୍ୟରେ ନାଗରିକମାନଙ୍କ ପାଇଁ ରହିଥିବା ଆଇନ ସହାୟତା ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ,ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର , ନ୍ୟାୟ ସଂଯୋଗ , ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ,ସେହି ବିଷୟରେ ଆଲୋଚନା କରିବା ସହ ନାଲ୍‌ସା ଜାଗୃତି ସ୍କିମ୍'ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରେ ପ୍ରତେକ ବ୍ୟକ୍ତିଙ୍କୁ ସମସ୍ତ ପ୍ରକାରରେ ସାହାଯ୍ୟ କରିବା , ସେମାନଙ୍କୁ ସଚେତନତା କରାଇବା , ସରକାରୀ ଯୋଜନା ଗୁଡ଼ିକ ଉପରେ ଅବଗତ କରାଇବା ଏହି କାର୍ଯକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ପ୍ରଭାବୀ ଲୋକ ସମ୍ପର୍କ ପାଇଁ ସହାନୁଭୂତି ଗୁରୁତ୍ୱପୂର୍ଣ୍ଣ: ପିଆଇବି ଏଡିଜି ଅଖିଳ ମିଶ୍ର

ଭୁବନେଶ୍ୱର, (ପିଆଇବି) ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆଜି ଓଡ଼ିଶା କ୍ଷେତ୍ର ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି) ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଅଧିକାରୀମାନେ ନିଜ ନିଜ ବିଭାଗର ଉପଲବ୍ଧି ବିଷୟରେ ସୂଚନା ଦେବା ସହିତ ପ୍ରଚାର କାର୍ଯ୍ୟକ୍ରମ ଏବଂ ଗଣ ଯୋଗାଯୋଗରେ ସମନ୍ୱୟକୁ ସୁଦୃଢ଼ କରିବାର ବିଭିନ୍ନ ମାର୍ଗ ବିଷୟରେ ମତବିନିମୟ କରିଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ(ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ତଥା ଆଇଏମପିସିସି ଅଧ୍ୟକ୍ଷ ଅଖିଳ କୁମାର ମିଶ୍ର ବୈଠକରେ ସଭାପତିତ୍ୱ କରିଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମିତିର ସଦସ୍ୟମାନେ ସମନ୍ୱୟକୁ ମଜବୁତ କରିବା, ଲୋକ ସମ୍ପର୍କରେ ସୁଧାର ଆଣିବା ଏବଂ ବିଭିନ୍ନ ଗଣମାଧ୍ୟମ ମଞ୍ଚ ଜରିଆରେ ସଠିକ୍ ଏବଂ ସମୟୋପଯୋଗୀ ସୂଚନାର ପ୍ରଚାରପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମିଶ୍ର କହିଥିଲେ, ଓଡ଼ିଶାରେ ଆଇଏମପିସିସିର ପ୍ରାୟ ପାଞ୍ଚ ଦଶନ୍ଧି ବ୍ୟାପୀ ଇତିହାସ ରହିଛି। ତେବେ ଏହାକୁ ଅଧିକ ପ୍ରଭାବଶାଳୀ କରିବା ଲାଗି ସଦସ୍ୟ ସଂଗଠନଗୁଡ଼ିକ ମଧ୍ୟରେ ଦୃଢ଼ ସମନ୍ୱୟର ଆବଶ୍ୟକତା ରହିଛି । ବୈଠକରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ସଞ୍ଜୀବ ଦ୍ୱିବେଦୀ, ଡକ୍ଟର ରାଜଶ୍ରୀ ଭି. ପିଏମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ନିର୍ଦ୍ଦେଶିକା ଡଃ ସୁଚିତ୍ରା ସାସମଲ, ଏମଏସଏମଇ ଅତିରିକ୍ତ ନିର୍ଦ୍ଦେଶକ ଜଗଦୀଶ ସାହୁ, ଦୂରସଞ୍ଚାର ବିଭାଗ, ଓଡ଼ିଶା କାର୍ଯ୍ୟାଳୟର ବରିଷ୍ଠ ହିସାବ ଅଧିକାରୀ ଲାଲମୋହନ ମହାପାତ୍ର, ଉଷା ରାଣୀ କାସେରା, ଆସିଷ୍ଟାଣ୍ଟ ଆକାଉଣ୍ଟସ୍ ଅଫିସର, ସିସିଏ କାର୍ଯ୍ୟାଳୟ, ଓଡିଶା, ଭୁବନେଶ୍ୱର; ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ଏଏଓ, ସିସିଏ କାର୍ଯ୍ୟାଳୟ, ଓଡିଶା; ଡ ଦେବାଶିଷ ମହାପାତ୍ର, ସହକାରୀ ପ୍ରାଧ୍ୟାପକ, ଆରଆଇଇ, ଏନସିଆରଟି, ଭୁବନେଶ୍ୱର; ମନୋଜ କୁମାର ଜାଲି, ଉପନିର୍ଦ୍ଦେଶକ, ପିଆଇବି, ଭୁବନେଶ୍ୱର; ରୀତାଞ୍ଜଳି ଦାଶ, ଡକ୍ଟର ମାନସୀ ଗୋସ୍ୱାମୀ ଏବଂ ପ୍ରଫେସର ରମାକାନ୍ତ ମାହାଲିକ ଆରଆଇଇ, ଭୁବନେଶ୍ୱର; ଅଜିତ କୁମାର, ଆଞ୍ଚଳିକ ନିର୍ଦ୍ଦେଶକ, ଏନଏସଏ, ଭୁବନେଶ୍ୱର; ଡକ୍ଟର ସୌରଭ ଗୁପ୍ତା, ସହାୟକ ପ୍ରାଧ୍ୟାପକ ତଥା ମୁଖ୍ୟ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା, କୋରାପୁଟ; ଡକ୍ଟର ଅଭିଷେକ ମିଶ୍ର, ଉପନିର୍ଦ୍ଦେଶକ, ସମାଚାର, ଦୂରଦର୍ଶନ, ଭୁବନେଶ୍ୱର; ସୁଦର୍ଶନ ସାହୁ, ସମାଚାର ସମ୍ପାଦକ, ଆରଏନୟୁ, ଦୂରଦର୍ଶନ, ଭୁବନେଶ୍ୱର; ନିର୍ମାଲ୍ୟ ବେହେରା, ସମାଚାର ସମ୍ପାଦକ, ଆରଏନୟୁ, ଆକାଶବାଣୀ, କଟକ; ଡକ୍ଟର ପ୍ରଭାତ କୁମାର ଜେନା, ଆଞ୍ଚଳିକ ନିର୍ଦ୍ଦେଶକ, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର; ସର୍ବେଶ୍ୱର ନାୟକ, ସହକାରୀ ନିର୍ଦ୍ଦେଶକ, ଏନଏସିଆଇଏନ, ଜେଡଟିଆଇ, ଭୁବନେଶ୍ୱର; ଡକ୍ଟର ବିବେକ ତିୱାରୀ, ସହକାରୀ ପ୍ରାଧ୍ୟାପକ, ଆଇଜର୍, ବ୍ରହ୍ମପୁର; ତପନ କୁମାର ରାହୁଲ, ଆଞ୍ଚଳିକ ଉପ-ରୋଜଗାର ଅଧିକାରୀ, ଏନଏସଏସସି ଏସସି/ଏସଟି, ଭୁବନେଶ୍ୱର; ସନାତନ ଦାସ, ସହକାରୀ ନିର୍ଦ୍ଦେଶକ (ରୋଜଗାର), ଏନସିଏସଡିଏ, ଡିଜିଇ, ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ; ସସ୍ମିତା ପାଇକରାୟ, କ୍ଷେତ୍ର ପ୍ରଚାର ଅଧିକାରୀ, ସିବିସି, ଭୁବନେଶ୍ୱର; ବିକାଶ ରଞ୍ଜନ ଦଳାଇ, ସୂଚନା ସହାୟକ, ପିଆଇବି, ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ ।

ପାଠପଢ଼ାରୁ ବଞ୍ଚିତ ହେଲେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ



ଧାମନଗର,(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଜାଗୁଲାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ପାର୍ବତୀ ବେହେରାଙ୍କୁ ଜୋରଜବରଦସ୍ତି ଟ୍ରାନ୍ସଫର ସାର୍ଟିଫିକେଟ୍ (ଟିସି) ଦେଇ ସ୍କୁଲରୁ ବିଦା କରିବା ହେତୁ ମାସେହେଲା ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ବ୍ୟକ୍ତିଗତ ବିବାଦକୁ କେନ୍ଦ୍ରକରି ପ୍ରଧାନଶିକ୍ଷକ ଏଭଳି ପଦକ୍ଷେପ ନେଇଥିବା ଛାତ୍ରୀଙ୍କ ବାପା ବଳରାମ ବେହେରା ଓ ମା ଲକ୍ଷ୍ମୀପ୍ରିୟା ବେହେରା ଅଭିଯୋଗ କରିଛନ୍ତି। ଏହାଦ୍ୱାରା କୋମଳମତି ଛାତ୍ରୀ ଜଣକ ୨ମାସ ହେଲା ପାଠପଢ଼ାରୁ ବଞ୍ଚିତ ହୋଇଥିବାରୁ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ଜାଗୁଲାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ପାର୍ବତୀ ବେହେରାଙ୍କୁ ପ୍ରଧାନଶିକ୍ଷକ ଟିସି ପ୍ରଦାନ କରିଛନ୍ତି। ଗତ ଜୁଲାଇ ମାସରେ ବିଦ୍ୟାଳୟରେ ପିଲାମାନଙ୍କ ମଧ୍ୟରେ ଏକ ସାମାନ୍ୟ ବଚସାକୁ ନେଇ ଛାତ୍ରୀଙ୍କ ମା' ବିଦ୍ୟାଳୟକୁ ଯାଇଥିବା ବେଳେ ପ୍ରଧାନଶିକ୍ଷକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହାକୁ ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଥିଲେ ମଧ ଜୁଲାଇ ୨୪ ତାରିଖରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ତେବେ ଏହାର କିଛି ଦିନ ପରେ ଗତ ଅକ୍ଟୋବର ୮ ତାରିଖରେ ପ୍ରଧାନଶିକ୍ଷକ ଟିସି ନଂ ୨୭/୨୦୨୬ ଜାରି କରିଥିଲେ। ଏଥିରେ 'ଅନ୍ୟତ୍ର ପଢ଼ନ୍ତୁ' ଉଲ୍ଲେଖ କରାଯାଇଛି। ଛାତ୍ରୀଙ୍କ ବାପାମା'ଙ୍କ ପକ୍ଷରୁ ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ କୌଣସି ଲିଖିତ ଆବେଦନ କରାଯାଇନଥିବା ସତ୍ତ୍ୱେ ଟିସି ଜୋରଜବରଦସ୍ତି ଜାରି କରାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ଏହା ସହ ବାପାମା' କୌଣସି ପାଠ ପଢ଼ିନଥିବାରୁ ତାଙ୍କଠାରୁ ଖାତାରେ ଜୋରଜବରଦସ୍ତି ଦସ୍ତଖତ ନେଇଥିବା ତାଙ୍କ ବାପାମା' କହିଛନ୍ତି। ଫଳରେ ଛାତ୍ରୀଙ୍କ ପାଠପଢ଼ା ୨ ମାସ ହେବ ବାଧାପ୍ରାପ୍ତ ହୋଇଛି। ଶିକ୍ଷା ଅଧିକାର ଆଇନ-୨୦୦୯ରେ ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା ରହିଛି। ଏଥିସହ ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପୂର୍ବରୁ ଶିଶୁଙ୍କୁ ବିଦ୍ୟାଳୟରୁ ବହିଷ୍କାର କରିବା ଉପରେ ଆଇନଗତ କଟକଣା ରହିଛି। ଏଭଳି ସ୍ଥିତିରେ ଜଣେ ଛୋଟ ଛାତ୍ରୀଙ୍କୁ କେଉଁ ପରିସ୍ଥିତିରେ ଟିସି ପ୍ରଦାନ କରାଗଲା, ତାହାର ତଦନ୍ତ ଆବଶ୍ୟକ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି। ଏହି ଘଟଣାରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିବା ବେଳେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ତଦନ୍ତ କରି ନିଲମ୍ବନ ସମେତ ଦୃଢ଼ ଶୃଙ୍ଖଳାଗତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏଥିସହ ଛାତ୍ରୀଙ୍କୁ ପୁନର୍ବାର ବିଦ୍ୟାଳୟରେ ପାଠ ପଢ଼ିବାକୁ ଦେବା ପାଇଁ ଅଭିଭାବକ ମହଲରେ ଦୃଢ଼ ମତ ପ୍ରକାଶ ପାଇଛି।

ରାୟଗଡ଼ାରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ - ୨୦୨୬

ରାୟଗଡ଼,(ନିପ୍ର): ଯୁବ ପ୍ରତିଭାର ବିକାଶ, କଳା ଓ ସଂସ୍କୃତିର ପ୍ରୋତ୍ସାହନ ତଥା ଯୁବପିଢ଼ିଙ୍କ ମଧ୍ୟରେ ସୃଜନଶୀଳତା ଓ ସାମାଜିକ ସଚେତନତା ବୃଦ୍ଧି ଲକ୍ଷ୍ୟରେ ରାୟଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ – ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବର ବିଷୟବସ୍ତୁ ଥିଲା "ନିଶାମୁକ୍ତ ଯୁବ – ବିକଶିତ ଭାରତ"। କାର୍ଯ୍ୟକ୍ରମରେ ରାୟଗଡ଼ ବିଧାୟକ ଆପଲାସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ନିଜର ପ୍ରତିଭା ଓ ସାମର୍ଥ୍ୟର ସଠିକ୍ ଉପଯୋଗ କରିବା ସହ ନିଶାମୁକ୍ତ ସମାଜ ଗଠନ ଏବଂ ବିକଶିତ ଭାରତ ନିର୍ମାଣରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବୀନ୍ଦ୍ରନାଥ



କହଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମିନିଆକା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି, ଜିଲ୍ଲା ଯୁବ ଅଧିକାରୀ ଭି. କିଶୋର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଲୋକନୃତ୍ୟ, ଲୋକସଙ୍ଗୀତ, ଚିତ୍ରାଙ୍କନ, କବିତା ଲିଖନ ଓ ପଥପ୍ରାନ୍ତ ନାଟକ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଶିକ୍ଷାନୁଷ୍ଠାନରୁ ଯୁବ ପ୍ରତିଯୋଗୀମାନେ ଉତ୍ସାହର ସହ ଏଥିରେ ଭାଗ ନେଇ ନିଜର କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଲୋକନୃତ୍ୟ, ଲୋକସଙ୍ଗୀତ, ଚିତ୍ରାଙ୍କନ ଓ କବିତା ଲିଖନ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଓ ଦଳଗୁଡ଼ିକ ଆଗାମୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ରାୟଗଡ଼ ଜିଲ୍ଲାର ପ୍ରତିନିଧିତ୍ୱ କରିବେ। ତେବେ ପଥପ୍ରାନ୍ତ ନାଟକ ପ୍ରତିଯୋଗିତାରେ କେବଳ ପ୍ରଥମ ସ୍ଥାନ ହାସଲ କରିଥିବା ମା' ସନ୍ତୋଷୀ କଳା ପ୍ରତିଷ୍ଠାନ, ଗୁଣପୁର ରାଜ୍ୟସ୍ତରରେ ଜିଲ୍ଲାର ପ୍ରତିନିଧିତ୍ୱ କରିବେ।


ପେନ୍‌ସନ ଭୋଗୀମାନେ ପାଇବେ ନିଜ ଘରେ ପେନସନ

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର ବୈଠକ ଗୃହ ମଧ୍ୟରେ ସାଧାରଣ ବୈଠକ ଅଧ୍ୟକ୍ଷ ଏମ.ସୁଧାରାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଧ୍ୟକ୍ଷା ଏମ.ସୁଧା ରାଣୀ, ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନ ମଂଚାସୀନ ହୋଇଥିବାବେଳେ ବିଧାୟକ ପ୍ରତିନିଧି କେ.ଆପ୍ପାରାଓ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଅଧିକାଂଶ କାଉନ୍ସିଲର ଉପସ୍ଥିତ ଥିଲେ। ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଗୋଷ୍ଠୀ ସଂଗଠିକା ଉଜ୍ଜଳତା ସୁଆଲସିଂ ଓ ଏକାଉଣ୍ଟାଟ ଶିବ ପ୍ରସାଦ ମହାଙ୍କୁଡ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ କେତେକ ୱାର୍ଡରେ ଷ୍ଟ୍ରିଟ ଲାଇଟର ସମସ୍ୟା, ମୁଖ୍ୟତଃ ୧ ୱାର୍ଡ ଠାରୁ ୫ ୱାର୍ଡ ଯାଏଁ ପାନୀୟ ଜଳ ଯୋଗାଣ




ଠିକ ଭାବେ ଯୋଗାଣ ହେଉ ନ ଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ମଇଳା ପାଣି ନିଷ୍କାସନ ସକାଶେ ଡ୍ରେଇନ ସମସ୍ୟା, ବଂଶଧାରା ନଦୀ ଘାଟର ଉନ୍ନତି କରଣ, ମିନି ପାର୍କ ନିକଟରେ ପ୍ରତୀକ୍ଷାଳୟ ପାଇଁ ବ୍ୟବସ୍ଥା, ବସଷ୍ଟାଣ୍ଡ ଠାରେ ଆହାର କେନ୍ଦ୍ର ସ୍ଥାପନ କରିବା ସହ ନୂତନ ମେଡିକାଲ ନିର୍ମାଣ ପାଇଁ ସ୍ଥାନ ଯୋଗେଇବା ପାଇଁ ବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଥିଲା। ବିଶେଷତଃ ପେନସନ ଭୋଗୀମାନଙ୍କ ପେନସନ ଘର ଘର ବୁଲି ପ୍ରତ୍ୟେକ ମାସ ୧୬ ତାରିଖ ଦିଆଯିବା ପାଇଁ ବ୍ୟବସ୍ଥା କରି ଯେଉଁମାନେ ସେ ସମୟରେ ଘରେ ନ ଥିବେ ସେମାନେ ୨୦ ତାରିଖ ପାରେ ଏନଏସି କାର୍ଯାଳୟ ଆସି ନେଇପାରିବେ ବୋଲି କାଉନସିଲ ବୈଠକରେ ନିଷ୍ପତ୍ତି ହୋଇଥିଲା। ପୋଲିସ ଷ୍ଟେସନ ନିକଟରେ ଥିବା ଏକ ଅବ୍ୟବହୃତ ପୋଖରୀକୁ ଉନ୍ନତିକାରଣ ପାଇଁ ଆଲୋଚନା ହୋଇଥିଲା। ଅଧ୍ୟକ୍ଷା ସୁଧାରାଣୀ ସମସ୍ତ ସମସ୍ୟାର ଖୁବଶୀଘ୍ର ସମାଧାନ କରି ଏନଏସି ବାସୀଙ୍କୁ ସମସ୍ତ ସୁବିଧା ଯୋଗେଇ ଦିଆ ଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

ଚିଲିକାରୁ ୭୦୦ ଏକର ବେଆଇନ ଘେରି ଉଚ୍ଛେଦ



କୃଷ୍ଣପ୍ରସାଦ (ନିପ୍ର): ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ନିଳାମ୍ବୁ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଚିଲିକାକୁ ଘେରି ମୁକ୍ତ କରି ସୁନ୍ଦର ପରିବେଶ ଗଠନ କରିବା ଉଦ୍ୟମ ଚାଲିଥିବା ବେଳେ ଏହା ଉପରେ ନିର୍ଭର କରି ଚଳୁଥିବା ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଚିଲିକାରୁ ଜାଲ ବାଡ଼ ଉଚ୍ଛେଦ କରାଯାଉଛି। ମଙ୍ଗଳବାର କୃଷ୍ଣପ୍ରସାଦ ରାଜସ୍ୱ ସର୍କଲ ଅଧିନ ଚଟେଇକୋଣ, ସିପିଆ ବାହାର ଚିଲିକା ଅଞ୍ଚଳରୁ ୭୦୦ ଏକର ଚିଲିକାରେ ହୋଇଥିବା ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରିରେ ବ୍ୟବହାର ହୋଇ ଥିବା ଜାଲ, କିଲା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି। ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ତହସିଲଦାର ସହଦେବ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ବର୍କ ଜେସିବ ମେସିନ ସହିତ ୩୦ ଜଣ ଶ୍ରମିକ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଥାନା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତହସିଲ ବଡ଼ବାବୁ କୁବେର ଜେନା, ସୁପରଭାଇଜର ବିଜୟରାଜ ସାହୁ, କୃଷ୍ଣପ୍ରସାଦ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କୁମାର କିଷାନ, ଗୋମୁଣ୍ଡିଆ ରାଜସ୍ୱ ନିରୀକ୍ଷକ ଗୌରୀ ଚରଣ ମହାପାତ୍ର ସମେତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି।

ଜେକେ କାଗଜକଳ ତରଫରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ଜେକେପୁର(ନିପ୍ର): ଜେକେ କାଗଜକଳର ସାମାଜିକ ଦାୟିତ୍ୱ ବିଭାଗ ତରଫରୁ ପିତାମହଲ୍ ସ୍ଥିତ ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହଯୋଗରେ ଆଜି କୁମୁଟିପେଣ୍ଟରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇ ଥିଲା। ଏହି ଶିବିରରେ ମୋଟ ୪୨ ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨୩ ଜଣ ରୋଗୀଙ୍କ ଦୂରଦୃଷ୍ଟି ଦୋଷ, ୫ ଜଣ ମୋତିଆବିନ୍ଦୁ, ୩ ଜଣ ଟେରିଜିମ୍ ସମସ୍ୟା ଥିବା ଚିହ୍ନଟ କରାଯାଇଛି। ମୋତିଆବିନ୍ଦୁ ରୋଗୀଙ୍କର ଫିଟନେସ ସାର୍ଟିଫିକେଟ ହେବାପରେ ଅସ୍ତ୍ରୋପଚାର ପାଇଁ ଏଲ୍ ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ, ପିତାମହଲକୁ ପଠାଯିବ। ଦୂରଦୃଷ୍ଟି ଥିବା ରୋଗୀଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଭିଜନ୍ ଟେକ୍ନିସିଏନ ରାଜକୁମାରୀ କୌଶଲ୍ୟା ଚକ୍ଷୁ ପରୀକ୍ଷା କରିଥିବା ବେଳେ, ଜେକେ କାଗଜକଳର ସାମାଜିକ ଦାୟିତ୍ୱ ବିଭାଗର ଉପ ପ୍ରବନ୍ଧକ ହରି ହର ଖମାରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ତିଥି :(ଦ୍ୱିତୀୟା): (ଅନୁରାଧା ବିଛା)
ଅମୃତ ବେଳା: ଦିବା ଘ ୬।୪୩ ମଧ୍ୟେ ଘ୭ ।୩୧ ଗତେ

ଆଜିର ଅନୁଚିନ୍ତନ

ଅନ୍ତକାଳରେ ଯେ ମୋତେ ଜାଣନ୍ତି ସେ ମୋତେ ପ୍ରାପ୍ତ ହୁଅନ୍ତି
।। - ଶ୍ରୀମଦ୍ ଭଗବଦ୍ ଗୀତା

ସ୍ୱର୍ଗକୁ ଯିବେ ଟ୍ରମ୍ପ !

'ମଲା ପରେ ସ୍ୱର୍ଗକୁ ଯିବି'। ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ସିବିଏସ୍ ୬୦ ମିନିଟ୍‌କୁ ଦେଇଥିବା ସାକ୍ଷାତକାରର ଉତ୍ତରରୁ ଇଏ ହେଉଛି ଏକ ଧାଡ଼ି। ମଣିଷର ଅନ୍ତର୍ନିହିତ ନୈତିକତାର ମୂଳଭିତ୍ତି କ'ଣ ? ଏ ପ୍ରଶ୍ନ ନେଇ ଅଷ୍ଟାଦଶ ଶତାବ୍ଦୀର ମହାନ୍ ଦାର୍ଶନିକ ଇମାନୁଏଲ କାଣ୍ଟ୍ ଯେଉଁ ଉତ୍ତର ପ୍ରସ୍ତୁତ କରିଥିଲେ, ତାହା ତିନି ଭାଗରେ ବିଭକ୍ତ। ପ୍ରଥମ ଭାଗଟି ଈଶ୍ୱରଙ୍କ ଉପସ୍ଥିତି, ଦ୍ୱିତୀୟଟି ଅମର ଆତ୍ମାର ଉପସ୍ଥିତି ଓ ତୃତୀୟଟି ସ୍ୱାଧୀନ ଇଚ୍ଛାର ଉପସ୍ଥିତି। ଈଶ୍ୱର ଅଛନ୍ତି ବୋଲି ବିଶ୍ୱାସ କରୁଥିବା ଲୋକଙ୍କ ବିଶ୍ୱାସ ଯେ ଈଶ୍ୱର ଭଲ କାର୍ଯ୍ୟ ପାଇଁ ଦିଅନ୍ତି ପୁରସ୍କାର ଓ ମନ୍ଦ କାର୍ଯ୍ୟ ପାଇଁ ଦଣ୍ଡ। ମୃତ୍ୟୁ ପରେ ଏହା ଉକ୍ତ ଆତ୍ମାପ୍ରତି ଉଦ୍ଦିଷ୍ଟ ହୋଇଥାଏ। ଏକଦା ଚାର୍ବାକ୍ କହିଥିଲେ - ଭସ୍ମୀଭୂତ ଦେହ ପୁନର୍ବାର ଫେରେ ନାହିଁ। ତେବେ ଚାର୍ବାକଙ୍କ ଏହି କଥା ଅନୁଯାୟୀ ଆତ୍ମା ଯଦି ଅବିନଶ୍ୱର ତେବେ ଆତ୍ମାକୁ ଈଶ୍ୱରଙ୍କ ଦରବାରରେ ବିଚାରର ସମ୍ମୁଖୀନ ହେବାକୁ ପଡ଼ିବ, ଏହା ନିଃସନ୍ଦେହ। ହିନ୍ଦୁ ପୁରାଣମାନଙ୍କରେ ଯାହା ବର୍ଣ୍ଣନା ରହିଛି ସେହି ଅନୁଯାୟୀ ଅମର ବର ପ୍ରାପ୍ତ ରାକ୍ଷସ ତଥାକଥିତ 'ମାନବ ଦେବତା' ବୋଲି ପରିଚିତ ହୋଇ ପରିଶେଷରେ ଦାନବରେ ପରିଣତ ହୁଅନ୍ତି।

ଟ୍ରମ୍ପଙ୍କ କ୍ଷେତ୍ରରେ ଆପାତତଃ ସେହିଭଳି ସ୍ଥିତି ପହଞ୍ଚିଛି ବୋଲି କହିବାକୁ ହେବ। ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ନିଜ ରିପବ୍ଲିକାନ ଦଳକୁ ଝଟ୍‌କା ଲାଗିବା ଓ ଏହା ପରଠାରୁ ନିଜ ଆଭିମୁଖ୍ୟ ନରମ କରିଥିବା ଟ୍ରମ୍ପ ନିର୍ବାଚନରେ ପରାଜୟ ପାଇଁ ଇରାନ ଯୁଦ୍ଧକୁ କାରଣ ଭାବରେ ବର୍ଣ୍ଣନା କରିଛନ୍ତି। କିନ୍ତୁ ତାହା ସଂଗେ ସଂଗେ ଯୁଦ୍ଧ ନିଷ୍ପତ୍ତିକୁ ଠିକ୍ ବୋଲି କହିବା ତାଙ୍କ ଅବ୍ୟବସ୍ଥିତ ଚିତ୍ତ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ। ୨୦୧୬ ଓ ୨୦୨୪ ଆମେରିକା ନିର୍ବାଚନରେ ଟ୍ରମ୍ପ ଏକ ବହୁଚର୍ଚ୍ଚିତ ସ୍ଲୋଗାନ ବ୍ୟବହାର କରିଥିଲେ। ତାହା ହେଉଛି 'ମେକ୍ ଆମେରିକା ଗ୍ରେଟ୍ ଏଗେନ'। ଏହା ଜରିଆରେ ସେ ଦେଶର ଅର୍ଥନୈତିକ, ସାମରିକ ଓ ସାଂସ୍କୃତିକ ଆଧିପତ୍ୟର ପୁନରୁଦ୍ଧାର କରିବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ତାହା କେତେଦୂର ବାସ୍ତବରେ ପରିଣତ ହୋଇଛି ଅବା ହୋଇନାହିଁ ତାହା ଗତବର୍ଷ ଏପ୍ରିଲ ଘଟଣା ପ୍ରମାଣିତ କରେ। ସେହି ସମୟରେ ଆମେରିକାର ଅତି କମ୍‌ରେ ୫୦ ରାଜ୍ୟରେ ଦେଢ଼ଶହରୁ ଅଧିକ ସଂଗଠନ ଏକାଠି ହୋଇ 'ହ୍ୟାଣ୍ଡସ ଅଫ୍' ନାମକ ବିରୋଧ ପ୍ରଦର୍ଶନ କରିଥିଲେ। ତାହାର ଅର୍ଥ 'ଆମ ଅଧିକାରରୁ ଦୂରେଇ ରୁହ'। ବିଭିନ୍ନ ରାଷ୍ଟ୍ର ବିରୋଧରେ ଟାରିଫ ଲାଗୁ କରିବା ବାଦ୍ ଟ୍ରମ୍ପଙ୍କ ଶାସନ କାଳରେ ବିଭିନ୍ନ ସରକାରୀ ସଂଗଠନଗୁଡ଼ିକରେ ଖର୍ଚ୍ଚକାଟ୍ ଆଳରେ ବ୍ୟାପକ ଛଟେଇ ହୋଇଥିଲା। ପୂର୍ବରୁ ଲୋକଙ୍କୁ ମିଳୁଥିବା ବହୁ ସେବା ହ୍ରାସ ପାଇଥିଲା। ଅଧିକାଂଶଙ୍କୁ ଅନୁପ୍ରବେଶକାରୀ ଆଖ୍ୟା ଦିଆଯାଇଥିଲା। ପରିଣତିରେ ଅତି କମ୍‌ରେ ୨୦ଲକ୍ଷ ଭାରତୀୟଙ୍କ ସମେତ ବହୁ ଦେଶର ଏକ କୋଟି ଅଧିବାସୀ ନିଜ ଦେଶକୁ ଫେରିବାକୁ ବାଧ୍ୟ ହୋଇଥିଲେ। ହାତଗୋଡ଼ରେ ଶିକୁଳି ପକାଇ ପଶୁଙ୍କ ପରି କିଛି ଅନୁପ୍ରବେଶକାରୀଙ୍କୁ ନିଜ ନିଜ ଦେଶକୁ ହତଭାଗ୍ୟ ଭଳି ଫେରାଇବା ଘଟଣା ସେ ସମୟରେ ଖୁବ୍ ଚର୍ଚ୍ଚିତ ତଥା ସମାଲୋଚିତ ହୋଇଥିଲା। ଶପଥ ଗ୍ରହଣ ଉତ୍ସବରେ ଟ୍ରମ୍ପ ଘୋଷଣା କରିଥିଲେ- ପୃଥିବୀରେ ଯେଉଁଠି ତୈଳ ଓ ଗ୍ୟାସ୍‌ର ଭଣ୍ଡାର ମହଜୁଦ ଅଛି, ସେ ସବୁକୁ ଆମେରିକା ନିଜ ପ୍ରୟୋଜନ ଆଧାରରେ ' ଷ୍ଟ୍ରାଟେଜିକ ରିଜର୍ଭ' ର ପୂରଣ ଭାବରେ ବ୍ୟବହାର କରିବ।

ଆପାତତଃ ଏପରି ଅନାବଶ୍ୟକ ଆଭିମୁଖ୍ୟ ତାଙ୍କୁ 'ମଣିଷ ଦାନବ'ରେ ପରିଣତ କରିଛି କହିଲେ କିଛି ଭୁଲ୍ ହେବନାହିଁ। ଏହି କାରଣରୁ ମୃତ୍ୟୁ ପରେ ସେ ସ୍ୱର୍ଗ ଅବା ନରକକୁ ଯିବେ ଅନ୍ତତଃପକ୍ଷେ ଆଉ ଆଲୋଚନାର ଦରକାର ପଡ଼ିବ ନାହିଁ।

ବଙ୍ଗୋପସାଗର : ଚକ୍ରବାତର ଜନ୍ମସ୍ଥଳୀ

ଗୋପାଳ ମହାପାତ୍ର

ଆକାଶର ରଙ୍ଗ ବଦଳୁଛି, ସମୁଦ୍ରର ସ୍ଥିରତା ବଦଳୁଛି ଏବଂ ଉପକୂଳ ଅଞ୍ଚଳରେ ବିପଦ ଆଶଙ୍କା ବଢ଼ିବାରେ ଲାଗିଛି। ବଙ୍ଗୋପସାଗରରେ କିଛିଦିନି ମଧ୍ୟରେ ଚକ୍ରବାତ ଅର୍ଣ୍ଣବ ଏବଂ ମୁରାସୁ ଆସିବା ସାଧାରଣ ଭାବେ ପାଣିପାଗ ବା ମୌସୁମୀବାୟୁର ଘଟଣା ନୁହେଁ ବରଂ ପ୍ରକୃତିର ପରବର୍ତ୍ତିତ ସ୍ଥିତିର ଗମ୍ଭୀର ସଙ୍କେତ ଅଟେ। ଅକ୍ଟୋବର ୨୮ ତାରିଖରେ ଚକ୍ରବାତ ଅର୍ଣ୍ଣବ ଆନ୍ଧ୍ରପ୍ରଦେଶ ତଟ ସମେତ ଓଡ଼ିଶାର କେତେକ ଅଞ୍ଚଳକୁ ପ୍ରଭାବିତ କରିଥିଲା ଏବଂ ନଭେମ୍ବର ୩ ତାରିଖରେ ମୁରାସୁ ସେଇ ଅଞ୍ଚଳକୁ ପ୍ରଭାବିତ କରିଥିଲା। ଏ ଦୁଇ ଚକ୍ରବାତ ମଧ୍ୟରେ ଏତେ କମ୍ ବ୍ୟବଧାନ ଥିବାରୁ ସ୍ପଷ୍ଟ ଯେ ବଙ୍ଗୋପସାଗର ଏବେ କେବଳ ଚକ୍ରବାତର ଜନ୍ମସ୍ଥଳୀ ପାଲଟିବାରେ ଲାଗିଛି। ସମୁଦ୍ରରେ ବଢୁଥିବା ଉତ୍ତାପ ଏବଂ ଗ୍ଲୋବାଲ ୱାର୍ମିଙ୍ଗ୍ ବିପଦକୁ ଅଧିକ କରିଦେଇଛି। ଏବେ ଚିନ୍ତା କେବଳ ଆଗାମୀ ଚକ୍ରବାତ ପାଇଁ ନୁହେଁ ବରଂ ବଙ୍ଗୋପସାଗର ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ଆସୁଥିବା ଚକ୍ରବାତ ପରେ ଆଗାମୀ ଚକ୍ରବାତକୁ ନେଇ ଆଶଙ୍କା ପ୍ରକାଶ କରିବାର ଚିନ୍ତା। ଚକ୍ରବାତର ପ୍ରଚଣ୍ଡତାର ରହସ୍ୟ ସମୁଦ୍ରର ଗଭୀର ଉତ୍ତାପ ଉପରେ ନିର୍ଭର କରୁଛି। ସମୁଦ୍ରର ତାପମାନ ବଢ଼ିଲେ ବାଷ୍ପୀକରଣ ଅଧିକ ହୋଇଥାଏ। ଅନୁକୂଳ ପରିସ୍ଥିତି ସୃଷ୍ଟିହେଲେ ଏହା ଚକ୍ରବାତର ରୂପ ନେଇଥାଏ। ବଙ୍ଗୋପସାଗର ଉପରେ କରାଯାଇଥିବା ଏକ ଗବେଷଣା (ସାଇଣ୍ଟିଫିକ୍ ରିପୋର୍ଟ-୨୦୨୩) ଅନୁସାରେ ୧୯୮୨ ରୁ ୨୦୨୧ ମଧ୍ୟରେ ସାମୁଦ୍ରିକ ଉଷ୍ମ ଲହରୀର ୧୦୭ ଟି ଘଟଣା ଘଟିଥିଲା । ଏସବୁ କରାଳ ରୂପ ନେଇଥିଲା। ବିଗତ ୧୦ ବର୍ଷ ମଧ୍ୟରେ ୩୩ ରୁ ୩୫ଟି ଚକ୍ରବାତ ହୋଇଥିବା ବେଳେ ସେଥିମଧ୍ୟରୁ ୨୦୧୮ ର ତିତଲି, ୨୦୧୯ ର ଫନି, ବାୟୁ, ମହା ଏବଂ ବୁଲବୁଲ ଅନ୍ୟତମ। ୨୦୨୦ରେ ଆମ୍ଫାନ ଏବଂ ନିଭାର, ୨୦୨୧ ର ୟାସ, ଗୁଲାବ ଏବଂ ଜୱାଦ ଘଟିଥିଲା। ସେହିପରି ୨୦୨୨ ରେ ସାନି, ସିତରଙ୍ଗ, ୨୦୨୩ ରେ ମୋଚା ଏବଂ ମିଚୁଙ୍ଗ, ୨୦୨୪ ରେ ରିମାଲ, ଦାନା, ଘଟିଥିଲା। ଏଥିପୂର୍ବରୁ ୧୯୯୯ ରେ ହୋଇଥିବା ପ୍ରଚଣ୍ଡ ସାଇକ୍ଲୋନ ବା ଚକ୍ରବାତ କାରଣରୁ ଓଡ଼ିଶା ବିଶେଷକରି ଜଗତସିଂହପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ଫାଇଲିନ, ୨୦୧୪ ର ହୁଡ୍‌ହୁଡ୍‌ର ଉତ୍ପତ୍ତିସ୍ଥଳ ଥିଲା ବଙ୍ଗୋପସାଗର ।

ଏହି ସଂଖ୍ୟା କେବଳ ବୈଜ୍ଞାନିକ ନିଷ୍କର୍ଷ ନୁହେଁ, ସମୁଦ୍ରର ବଦଳୁଥିବା ସ୍ୱଭାବର ଗମ୍ଭୀର ଚେତାବନୀ। ପାଣିପାଗ ଏବେ ତାର ପୁରୁଣା ଅଭ୍ୟାସ ଛାଡ଼ିଦେଇଛି। ଜଳବାୟୁ ପରିବର୍ତ୍ତନର ସଙ୍କଟ ଧୀରେ ଧୀରେ ବଢ଼ିବାରେ ଲାଗିଛି । ଅର୍ଣ୍ଣବ ଏବଂ ମୁରାସୁ ଦେଖାଇ ଦେଇଛି ଯେ ଗୋଟିଏ ବିପଦ ପରେ ଆଉ ଏକ ବିପଦ ମଧ୍ୟ ଆସିପାରେ। ଏଣେ ପ୍ରଶାସନକୁ ତୋଫାନର ଗତି, ଏହା ମଧ୍ୟରେ ଥିବା ବ୍ୟବଧାନ, ସମ୍ଭାବିତ ବର୍ଷା, ସମୁଦ୍ରର ଜଳସ୍ତର ବୃଦ୍ଧି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ କଥାକୁ ଚିନ୍ତା କରିବା ଜରୁରୀ।

ଚକ୍ରବାତ ଯେତେବେଳେ ଭୂମି ଉପରେ ବାଡ଼େଇ ହୋଇଥାଏ ବା ଲ୍ୟାଣ୍ଡଫଲ କରିଥାଏ ସେତେବେଳେ ଗରିବ ଲୋକେ ହିଁ କ୍ଷତିଗ୍ରସ୍ତ ହୋଇଥାନ୍ତି। କୃଷକର କ୍ଷେତ ଏବଂ ମତ୍ସ୍ୟଜୀବୀଙ୍କ ଦୈନନ୍ଦିନର ଗୁଜରାଣ ଉଜୁଡ଼ି ଯାଇଥାଏ। ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ଘରଦ୍ୱାରା ଭାଙ୍ଗିଯାଇଥାଏ। ଚକ୍ରବାତ କାରଣରୁ ଗଛ ସବୁ ଉପୁଡ଼ିଯାଏ, ବିଦ୍ୟୁତ୍ ଖୁଣ୍ଟି ମଧ୍ୟ ଉପୁଡ଼ି ଯାଏ, ଚକ୍ରବାତ ଜନିତ ବର୍ଷା କାରଣରୁ ରାସ୍ତାଘାଟ ଜଳମଗ୍ନ ଯୋଇଯାଏ, ସଞ୍ଚାର ବ୍ୟବସ୍ଥା, ବିଦ୍ୟୁତ୍ ସବରାହ ବାଧାପ୍ରାପ୍ତ ହୁଏ। ଏ ଭଳି ସମୟରେ ସରକାରୀ ସହାୟତା ଆଶ୍ୱସ୍ତି ତ ଦେଇଥାଏ କିନ୍ତୁ ସ୍ଥାୟୀ ସୁରକ୍ଷା ପାଇଁ ଆଜୀବିକା, ସୁରକ୍ଷିତ ଆବାସ, ବୀମା ଏବଂ ଆପଦା ର ପରବର୍ତ୍ତୀ ସହାୟତା ମଧ୍ୟ ଜରୁରୀ ଅଟେ।

ବଙ୍ଗୋପସାଗର ଏବେ କେବଳ ଚକ୍ରବାତ ଓ ତୋଫାନର ଜନ୍ମସ୍ଥଳୀ ହୋଇ ରହିନାହିଁ ବରଂ ଲୋକଙ୍କ ଆଜୀବିକା ଏବଂ ଦେଶର ପରିସ୍ଥିତି ଜନିତ ସୁରକ୍ଷାର ଜୀବନରେଖା ପାଲଟିଯାଇଛି। ଅର୍ଣ୍ଣବ ଏବଂ ମୁରାସୁ ଚେତାଇ ଦେଇଛି ଯେ ପ୍ରକୃତିର ସଙ୍କେତକୁ ଅଣଦେଖା କରିବା କେତେ ଭାରୀ ପଡ଼ିପାରେ। ସମୁଦ୍ରର ଆଗାମୀ ଗର୍ଜନ ପୂର୍ବରୁ ଆମକୁ ପ୍ରସ୍ତୁତ ରହିବାକୁ ହେବ କାରଣ ଆଗମୀ ଚେତାବନୀ ହୁଏତ ଆମକୁ ସମ୍ଭାଳିବାର ଅବସର ଦେଇ ନ ପାରେ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ମଧ୍ୟବର୍ତ୍ତୀ ନିର୍ବାଚନ ପରାଜୟ ପରେ...

ଡ. ପ୍ରମୋଦ କୁମାର ପଣ୍ଡା

> **ଟ୍ରମ୍ପଙ୍କ ନିର୍ବାଚନ ହାରିବାର ପ୍ରଭାବ ଭାରତର ବ୍ୟାପାର ଓ ଟାରିଫ ନୀତି ଉପରେ ପଡ଼ିବା ନିଶ୍ଚିତ। ଆମେରିକା ଭାରତୀୟ ସାମଗ୍ରୀର ଏକ ବଡ଼ ବଜାର। ଟାରିଫ ନୀତିର ପରିବର୍ତ୍ତନ ଦ୍ୱାରା ରପ୍ତାନି ପ୍ରଭାବିତ ହେବ। ଆମେରିକା ବାଣିଜ୍ୟିକ ଚୁକ୍ତି ପାଇଁ ଭାରତ ଉପରେ ଚାପ ପକାଇପାରେ। କିନ୍ତୁ ଏବେ ସ୍ଥିତି ଭିନ୍ନ ଅଛି। ତେଣୁ ଭାରତ ମଧ୍ୟ ନିଜ ପକ୍ଷରୁ ଟ୍ରେଡ଼ ଡିଲ୍ ପାଇଁ ଟ୍ରମ୍ପ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବ। ମୂଳଚାଲ କରିପାରେ। ଆମେରିକାର ଟ୍ରେଡ଼ ଥିଙ୍କ ଟ୍ୟାଙ୍କ ଇନିସିଏଟିଭ ଅନୁସାରେ ଡୋନାଲଡ଼ ଟ୍ରମ୍ପ ଚାପ ସୃଷ୍ଟି ପାଇଁ ତାଙ୍କର ଏକଜିକ୍ୟୁଟିଭ କ୍ଷମତା ବ୍ୟବହାର କରିପାରନ୍ତି। ଭାରତ ଟାରିଫକୁ ନେଇ ଆମେରିକା ପାଖରେ ତାର ମତ ସ୍ପଷ୍ଟ କରି କହିପାରେ ଯେ ଶୁଳ୍କ ଏଭଳି ରଖାଯାଉ ଯେମିତି ଭାରତ ଅନ୍ୟାନ୍ୟ କମ୍ପାନୀମାନଙ୍କ ସହିତ ମୁକାବିଲା କରିପାରିବ।**

ବ୍ରିଛି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଅଡୁଆ। ସେ ମିଡ଼ଟର୍ମ ପୋଲ ହାରିଗଲେ। କଂଗ୍ରେସର ଦୁଇ ସଦନରେ ଡେମୋକ୍ରେଟ୍ସ ବାଜିମାତ କଲେ। ସଂଖ୍ୟା ଗରିଷ୍ଠତା ହରାଇଲେ ରିପବ୍ଲିକାନ୍। ଆମେରିକାରେ ରାଷ୍ଟ୍ରପତିଙ୍କ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ହାରିବା କିଛି ନୂଆ କଥା ନୁହେଁ। ୧୯୩୮ ମସିହାରୁ ଏପର୍ଯ୍ୟନ୍ତ ହୋଇଥିବା ୨୨ ଗୋଟି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୋଲ ମଧ୍ୟରୁ କେବଳ ଦୁଇଥର କ୍ଷମତାସୀନ ସରକାର ବିଜୟୀ ହୋଇଛି। ପ୍ରଥମ ଥର ୧୯୯୮ ମସିହାରେ, ଯେତେବେଳେ ଡେମୋକ୍ରେଟ ପାର୍ଟିର ବିଲ୍ କ୍ଲିଣ୍ଟନ ରାଷ୍ଟ୍ରପତି ଥିଲେ। ଦ୍ୱିତୀୟ ଥର ୨୦୦୨ ମସିହାରେ, ୯/୧୧ ହମଲା ପରେ, ଯେତେବେଳେ ଜର୍ଜ ଡବ୍ଲ୍ୟୁ ବୁଶ ରାଷ୍ଟ୍ରପତି ଥିଲେ। ଟ୍ରମ୍ପ ତାଙ୍କର ପ୍ରଥମ ପାଳିରେ ମଧ ମଧବର୍ତ୍ତୀ ନିର୍ବାଚନରେ ପରାଜିତ ହୋଇଥିଲେ। ପରାଜୟର ଐତିହାସିକ ତାଲିକାରେ ରାଷ୍ଟ୍ରପତି ଟ୍ରମ୍ପ ଏବେ ଦ୍ୱିତୀୟ ଥର ପାଇଁ ତାଙ୍କ ନାମ ସାମିଲ କରିଛନ୍ତି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ମହଙ୍ଗା ସ୍ୱାସ୍ଥ୍ୟ ସେବା ଓ ଅତ୍ୟାବଶ୍ୟକ ସାମଗ୍ରୀ, ଇମିଗ୍ରେସନ ଓ ଅବୈଧ ପ୍ରବାସୀ ନୀତି, ମନଇଚ୍ଛା ବାଣିଜ୍ୟ ଶୁଳ୍କ ବୃଦ୍ଧି ଏବଂ ଇସ୍ରାଏଲ ପାଇଁ ଇରାନ ସହ ଆମେରିକାର ଯୁଦ୍ଧ ଇତ୍ୟାଦି ମଧବର୍ତ୍ତୀ ନିର୍ବାଚନରେ ତାଙ୍କ ପରାଜୟର କେତେକ ପ୍ରମୁଖ କାରଣ।

ପ୍ରତିନିଧି ସଭା ଓ ସିନେଟରେ ଡେମୋକ୍ରାଟ୍ସଙ୍କ ବହୁମତ ଥିବାରୁ ଟ୍ରମ୍ପ ପ୍ରଶାସନକୁ ଚେକ୍ ଦେବାକୁ ତାଙ୍କୁ ସୁବିଧା ହେବ। ବିଗତ ଦୁଇବର୍ଷର ସ୍ୱେଚ୍ଛାଚାରୀ ଶାସନର ପ୍ରତିଶୋଧ ନେବାକୁ ଡେମୋକ୍ରେଟ୍ସଙ୍କ କୁଶଳ ଓ କୁଟିଳ ରଣନୀତି ପ୍ରସ୍ତୁତ କରିବା ମଧ ଏକପ୍ରକାର ଥୟ। ନିଶ୍ଚିତ। ଟ୍ରମ୍ପଙ୍କ କାର୍ଯ୍ୟକଳାପ ଉପରେ ବର୍ତ୍ତମାନର ସଂସଦ ତୀକ୍ଷ୍ଣ ନଜର ରଖିବ। ବିଭିନ୍ନ ସରକାରୀ କମିଟିରେ ଏବେ ଡେମୋକ୍ରେଟ୍ସ ଅଧ୍ୟକ୍ଷ ରହିବେ। ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟ ଅଧିକାରୀଙ୍କ ପୂର୍ବ ସରକାରୀ କାର୍ଯ୍ୟକଳାପର ତଦନ୍ତ ହୋଇପାରେ। ବଜେଟ୍, ଟ୍ୟାକ୍ସ ସହ ଜଡ଼ିତ ପ୍ରସ୍ତାବ ପାସ କରାଇବାରେ ଟ୍ରମ୍ପ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କ୍ୟାବିନେଟ ମନ୍ତ୍ରୀ, ଜଜ୍ ଏବଂ ଅନ୍ୟ ଅଧିକାରୀଙ୍କ ନିଯୁକ୍ତି ସିନେଟର ଅନୁମୋଦନରେ ହୋଇଥାଏ। ଏବେ ଟ୍ରମ୍ପଙ୍କ ପ୍ରିୟ ଓ ପସନ୍ଦର ବ୍ୟକ୍ତିଙ୍କ ନିଯୁକ୍ତିରେ ବାଧା ଆସିବ। ସମ୍ବିଧାନର ଅନୁଚ୍ଛେଦ ୧ ଏବଂ ୨ ଅନୁସାରେ ଆମେରିକାର ରାଷ୍ଟ୍ରପତି ସଂସଦରେ ପାରିତ କୌଣସି ବିଧେୟକକୁ ଭିଟୋ ପ୍ରୟୋଗ କରି ଆଇନ ହେବାରେ ଅଟକାଇ ପାରିବେ। ଭିଟୋ ରାଷ୍ଟ୍ରପତିଙ୍କ ସାମ୍ବିଧାନିକ ଶକ୍ତି। କିନ୍ତୁ ରାଷ୍ଟ୍ରପତିଙ୍କ ଭିଟୋ ବିରୋଧରେ ସଂସଦ ପାଖରେ ଅନ୍ୟ ଏକ ଶକ୍ତି ରହିଛି। ତାହା ହେଲା ସଂସଦର ଦୁଇ-ତୃତୀୟାଂଶ ବହୁମତ। ସିନେଟର ଦୁଇ-ତୃତୀୟାଂଶ ବହୁମତ ବଳରେ ରାଷ୍ଟ୍ରପତିଙ୍କ ବିନା ଅନୁମୋଦନରେ ବିଧେୟକ କାନୁନ ହୋଇପାରିବ।

ମଧବର୍ତ୍ତୀ ନିର୍ବାଚନରେ ଟ୍ରମ୍ପଙ୍କ ପରାଜୟର ପ୍ରଭାବ ତାଙ୍କର ରାଜନୀତିକ ଭବିଷ୍ୟତ ଓ ପାରିବାରିକ ବ୍ୟବସାୟ ଉପରେ ପଡ଼ିବ। ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ତାଙ୍କର କୌଣସି ବଡ଼ ଏବଂ ବିଶିଷ୍ଟ ନିଷ୍ପତ୍ତି ନେବାର ଶକ୍ତି ରହିବ ନାହିଁ। ସେ ଅସମର୍ଥ ରାଷ୍ଟ୍ରପତି ହୋଇ ରହିବେ। ଏହା ଡୋନାଲଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ। ଆମେରିକାର ନିୟମ ଅନୁଯାୟୀ ତୃତୀୟ ଥର ପାଇଁ ସେ ରାଷ୍ଟ୍ରପତି ହୋଇପାରିବେ ନାହିଁ। ସୁତରାଂ ନିଜ ପାର୍ଟି ଓ ସାଂସଦଙ୍କ ଉପରୁ ତାଙ୍କର ନିୟନ୍ତ୍ରଣ କମ୍‌ଜୋର ପଡ଼ିବ। ପରବର୍ତ୍ତୀ ରାଷ୍ଟ୍ରପତି ପ୍ରାର୍ଥୀ ତାଙ୍କ ଉପଦେଶ ମାନି ନ ପାରନ୍ତି। ତାଙ୍କ ନିଷ୍ପତ୍ତିରୁ ନିଜକୁ ଦୂରେଇ ରଖିପାରନ୍ତି। ତାଙ୍କ ନିଜ ପାର୍ଟି ତାଙ୍କୁ ଅଲଗା ରଖିପାରେ।ଏଭଳି ସ୍ଥିତିରେ ତାଙ୍କ ବିରୋଧରେ ତୃତୀୟ ମହାଭିଯୋଗ ପ୍ରସ୍ତାବ ଆସିବା ଅସମ୍ଭବ ନୁହେଁ। ପୂର୍ବରୁ ସେ ଦୁଇ ଥର ମହାଭିଯୋଗର ସମ୍ମୁଖୀନ ହୋଇ ସାରିଛନ୍ତି। ପ୍ରଥମ, ୨୦୧୯ ମସିହାରେ ଯେତେବେଳେ ସେ ୟୁକ୍ରେନର ଏକ ପ୍ରାକୃତିକ ଗ୍ୟାସ କମ୍ପାନୀରେ ନିର୍ଦ୍ଦେଶକ ଥିବା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପୁତ୍ର ହଣ୍ଟର ବାଇଡେନଙ୍କ ବିରୋଧରେ ତଦନ୍ତ କରିବାକୁ ତତ୍କାଳୀନ ୟୁକ୍ରେନ ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଇବାର ଅଭିଯୋଗ ହୋଇଥିଲା ଏବଂ ଦ୍ୱିତୀୟ, ୨୦୨୧ ମସିହାରେ ନିର୍ବାଚନ ହାରିବା ପରେ ଯେତେବେଳେ ତାଙ୍କ ପ୍ରରୋଚନାରେ ତାଙ୍କ ସମର୍ଥକ ଆମେରିକୀ ସଂସଦ କ୍ୟାପିଟାଲ ହିଲ ଉପରେ ହମଲା କରିଥିଲେ। ଦୁଇଥର ଯାକ ଦ୍ୱିତୀୟ ଚରଣରେ ସେ ବର୍ତ୍ତିଯାଇଥିଲେ। ପ୍ରତିନିଧି ସଭାରେ ପାରିତ ହେବା ସତ୍ତ୍ୱେ ମହାଭିଯୋଗ ପ୍ରସ୍ତାବ ସିନେଟରେ କାଟ ଖାଇଥିଲା। ଏଥର ସିନେଟରେ ଡେମୋକ୍ରାଟ୍ସଙ୍କ ବହୁମତ ଯୋଗୁଁ ମହାଭିଯୋଗ ପ୍ରସ୍ତାବ ଆସିପାରେ।

ଡେମୋକ୍ରେଟ୍ସ ଏପଷ୍ଟିନ ଫାଇଲ ଜରିଆରେ ରାଷ୍ଟ୍ରପତିଙ୍କୁ ନିଜ ନିଶାଣରେ ନେଇପାରନ୍ତି। ଆମେରିକାର ନ୍ୟାୟିକ ବିଭାଗ ଏପଷ୍ଟିନ ଫାଇଲ ଧୀରେ ଧୀରେ ଜାରି କରୁଛି। ଅହେତୁକ ବିଳମ୍ବକୁ ନେଇ ଡେମୋକ୍ରାଟ୍ସ ଏଟର୍ନି ଜେନେରାଲକୁ ପ୍ରଶ୍ନ କରିପାରନ୍ତି। ଯୌନ ଅପରାଧୀ ଏପଷ୍ଟିନ ସହିତ ଟ୍ରମ୍ପଙ୍କ ସମ୍ପର୍କକୁ ନେଇ ପୂର୍ବରୁ ଫଟୋ, ଭିଡିଓ ଇତ୍ୟାଦି ଆସି ସାରିଛି। ଏହା ଉପରେ ଏବେ ତଦନ୍ତ ବସିପାରେ। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ପରାଜୟ ଟ୍ରମ୍ପଙ୍କ ପାଇଁ କେବଳ ଏକ ରାଜନୈତିକ ହାର୍ ନୁହେଁ। ଏହା ତାଙ୍କ ପାଇଁ ପାରିବାରିକ ସମସ୍ୟା ସୃଷ୍ଟି କରିପାରେ। ୨୦୨୫ ମସିହାରେ ଟ୍ରମ୍ପ ତାଙ୍କ ବ୍ୟବସାୟରୁ ୧୯,୦୦୦ କୋଟି ଟଙ୍କା ଆୟ କରିଛନ୍ତି। ୱାର୍ଲଡ ଲିବର୍ଟି ଫାଇନାନସିଏଲରୁ ୪୭୩୦ ଓ ମିମି କଏନରୁ ୫୬୯୬ କୋଟି ଟଙ୍କାର ଆୟ ହୋଇଛି। ଏହା ବ୍ୟତୀତ ୨୦୨୫ ମସିହାରେ ଟ୍ରମ୍ପଙ୍କ ନାମରେ ୨୦ ହଜାରରୁ ଅଧିକ ଷ୍ଟକ ଡିଲ୍ ହୋଇଛି। ପଦବୀରେ ଥାଇ ଏଭଳି ଷ୍ଟକ ଟ୍ରେଡ଼ିଙ୍ଗ ନିୟମ ବିରୁଦ୍ଧ ବୋଲି ଡେମୋକ୍ରାଟ୍ସ ଅଭିଯୋଗ କରନ୍ତି। ତେଣୁ ତାଙ୍କ ଓ ତାଙ୍କ ପରିବାର ସହ ଜଡ଼ିତ କ୍ରିପ୍ଟୋ କରେନ୍ସି ଉପରେ ତଦନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଫାଇନାନସିଆଲ ଡିସକ୍ଲୋଜର ଡକ୍ୟୁମେଣ୍ଟ ଆଧାରରେ ଟ୍ରମ୍ପଙ୍କ ବିରୋଧରେ ଯାଞ୍ଚ ହେବ। ଟ୍ରମ୍ପ ନିଜ ଜ୍ୱାଇଁ ଜେରେଡ଼ କୁଶନରଙ୍କୁ ଶାନ୍ତି ଦୂତ ଭାବେ ନିଯୁକ୍ତ କରିଥିଲେ। ମଧ-ପ୍ରାଚ୍ୟରୁ ତାଙ୍କୁ ବଡ଼ ଫଣ୍ଡିଙ୍ଗ ହୋଇଥିବା ଅନୁମାନ କରାଯାଉଛି। ତେଣୁ ତାଙ୍କ ସହ ଜଡ଼ିତ ଟ୍ରେଡ଼ ଡିଲର ମଧ ଯାଞ୍ଚ ହେବ। ବିନାନ୍ସର ସଂସ୍ଥାପକଙ୍କ ନାମରେ ମନି ଲଣ୍ଡ୍ରିଙ୍ଗ ମାମଲା ଥିଲା। ଅକ୍ଟୋବର, ୨୦୨୫ ରେ ଟ୍ରମ୍ପ ତାଙ୍କୁ କ୍ଷମା କରିଦେଇଥିଲେ। ଏଥିରେ ଟ୍ରମ୍ପ ଅଭିଯୁକ୍ତ ଅଛନ୍ତି।

ଟ୍ରମ୍ପଙ୍କ ନିର୍ବାଚନ ହାରିବାର ପ୍ରଭାବ ଭାରତର ବ୍ୟାପାର ଓ ଟାରିଫ ନୀତି ଉପରେ ପଡ଼ିବା ନିଶ୍ଚିତ। ଆମେରିକା ଭାରତୀୟ ସାମଗ୍ରୀର ଏକ ବଡ଼ ବଜାର। ଟାରିଫ ନୀତିର ପରିବର୍ତ୍ତନ ଦ୍ୱାରା ରପ୍ତାନି ପ୍ରଭାବିତ ହେବ। ଆମେରିକା ବାଣିଜ୍ୟିକ ଚୁକ୍ତି ପାଇଁ ଭାରତ ଉପରେ ଚାପ ପକାଇପାରେ। କିନ୍ତୁ ଏବେ ସ୍ଥିତି ଭିନ୍ନ ଅଛି। ତେଣୁ ଭାରତ ମଧ ନିଜ ପକ୍ଷରୁ ଟ୍ରେଡ଼ ଡିଲ ପାଇଁ ଟ୍ରମ୍ପ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବ। ମୂଳଚାଲ କରିପାରେ। ଆମେରିକାର ଟ୍ରେଡ଼ ଥିଙ୍କ ଟ୍ୟାଙ୍କ ଇନିସିଏଟିଭ ଅନୁସାରେ ଡୋନାଲଡ଼ ଟ୍ରମ୍ପ ଚାପ ସୃଷ୍ଟି ପାଇଁ ତାଙ୍କର ଏକଜିକ୍ୟୁଟିଭ କ୍ଷମତା ବ୍ୟବହାର କରିପାରନ୍ତି। ଭାରତ ଟାରିଫକୁ ନେଇ ଆମେରିକା ପାଖରେ ତାର ମତ ସ୍ପଷ୍ଟ କରି କହିପାରେ ଯେ ଶୁଳ୍କ ଏଭଳି ରଖାଯାଉ ଯେମିତି ଭାରତ ଅନ୍ୟାନ୍ୟ କମ୍ପାନୀମାନଙ୍କ ସହିତ ମୁକାବିଲା କରିପାରିବ। ଭିସା ଓ ଇମିଗ୍ରେସନ ନୀତି ଉପରେ ମଧ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରିଣାମର ପ୍ରଭାବ ପଡ଼ିବ। ଏହା ଦ୍ୱାରା ଆମେରିକାରେ କାମ କରୁଥିବା ଏଚ୍-୧ବି ଭିସାଧାରୀ କର୍ମଚାରୀ ଲାଭବାନ ହେବେ। ଏହି ଭିସା ଆବେଦନ ଉପରେ ଲାଗିଥିବା ୯୫୦୦୦ ଟଙ୍କାର ଆବେଦନ ଫି ହଟିପାରେ।

ମଧବର୍ତ୍ତୀ ନିର୍ବାଚନ ଫଳାଫଳର ପ୍ରଭାବ ତତ୍କାଳ ଇରାନ ଯୁଦ୍ଧ ଉପରେ ପଡ଼ିବାର ସମ୍ଭାବନା କମ୍ ରହିଛି। କାରଣ ସେନା ସହ ଜଡ଼ିତ ସମସ୍ତ ନିଷ୍ପତ୍ତି ରାଷ୍ଟ୍ରପତି ନେଇଥାନ୍ତି। ସିଏ ସେନାର କମାଣ୍ଡର-ଇନ୍-ଚିଫ। ତୁରନ୍ତ ଯୁଦ୍ଧ ବିରାମ ହେଉ ବା ନ ହେଉ ଯୁଦ୍ଧ ଖର୍ଚ୍ଚ କାଟ ହେବା ନିଶ୍ଚିତ। ଯୁଦ୍ଧ ବଜେଟ ପାଇଁ ଏବେ ଟ୍ରମ୍ପଙ୍କୁ ଡେମୋକ୍ରାଟ୍ସଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ। ଡେମୋକ୍ରାଟ୍ସ ଯୁଦ୍ଧ ପାଇଁ ଖର୍ଚ୍ଚ କରିବା ସପକ୍ଷରେ ନାହିଁ। ଇସ୍ରାଏଲ ପାଇଁ ଇରାନ ବିରୋଧରେ ଯୁଦ୍ଧ ଚାହେଁ ନାହିଁ। ପୂର୍ବରୁ ଟ୍ରମ୍ପଙ୍କ ବହୁମତ ଥିବାରୁ ସଂସଦରେ ଯୁଦ୍ଧ ବଜେଟ୍ ପାସ କରାଇବା ସହଜ ଥିଲା। ଏବେ ସଦନରେ ଡେମୋକ୍ରେଟ୍ସଙ୍କ ବହୁମତ। ତେଣୁ ବିଶେଷ ଫଣ୍ଡ ପାସ ଏକ ଆହ୍ୱାନ ହେବ। ଡେମୋକ୍ରାଟ୍ସ ବିଲ୍ ରୋକିବେ ନଚେତ କଡ଼ା ସର୍ତ୍ତ ଲଗାଇବେ। ଦ୍ୱିତୀୟରେ ଡେମୋକ୍ରାଟ୍ସ ୱାର ପାୱାର ଆକ୍ଟ ବ୍ୟବହାର କରିପାରେ। ୱାର ପାୱାର୍ସ ରିଜୋଲ୍ୟୁସନ, ୧୯୭୩ ଏଭଳି ଏକ କାନୁନ ଯାହା ଯୁଦ୍ଧ ଆରମ୍ଭ କରିବାରେ ରାଷ୍ଟ୍ରପତିଙ୍କ କ୍ଷମତା ନିୟନ୍ତ୍ରିତ କରିଥାଏ। ଏହି କାନୁନରେ ତିନିଗୋଟି ବଡ଼ ଓ କଡ଼ା ପ୍ରାବଧାନ ରହିଛି। ପ୍ରଥମ - ସେନାକୁ ଯୁଦ୍ଧ ପାଇଁ ପଠାଇବାର ୪୮ ଘଣ୍ଟା ମଧ୍ୟରେ ସଂସଦକୁ ରିପୋର୍ଟ କରିବା ଅନିବାର୍ଯ୍ୟ ଅଟେ। ଦ୍ୱିତୀୟ - ଯୁଦ୍ଧ ପାଇଁ ସଂସଦର ମଞ୍ଜୁରି ନ ମିଳିଲେ ୬୦ ଦିନ ମଧ୍ୟରେ ସେନାକୁ ଅପସାରଣ କରିବାକୁ ହେବ ଏବଂ ତୃତୀୟ - ସୁରକ୍ଷିତ ସେନା ପ୍ରତ୍ୟାବର୍ତ୍ତନ ପାଇଁ ରାଷ୍ଟ୍ରପତିଙ୍କୁ ଅତିରିକ୍ତ ୩୦ ଦିନର ମହଲତ। ଆମେରିକା-ଭିଏତନାମ ଯୁଦ୍ଧ ୧୯୫୫ ରୁ ୧୯୭୫ ଯାଏ ୨୦ ବର୍ଷ ଧରି ସଂସଦର ବିନା ଅନୁମୋଦନରେ ଚାଲିଥିଲା। ତତ୍କାଳୀନ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ୱାର ପାୱାର ବିଧେୟକକୁ ଭିଟୋ ପ୍ରୟୋଗରେ କାନୁନ ହେବାରୁ ରୋକିଥିଲେ। ସଂସଦର ଦୁଇ - ତୃତୀୟାଂଶ ସଦସ୍ୟଙ୍କ ସମର୍ଥନରେ କିନ୍ତୁ ବିଲ୍ ପାରିତ ହୋଇ କାନୁନ ତିଆରି ହୋଇଥିଲା। ପିଟ ହେଗସେଥ ଆମେରିକାର ରକ୍ଷା ମନ୍ତ୍ରୀ ଥିଲେ। ତାଙ୍କ କାର୍ଯ୍ୟକାଳରେ ଇରାନ ଯୁଦ୍ଧ ହୋଇଛି। ସେ ଯୁଦ୍ଧରେ ୨.୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଇଛନ୍ତି। ଯୁଦ୍ଧର କ୍ଷୟକ୍ଷତି ଏବଂ ଅସଲ ନିବେଶ ଗୁପ୍ତ ରହିଛି। ସାର୍ବଜନୀନ ହୋଇନାହିଁ। ଏଥିପାଇଁ ଡେମୋକ୍ରାଟ୍ସ ହେଗସେଥଙ୍କୁ ଘେରି ପାରନ୍ତି। ରକ୍ଷା ବିଭାଗ ଅଧିକାରୀଙ୍କୁ ତଥ୍ୟ ଉପସ୍ଥାପନ କରିବାକୁ ସମନ ହୋଇପାରେ। ଏପରି ପରିସ୍ଥିତିରେ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଇରାନ ଯୁଦ୍ଧରୁ ପଛକୁ ଫେରିପାରନ୍ତି।

ମୋଟାମୋଟି ଭାବରେ କହିବାକୁ ଗଲେ ମଧବର୍ତ୍ତୀ ନିର୍ବାଚନରେ ଟ୍ରମ୍ପଙ୍କ ପରାଜୟ ତାଙ୍କ ଭବିଷ୍ୟତ ରାଜନୀତି ଓ ପାରିବାରିକ ବ୍ୟବସାୟ ପାଇଁ ଏକ ଗମ୍ଭୀର ସଙ୍କଟ ଭାବେ ଉଭା ହୋଇଛି। ଏହା ତାଙ୍କ ସ୍ୱେଚ୍ଛାଚାରିତା, ମନମାନି ନୀତି, ଏକତରଫା ନିଷ୍ପତ୍ତି, ବିଶ୍ୱର ବିଭିନ୍ନ ରାଷ୍ଟ୍ରାଧକ୍ଷଙ୍କ ପ୍ରତି କଠୋର ଓ ଅପମାନଜନକ ବାଣୀ ଓ ବ୍ୟବହାରର ପରିଣାମ କହିଲେ ଅତ୍ୟୁକ୍ତି ହେବ ନାହିଁ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

ବିଶ୍ୱ ଏଆଇ ମାନ୍ଦା ଏବଂ ଭାରତୀୟ ଆଇଟି ଚମକ

ଇଂ. ଅମର ବେହେରା

> **ଭାରତୀୟ ଇଞ୍ଜିନିୟର ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନେ ସମଗ୍ର ବିଶ୍ୱକୁ ଯେଉଁ ବ୍ୟାବହାରିକ ସେବା ଯୋଗାଇ ଆସୁଛନ୍ତି, ତାର ବିକଳ୍ପ ଆଜି ସୁଦ୍ଧା କୌଣସି କମ୍ପ୍ୟୁଟର ପ୍ରୋଗ୍ରାମ କରିପାରି ନାହିଁ । ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତା ନେଇ ସଂଶୟ ପ୍ରକାଶ ପାଇଲା, ସେତେବେଳେ ସମସ୍ତ ପୁଞ୍ଜି ସ୍ୱାଭାବିକ ଭାବେ ଭାରତୀୟ ପ୍ରଯୁକ୍ତିବିଦ୍ୟା ବଜାର ଆଡ଼କୁ ମୁହାଁଇଲା । ଆମେରିକାରେ ଡେମୋକ୍ରାଟିକ୍ ଦଳର ସରକାର ଆଗାମୀ ଦିନରେ ତଥ୍ୟର ଗୋପନୀୟତା ଏବଂ ସୁରକ୍ଷାକୁ ନେଇ ଆହୁରି କଠୋର ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି ।**

ସ୍ମାର୍ଟଫୋନ୍ ଏବଂ କମ୍ପ୍ୟୁଟର ବ୍ୟବହାର କରୁଥିବା ଆଧୁନିକ ମଣିଷ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏକ ନୂଆ ବିପ୍ଳବ ଆଣିଥିଲା । ବିଶ୍ୱର ବଡ଼ ବଡ଼ ବ୍ୟବସାୟୀ ଓ ନିବେଶକମାନେ ଭାବିଥିଲେ ଯେ ଏହି ପ୍ରଯୁକ୍ତିବିଦ୍ୟା ଆଗାମୀ ଦିନରେ ସମଗ୍ର ପୃଥିବୀକୁ ନିୟନ୍ତ୍ରଣ କରିବ । ଏହି ଆଶାରେ ଆମେରିକାର ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ସେୟାର ମୂଲ୍ୟ ଆକାଶଛୁଆଁ ହୋଇଥିଲା । ବିଶେଷକରି ମାଇକ୍ରୋସଫ୍ଟ, ଗୁଗଲର ମାତୃ କମ୍ପାନୀ ଆଲଫାବେଟ୍, ଆପଲ୍, ମେଟା, ଏନଭିଡିଆ ଏବଂ ଆମାଜନ ଭଳି ବୃହତ୍ ସଂସ୍ଥାଗୁଡ଼ିକ ନିଜର ସମସ୍ତ ଶକ୍ତି ଏହି ନୂତନ ଜ୍ଞାନକୌଶଳରେ ଖଟାଇ ଦେଇଥିଲେ । କିନ୍ତୁ ବର୍ତ୍ତମାନ ବିଶ୍ୱ ବଜାରର ସ୍ଥିତି ବଦଳିବାରେ ଲାଗିଛି । ଆମେରିକାର ସେୟାର ବଜାରରେ ଏକ ବଡ଼ ଧରଣର ଅବନତି ଦେଖାଦେଇଛି ଏବଂ ନିବେଶକମାନେ କୃତ୍ରିମ ବୁଦ୍ଧିମତ୍ତା କମ୍ପାନୀଗୁଡ଼ିକରୁ ନିଜର ଅର୍ଥ ପ୍ରତ୍ୟାହାର କରିନେଉଛନ୍ତି । ଏହି ପରିପ୍ରେକ୍ଷୀରେ ଆମେରିକାର ପ୍ରମୁଖ ସୂଚକାଙ୍କଗୁଡ଼ିକ ହ୍ରାସ ପାଇବା ସହ ନିବେଶକମାନଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି । ଏହି ସାମଗ୍ରିକ ପରିସ୍ଥିତି ପଛରେ ଆମେରିକାର ସାମ୍ପ୍ରତିକ ରାଜନୈତିକ ପରିବର୍ତ୍ତନ ଏକ ମୁଖ୍ୟ କାରଣ ସାଜିଛି । ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ରିପବ୍ଲିକାନ ଦଳର ପରାଜୟ ଏହି ବଜାର ହ୍ରାସର ମୁଖ୍ୟ ସୂତ୍ରଧାର ପାଲଟିଛି । ଡୋନାଲ୍ଡ ଟ୍ରମ୍ପ ସର୍ବଦା ମୁକ୍ତ ବଜାର ଏବଂ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ପାଇଁ ନିୟମ କୋହଳ କରିବା ସପକ୍ଷରେ ଥିଲେ । ସେ ଏହି କମ୍ପାନୀଗୁଡ଼ିକୁ ବିନା କୌଣସି ବାଧାବିଘ୍ନରେ କାର୍ଯ୍ୟ କରିବାକୁ ଉତ୍ସାହିତ କରୁଥିଲେ, ଯାହା ଦ୍ୱାରା ନିବେଶକମାନଙ୍କ ମଧ୍ୟରେ ଅହେତୁକ ଉତ୍ସାହ ଥିଲା । କିନ୍ତୁ ବର୍ତ୍ତମାନ ଆମେରିକାର ସେନେଟ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଡେମୋକ୍ରାଟିକ୍ ଦଳ କ୍ଷମତାକୁ ଆସିବା ପରେ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ନୂତନ ଶାସକ ଦଳ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଏବଂ ଏହାର ବିଶାଳ ତଥ୍ୟ କେନ୍ଦ୍ରଗୁଡ଼ିକ ଉପରେ କଠୋର କଟକଣା ଜାରି କରିବାକୁ ଯୋଜନା କରୁଛନ୍ତି । ଏହି ତଥ୍ୟ କେନ୍ଦ୍ରଗୁଡ଼ିକ ପ୍ରଚୁର ପରିମାଣର ବିଦ୍ୟୁତ ଓ ପ୍ରାକୃତିକ ସମ୍ପଦ ବ୍ୟବହାର କରୁଥିବାରୁ ପରିବେଶ ସୁରକ୍ଷା ନାମରେ ଏଗୁଡ଼ିକର ସମ୍ପ୍ରସାରଣକୁ ରୋକାଯିବାର ସମ୍ଭାବନା ଦେଖାଦେଇଛି । ଏହି କାରଣରୁ ନିବେଶକମାନେ ବୁଝିଗଲେଣି ଯେ ଆଗାମୀ ଦିନରେ ଏହି ବୈଷୟିକ କମ୍ପାନୀଗୁଡ଼ିକର ଭବିଷ୍ୟତ ଆଉ ପୂର୍ବଭଳି ସୁରକ୍ଷିତ ନୁହେଁ । ଯେଉଁ ସମୟରେ ଆମେରିକାର ସେୟାର ବଜାର ତଳକୁ ଖସୁଛି, ଠିକ୍ ସେହି ସମୟରେ ଭାରତୀୟ ସେୟାର ବଜାର ଏକ ନୂତନ ଉଚ୍ଚତା ଛୁଇଁବାରେ ଲାଗିଛି । ସମଗ୍ର ବିଶ୍ୱର ବଡ଼ ବଡ଼ ପୁଞ୍ଜିନିବେଶକମାନେ ଏବେ ଆମେରିକା ଛାଡ଼ି ଭାରତୀୟ କମ୍ପାନୀଗୁଡ଼ିକରେ ନିଜର ଅର୍ଥ ବିନିଯୋଗ କରୁଛନ୍ତି । ଅତୀତରେ ଦିନେ ଡୋନାଲ୍ଡ ଟ୍ରମ୍ପ ଭାରତର ଅର୍ଥନୀତିକୁ ମୃତ ବୋଲି ସମାଲୋଚନା କରିଥିଲେ, କିନ୍ତୁ ଆଜି ସେହି ଭାରତୀୟ ଅର୍ଥନୀତି ବିଶ୍ୱ ପାଇଁ ସବୁଠାରୁ ବଡ଼ ଆଶାର କିରଣ ସାଜିଛି । ଭାରତର ଆଭ୍ୟନ୍ତରୀଣ ବଜାରର ଶକ୍ତି ଏବଂ ଦୃଢ଼ ଆର୍ଥିକ ନୀତି ଯୋଗୁଁ ବୈଦେଶିକ ନିବେଶକମାନଙ୍କ ଆସ୍ଥା ଭାରତ ଉପରେ କ୍ରମାଗତ ଭାବେ ବୃଦ୍ଧି ପାଉଛି । ବର୍ତ୍ତମାନ ବିଶ୍ୱ ବଜାରରେ ଏକ ନୂଆ ସ୍ଲୋଗାନ ପ୍ରତିଧ୍ୱନିତ ହେଉଛି ଯେ ଆମେରିକୀୟ କୃତ୍ରିମ ବୁଦ୍ଧିମତ୍ତାର ବିକ୍ରି ଭାରତୀୟ ସୂଚନା ପ୍ରଯୁକ୍ତିବିଦ୍ୟା ପାଇଁ ବରଦାନ ସଦୃଶ ହୋଇଛି । ଏହି ଅନ୍ତର୍ଜାତୀୟ ବିକ୍ରି ପ୍ରକ୍ରିୟା ମଧ୍ୟରେ ଭାରତର ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ସେୟାର ମୂଲ୍ୟରେ ବିଗତ କିଛି ଦିନ ମଧ୍ୟରେ ପ୍ରାୟ ପନ୍ଦରରୁ କୋଡ଼ିଏ ପ୍ରତିଶତ ପର୍ଯ୍ୟନ୍ତ ଅଭୁତପୂର୍ବ ବୃଦ୍ଧି ପରିଲକ୍ଷିତ ହୋଇଛି । ବିଶ୍ୱର ନିବେଶକମାନେ ଏହା ଅନୁଭବ କରୁଛନ୍ତି ଯେ କେବଳ କଳ୍ପନା ଆଧାରିତ କୃତ୍ରିମ ବୁଦ୍ଧିମତ୍ତା ଅପେକ୍ଷା ଭାରତୀୟ ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ସେବା ଅଧିକ ବାସ୍ତବବାଦୀ ଏବଂ ଲାଭଜନକ । ଭାରତୀୟ ଇଞ୍ଜିନିୟର ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନେ ସମଗ୍ର ବିଶ୍ୱକୁ ଯେଉଁ ବ୍ୟବହାରିକ ସେବା ଯୋଗାଇ ଆସୁଛନ୍ତି, ତାର ବିକଳ୍ପ ଆଜି ସୁଦ୍ଧା କୌଣସି କମ୍ପ୍ୟୁଟର ପ୍ରୋଗ୍ରାମ କରିପାରି ନାହିଁ । ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତା ନେଇ ସଂଶୟ ପ୍ରକାଶ ପାଇଲା, ସେତେବେଳେ ସମସ୍ତ ପୁଞ୍ଜି ସ୍ୱାଭାବିକ ଭାବେ ଭାରତୀୟ ପ୍ରଯୁକ୍ତିବିଦ୍ୟା ବଜାର ଆଡ଼କୁ ମୁହାଁଇଲା । ଆମେରିକାରେ ଡେମୋକ୍ରାଟିକ୍ ଦଳର ସରକାର ଆଗାମୀ ଦିନରେ ତଥ୍ୟର ଗୋପନୀୟତା ଏବଂ ସୁରକ୍ଷାକୁ ନେଇ ଆହୁରି କଠୋର ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି । ଏହି ଆଇନଗୁଡ଼ିକ ଆମେରିକୀୟ କମ୍ପାନୀଗୁଡ଼ିକର ଲାଭ ଅର୍ଜନ କ୍ଷମତାକୁ ବହୁ ପରିମାଣରେ ହ୍ରାସ କରିଦେବ । କୃତ୍ରିମ ବୁଦ୍ଧିମତ୍ତାର ବିକାଶ ପାଇଁ ଯେଉଁ ଅଗାଧ ତଥ୍ୟର ଆବଶ୍ୟକତା ରହିଛି, ତାହା ଉପରେ କଟକଣା ଲାଗିଲେ ଏହି ଶିଳ୍ପ ସମ୍ପୂର୍ଣ୍ଣ ଭାବେ ମନ୍ଥର ହୋଇଯିବ । ଅପରପକ୍ଷରେ ଭାରତ ନିଜର ବୈଷୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବିଶ୍ୱର ଚାହିଦା ମୁତାବକ ସେବା ଯୋଗାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ବିଶ୍ୱ ଅର୍ଥନୀତିର ଏହି ମହାପରିବର୍ତ୍ତନ ସ୍ପଷ୍ଟ କରୁଛି ଯେ କେବଳ ପ୍ରଶଂସା ବା ପ୍ରଚାର ଦ୍ୱାରା କୌଣସି ବଜାର ଦୀର୍ଘଦିନ ତିଷ୍ଠି ରହିପାରେ ନାହିଁ । ବାସ୍ତବିକତା ଏବଂ ସ୍ଥିରତା ହିଁ ନିବେଶକଙ୍କୁ ଆକୃଷ୍ଟ କରିଥାଏ, ଯାହା ଆଜି ଭାରତୀୟ ବଜାରରେ ପ୍ରଚୁର ପରିମାଣରେ ଦେଖିବାକୁ ମିଳୁଛି । ଏହି ଘଟଣାବଳୀରୁ ଏହା ପ୍ରମାଣିତ ହେଉଛି ଯେ ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ ଏବେ ପଶ୍ଚିମରୁ ପୂର୍ବ ଦିଗକୁ ଅର୍ଥାତ୍ ଭାରତ ଆଡ଼କୁ ଗତି କରୁଛି।

ଡୋନାଲ୍ଡ ଟ୍ରମ୍ପଙ୍କ ରାଜନୈତିକ ପରାଜୟ କେବଳ ଜଣେ ନେତାଙ୍କର ପରାଜୟ ନୁହେଁ, ବରଂ ଏହା କୃତ୍ରିମ ବୁଦ୍ଧିମତ୍ତା ଶିଳ୍ପର ଅହଂକାର ଏବଂ ଅପରିପକ୍ୱତାର ଅବସାନ ବୋଲି କୁହାଯାଇପାରେ । ଭାରତର ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଯେଉଁଭଳି ଭାବରେ ଏହି ସଙ୍କଟ ସମୟରେ ନିଜକୁ ବିଶ୍ୱର ଶ୍ରେଷ୍ଠ ବିକଳ୍ପ ଭାବେ ଉପସ୍ଥାପିତ କରିଛି, ତାହା ପ୍ରଶଂସନୀୟ। ଆଗାମୀ ଦିନରେ ଯେତେ ଯେତେ ବିଶ୍ୱ ନିବେଶକଙ୍କ ଆସ୍ଥା ଆମେରିକୀୟ କୃତ୍ରିମ ବୁଦ୍ଧିମତ୍ତା ଉପରୁ କମିବ, ସେତେ ସେତେ ଭାରତୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଅଧିକ ସମୃଦ୍ଧ ହେବ । ଏହି ବଦଳୁଥିବା ଆର୍ଥିକ ସମୀକରଣ ଭାରତକୁ ବିଶ୍ୱର ଏକ ପ୍ରମୁଖ ଆର୍ଥିକ ମହାଶକ୍ତି ଭାବେ ପ୍ରତିଷ୍ଠିତ କରିବା ସହ ଭାରତୀୟ ବଜାରକୁ ଆଗାମୀ ଅନେକ ଦଶନ୍ଧି ପର୍ଯ୍ୟନ୍ତ ସୁରକ୍ଷିତ ଏବଂ ଶକ୍ତିଶାଳୀ କରି ରଖିବ, ଏଥିରେ କୌଣସି ସନ୍ଦେହ ନାହିଁ ।

ବରଡିହି, ଅସ୍ତରଙ୍ଗ, ପୁରୀ
ମୋ: ୯୭୪୨୯୮୨୭୪୧

ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟା ଆରମ୍ଭ

ପାରଳାଖେମୁଣ୍ଡି,୧୦।୧୧ (ନିପ୍ର); ଗଜପତି ଜିଲ୍ଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଜପତି ଜିଲ୍ଲାରେ ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟା ପାରଳାଖେମୁଣ୍ଡି ଟାଉନ ହଲ୍‌ଠାରେ ଆରମ୍ଭ ହୋଇଛି। ଏହି ଚୟନ ପ୍ରକ୍ରିୟା ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପ୍ରକ୍ରିୟା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ କଳାକାରମାନଙ୍କୁ ଚୟନ କରାଯିବ। ଚୟନିତ ଅନୁଷ୍ଠାନଗୁଡ଼ିକ ଭବିଷ୍ୟତରେ ବିଭାଗ ପକ୍ଷରୁ ପ୍ରାୟୋଜିତ ରାଜ୍ୟ ଓ ଜାତୀୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କଳା ପରିବେଷଣ କରିବାର ସୁଯୋଗ ପାଇବେ। ପ୍ରଥମ ଦିନରେ ମୋଟ ୨୬ଟି ସଂକୀର୍ତ୍ତନ ମଣ୍ଡଳୀ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ଚୟନ



ପ୍ରକ୍ରିୟାରେ ବିଚାରକ ଭାବେ ସ୍ଥାନୀୟ ବିଶିଷ୍ଟ କଳାକାର ତଥା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ରଘୁନାଥ ପାତ୍ର, ଅଭିଜ୍ଞ ମଞ୍ଚ କଳାକାର ନୃସିଂହ ଚରଣ ପଟ୍ଟନାୟକ, ବରିଷ୍ଠ ଭାରତଲୀଳା କଳାକାର ତଥା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ହରିକୃଷ୍ଣ ବିଶ୍ୱାଳ ଏବଂ ସଂକୀର୍ତ୍ତନ ଗୁରୁ ପ୍ରଫୁଲ୍ଲ ବିଶ୍ୱାଳ ଯୋଗଦେଇଥିଲେ।ବିଚାରକମାନେ କଳାକାରମାନଙ୍କ ପରିବେଷଣର ମୂଲ୍ୟାୟନ କରିବା ସହିତ ଚୟନ ପ୍ରକ୍ରିୟାରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିଥିଲେ। ଏଥିସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।ଜିଲ୍ଲାର କଳା, ସଂସ୍କୃତି ଓ ପାରମ୍ପରିକ କଳାରୂପକୁ ରାଜ୍ୟ ତଥା ଜାତୀୟସ୍ତରରେ ପରିଚିତ କରାଇବା ଏହି ଚୟନ ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଛି।

ବୌଦ୍ଧ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବରେ ବିରଞ୍ଚି ନାରାୟଣ ଦରୱାନଙ୍କ ଯୋଗଦାନ

ବୌଦ୍ଧ,୧୦।୧୧ (ନିପ୍ର); ବୌଦ୍ଧ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କର ସୁବର୍ଣ୍ଣପୁର ଜିଲ୍ଲାକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ବୌଦ୍ଧ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗଦାନ କରିବା ସହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଦରୱାନ ଜଣେ ଅଭିଜ୍ଞ ଓ ଦକ୍ଷ ପ୍ରଶାସନିକ ଅଧିକାରୀ ହେବା ସହ ଜଣେ କବି, ସୁଲେଖକ ଓ ସୁସାହିତ୍ୟିକ ଭାବେ



ମଧ୍ୟ ପରିଚିତ। ପ୍ରଶାସନିକ ଦାୟିତ୍ୱ ନିର୍ବାହ ସହ ସାହିତ୍ୟ ଓ ସୃଜନଶୀଳତା କ୍ଷେତ୍ରରେ ତାଙ୍କର ରୁଚି ଓ ଅବଦାନ ତାଙ୍କ ବ୍ୟକ୍ତିତ୍ୱକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସେ ପୂର୍ବରୁ ନୂଆପଡ଼ାରେ ଅତିରିକ୍ତ ତହସିଲଦାର, ଗାଇସିଲେଟ ତହସିଲଦାର, ଖଇରିପଡ଼ା ତହସିଲଦାର, ମାଲକାନଗିରି ବିଡିଓ, ଭବାନୀପାଟଣା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଏବଂ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦୀର୍ଘବର୍ଷ ଧରି ସଫଳତାର ସହ କାର୍ଯ୍ୟ ନିର୍ବାହ କରିଛନ୍ତି। ତାଙ୍କର ଏହି ବ୍ୟାପକ ପ୍ରଶାସନିକ ଅଭିଜ୍ଞତା ରାଜସ୍ୱ ପ୍ରଶାସନ, ଗ୍ରାମୀଣ ବିକାଶ, ଆଦିବାସୀ ଉନ୍ନୟନ ଓ ଜିଲ୍ଲାସ୍ତରୀୟ ଯୋଜନାର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ବିଶେଷ ଦକ୍ଷତା ପ୍ରଦାନ କରିଛି।

ଗାଁ ଗହଳିରୁ ଲିଭିଗଲାଣି ଆକାଶ ଦୀପ

ଭାପୁର,୧୦।୧୧ (ନିପ୍ର); ଆମ ରାଜ୍ୟରେ କାର୍ତ୍ତିକ ମାସକୁ ଜନସାଧାରଣ ଧାର୍ମିକ ମାସ ରୂପେ ପରିଗଣିତ କରିଥାନ୍ତି। କାର୍ତ୍ତିକ ମାସ ଆସିଲେ ଗାଁ ଗହଳିରେ ଧାର୍ମିକ ପରିବେଶ ଦେଖିବାକୁ ମିଳିଥାଏ। ଶୀତୁଆ ସକାଳରେ ଗାଁର ବୟସ୍କ ମହିଳା ଓ ପୁରୁଷ ସ୍ନାନ କରି ଗାଁ ଠାକୁରଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମଣିଥାନ୍ତି। ମନ୍ଦିର ବେଢ଼ା ପରିସର ମଧ୍ୟରେ ଏକ ଉଚ୍ଚା ବାଉଁଶ ରେ ୭ ଗୋଟି କଣା ଥାଇ ମାଟି ହାଣ୍ଡି ଭିତରେ ଦୀପ ଜଳା ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ ଯାହାକୁ ଆକାଶ ଦୀପ କୁହାଯାଏ। ଏହି ଆକାଶ ଦୀପ ମନ୍ଦିର ତଥା ଗାଁଗୁଡ଼ିକରେ କେତେକ ଧାର୍ମିକ ପରିବାର ମଧ୍ୟରେ ପ୍ରଚଳନ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଥିଲା କିନ୍ତୁ,ବର୍ତ୍ତମାନ ତାହା ଲୋପ ହେବାକୁ ବସିଲାଣି। ଏହି ଆକାଶ ଦୀପ ର ଏକ ସୁନ୍ଦର ପୌରାଣିକ ଗାଥା ଅନୁସାରେ,ଦିନେ ଶ୍ରୀକୃଷ୍ଣ ଙ୍କୁ ପ୍ରବଳ ଜ୍ୱର ହେଲା।ତାଙ୍କ ମାଆ ଯଶୋଦା ଯେତେ ଜଡିବୁଟି



ଦେଲେ ମଧ୍ୟ ଜ୍ୱର ଭଲ ହେଲା ନାହିଁ କିନ୍ତୁ,ଶ୍ରୀକୃଷ୍ଣ ନିଜେ ଭଲ ହେବା ପାଇଁ ମାଆଙ୍କୁ କହିଲେ ଯେ,ଯେଉଁ ସତୀ ନାରୀ ଯମୁନା ନଈରୁ କଣା ମାଠିଆରେ ପାଣି ଆଣି କୃଷ୍ଣଙ୍କୁ ଦେବ ତେବେ ଜ୍ୱର ଭଲ ହେବ। ଏହି ଅସମ୍ଭବ କଥା ତଥା କଣା ମାଠିଆ ରହସ୍ୟକୁ ରାଧିକା ମାଇଁ କରି ଦେଖାଇଥିଲେ ଫଳରେ, ଶ୍ରୀକୃଷ୍ଣଙ୍କ ଜ୍ୱର ଭଲ ହୋଇଥିଲା। ସେହିଦିନ ଠାରୁ ଶ୍ରୀକୃଷ୍ଣଙ୍କ ହାତର ବଇଁଶୀକୁ ବାଉଁଶର ସ୍ୱରୂପ ସହିତ ତୁଳନା କରାଯାଇଥିବାବେଳେ ମାଟି ର ହାଣ୍ଡି କୁ ମଣିଷର ଆତ୍ମା ଏବଂ ସେଥିରେ ହୋଇଥିବା ୭ ଗୋଟି କଣା ହେଉଛି ଆମର ଇନ୍ଦ୍ରିୟ ସହିତ ତୁଳନା କରାଯାଇ ଆକାଶ ଦୀପ ଜଳାଯାଇଥାଏ। ଏହି ଆକାଶ ଦୀପ ଯେଉଁ ପରିବାର ମଧ୍ୟରେ ଏହି କାର୍ତ୍ତିକ ମାସରେ ଜଳା ହୋଇଥାଏ ସେ ସ୍ୱର୍ଗବାସ ହୁଅନ୍ତି ବୋଲି ପରମ୍ପରା ରହି ଆସିଛି।

'ସ୍ମୃତି ନୟାଗଡ଼' ପୁସ୍ତକ ଉନ୍ମୋଚିତ

କଣ୍ଟିଲୋ,୧୦।୧୧ (ନିପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦି ପୀଠ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ ମନ୍ଦିରରେ ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁଙ୍କ ଦ୍ୱାରା ଲିଖିତ ନବମ କବିତା ସଙ୍କଳନ 'ସ୍ମୃତି ନୟାଗଡ଼'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀନୀଳମାଧବଜୀଉଙ୍କ ନିକଟରେ ପୂଜା ପାଠ ପରେ ପୁସ୍ତକର ଲୋକାର୍ପଣ ଉତ୍ସବ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ମନ୍ଦିରର ସେବାୟତମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।ରାଜ୍ୟର ଅଗ୍ରଣୀ ସାହିତ୍ୟ ପ୍ରତିଷ୍ଠାନ ରାଜଶ୍ରୀ'ର ସମ୍ପାଦକ ଆଶୁ କବି ହେମନ୍ତ ଜେନା କାର୍ଯ୍ୟକ୍ରମରେ ସଞ୍ଚାଳନ କରିଥିଲେ। ପୁସ୍ତକର ଲୋକାର୍ପଣ ଉତ୍ସବରେ ବରିଷ୍ଠ କବି ମନୋରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ସାମ୍ବାଦିକ ସୁରେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଙ୍କଳନର ପାଠକୀୟ ଆଦୃତି କାମନା କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନ,ସେବା ନିବୃତ୍ତ ଗୃହ ବିଭାଗ ପଦାଧିକାରୀ ଯୁଗଳ କିଶୋର ନାୟକ , ପ୍ରକାଶକ ବିଶିଷ୍ଟ କବି ରାମଚନ୍ଦ୍ର ସାହୁ, ମୁଦ୍ରାକର ରଶ୍ମି ରଞ୍ଜନ ସାହୁ, ରାଜଶ୍ରୀ'ର ପରିଚାଳନା ସମ୍ପାଦିକା କନକଲତା ଭଞ୍ଜ ଓ ଗ୍ରନ୍ଥର ସହ ପ୍ରକାଶକ ସନାତନ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଶିଳ୍ପ ପ୍ରଦୂଷଣକୁ ବାଣଧୂଆଁର ମାଡ଼

ଝାରସୁଗୁଡ଼ାରେ ବାୟୁର ମାନ ସାଂଘାତିକ, ଶ୍ୱାସ ଓ ହୃଦ୍‌ରୋଗୀଙ୍କ ପାଇଁ ବିପଦ

ଝାରସୁଗୁଡ଼ା,୧୦।୧୧ (ନିପ୍ର): ଶିଳ୍ପ ଓ ଖଣିଜ ଉତ୍ତୋଳନ ପାଇଁ ରାଜ୍ୟର ଅନ୍ୟତମ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ପରିଚିତ ଝାରସୁଗୁଡ଼ା ଏବେ ପ୍ରଦୂଷଣର ଗୁରୁତର ସଙ୍କଟ ଦେଇ ଗତି କରୁଛି। ବର୍ଷତମାମ ଶିଳ୍ପଜନିତ ଧୂଳି, ପାଉଁଶ ଓ କୋଇଲା ଧୂଆଁରେ ଅତିଷ୍ଠ ଜିଲ୍ଲାବାସୀଙ୍କ ପାଇଁ ଦୀପାବଳିର ବାଣଧୂଆଁ ସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଜିଲ୍ଲାର ଅଧିକାଂଶ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୧୫୦ ଅତିକ୍ରମ କରିଥିବାବେଳେ ଲଖନପୁର ବ୍ଲକର କୁତ୍ରାଲୋଇରେ ଏହା ୨୨୨ରେ ପହଞ୍ଚିଛି। ଫଳରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢ଼ିଛି। ଝାରସୁଗୁଡ଼ା ଜିଲ୍ଲାରେ ପ୍ରଦୂଷଣ କୌଣସି ନୂଆ ସମସ୍ୟା ନୁହେଁ। ବିଭିନ୍ନ କଳକାରଖାନାରୁ ନିର୍ଗତ ଧୂଆଁ, ଖୋଲା ପରିବେଶରେ ପାଉଁଶ ପରିଚାଳନା ଏବଂ ନିୟନ୍ତ୍ରଣହୀନ କୋଇଲା ପରିବହନ ଯୋଗୁଁ ଦୀର୍ଘବର୍ଷ ଧରି ଜିଲ୍ଲାର ପରିବେଶ ପ୍ରଭାବିତ ହୋଇଆସୁଛି। ଏଭଳି ପରିସ୍ଥିତିରେ ଦୀପାବଳି ସମୟରେ ବ୍ୟାପକ ବାଣଫୁଟା ଯୋଗୁଁ ବାୟୁରେ ବିଷାକ୍ତ ଧୂଆଁ ଓ ସୂକ୍ଷ୍ମ ଧୂଳିକଣାର ମାତ୍ରା ଆହୁରି ବଢ଼ିଯାଇଛି। ସାଧାରଣତଃ ଏକ୍ୟୁଆଇ ୫୦ ମଧ୍ୟରେ ରହିଲେ ବାୟୁର ମାନ ଭଲ ବୋଲି ବିବେଚନା କରାଯାଏ। ୧୦୧ରୁ ୨୦୦ ମଧ୍ୟରେ ରହିଲେ ଏହା ସ୍ୱାସ୍ଥ୍ୟ ପାଇଁ ଅସ୍ୱାସ୍ଥ୍ୟକର ସ୍ଥିତି ସୃଷ୍ଟି କରିଥାଏ। ତେବେ କୁତ୍ରାଲୋଇରେ ୨୨୨ ରେକର୍ଡ ହେବା ଚିନ୍ତାର ବିଷୟ ହୋଇଛି। ବିଶେଷକରି ଶିଶୁ, ବୟସ୍କ, ଶ୍ୱାସରୋଗୀ ଓ ହୃଦ୍‌ରୋଗୀଙ୍କ ପାଇଁ ଏଭଳି ପ୍ରଦୂଷିତ ବାୟୁ ଅଧିକ ବିପଦ ସୃଷ୍ଟି କରିପାରେ। ଅନ୍ୟପକ୍ଷରେ ଦୀପାବଳିରେ ସବୁଜ ବାଣ ବ୍ୟବହାର ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରୀ ମାର୍ଗଦର୍ଶିକା ରହିଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି। ଅଧିକ ଶବ୍ଦ ଓ ଧୂଆଁ ସୃଷ୍ଟିକାରୀ ବାଣର ବିକ୍ରି ଏବଂ ବ୍ୟବହାର ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ନଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଦୁଇଦିନ ମଧ୍ୟରେ ପ୍ରାୟ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଫୁଟିଥିବା ନେଇ ବେସରକାରୀ ଭାବେ ଆକଳନ କରାଯାଇଛି। ସହରାଞ୍ଚଳରେ ପ୍ରଶାସନ ପକ୍ଷରୁ ବାଣ ବିକ୍ରି ପାଇଁ ସ୍ୱତନ୍ତ୍ର ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଥିବାବେଳେ ଗ୍ରାମାଞ୍ଚଳର ବିଭିନ୍ନ ଛକ ଓ ଦୋକାନରେ ମଧ୍ୟ ବହୁ ସଂଖ୍ୟାରେ ବାଣ ବିକ୍ରି ହୋଇଥିବା ଦେଖାଯାଇଛି।

ଦୀପାବଳିର ପୂର୍ବଦିନରୁ ଆରମ୍ଭ ହୋଇଥିବା ବାଣଫୁଟା ପର୍ବ ପରଦିନ ମଧ୍ୟ ଜାରି ରହିଥିବାରୁ ସହରର ବିଭିନ୍ନ ରାସ୍ତାଘାଟରେ ଧୂଆଁର ଆସ୍ତରଣ ଦେଖିବାକୁ ମିଳିଛି।

ହରଭଙ୍ଗା ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

ନିର୍ଦ୍ଧାରିତ ସମୟସୀମାରେ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ

ବୌଦ୍ଧ,୧୦।୧୧ (ନିପ୍ର): ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଆଜି ହରଭଙ୍ଗା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ନିର୍ମାଣାଧୀନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ସେଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ଗସ୍ତ ଅବସରରେ ଜିଲ୍ଲାପାଳ ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବା ପରେ ବ୍ଲକର ବିଭିନ୍ନ ସ୍ଥାନରେ ଚାଲୁଥିବା ପ୍ରକଳ୍ପ ଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳ ଶଙ୍କୁଲେଇ ପଞ୍ଚାୟତ ପାଣୀଘରା ଠାରେ ନିର୍ମିତ ମେଗା ଜଳଯୋଗାଣ ପ୍ରକଳ୍ପ, ଧଳପୁରସ୍ଥିତ କମ୍ୟୁନିଟି ସେଣ୍ଟର, ତିଳେଶ୍ୱରସ୍ଥିତ ପ୍ରାଥମିକ ବିଦ୍ୟାଳୟ, ମାଉସୀମା ମନ୍ଦିର ଏବଂ ମାର୍କେଟ୍ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ।

ଏହି ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ, ବର୍ତ୍ତମାନର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କଠାରୁ ତଥ୍ୟ ନେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା ସହିତ ନିର୍ମାଣରେ ଉଚ୍ଚମାନର ଗୁଣବତ୍ତା ଓ ଉପଯୁକ୍ତ ମାନଦଣ୍ଡ ବଜାୟ ରଖିବାକୁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ଜନସାଧାରଣଙ୍କ ହିତ ଓ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ବିଡିଓ କର୍ଣ୍ଣ ସୁନାଙ୍କ ସମେତ ସମ୍ପୃକ୍ତ ଯନ୍ତ୍ରୀ ଓ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାର ସାମଗ୍ରିକ ବିକାଶ ଓ ଜନସାଧାରଣଙ୍କୁ ଉନ୍ନତ ମୌଳିକ ସୁବିଧା ଯୋଗାଇଦେବା ଦିଗରେ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଖାଦ୍ୟ ଅନୁସନ୍ଧାନରେ ଗାଁ ମୁହାଁ ଭାଲୁ

ମାଲକାନଗିରି ,୧୦/୧୧ (ନିପ୍ର): ଚିତ୍ରକୋଣ୍ଡା ବନାଞ୍ଚଳ ଅନ୍ତର୍ଗତ ଦାତୁନଗୁଡ଼ା ସୀମାନ୍ତ ସିଲେରୁ ଜଙ୍ଗଲ ଅଞ୍ଚଳ ତଥା ଏହାର ଆଖପାଖ ଚାଷ ଜମିରେ ଗୋଟିଏ ମାଈ ଭାଲୁ ତାର ଦୁଇଟି ଛୁଆଙ୍କ ସହିତ ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ମକା, ମାଣ୍ଡିଆ ଆଦି ଫସଲ ଚାଷ ହୋଇଥିବାରୁ ଭାଲୁ ପରିବାର ଖାଦ୍ୟ ସନ୍ଧାନରେ ଚାଷ ଜମି ନିକଟକୁ ଆସିବାର ସମ୍ଭାବନା। ତେବେ ଏହି ଅଞ୍ଚଳର ସମସ୍ତ ଜନସାଧାରଣ, ଚାଷୀ ଭାଇ ଓ ଗ୍ରାମବାସୀମାନଙ୍କୁ ଚିତ୍ରକୋଣ୍ଡା ବନାଞ୍ଚଳ, ମାଲକାନଗିରି ବନଖଣ୍ଡ ପକ୍ଷରୁ ଜଙ୍ଗଲ ଓ ଚାଷ ଜମି ନିକଟକୁ ଯିବା ସମୟରେ ସତର୍କ ରୁହନ୍ତୁ। ଏକୁଟିଆ ଜଙ୍ଗଲ କିମ୍ବା ଚାଷ ଜମିକୁ ଯିବାରୁ ନିବୃତ୍ତ ରୁହନ୍ତୁ। ଭାଲୁ କିମ୍ବା ତାର ଛୁଆମାନଙ୍କୁ ଦେଖିଲେ ସେମାନଙ୍କ ନିକଟକୁ ଯାଆନ୍ତୁ ନାହିଁ ଏବଂ ଘଉଡ଼ାଇବାକୁ ଚେଷ୍ଟା କରନ୍ତୁ ନାହିଁ। ଭାଲୁକୁ ପଥର ମାରିବା, ହଇରାଣ କରିବା କିମ୍ବା ଉତ୍ତେଜିତ କରିବା ଭଳି କାର୍ଯ୍ୟ କରନ୍ତୁ ନାହିଁ। ଭାଲୁ ଦେଖାଗଲେ ତୁରନ୍ତ ନିକଟସ୍ଥ ବନ କର୍ମଚାରୀଙ୍କୁ ଖବର ଦିଅନ୍ତୁ।ଭାଲୁ ଓ ତାର ଛୁଆମାନଙ୍କୁ କୌଣସି ପ୍ରକାରେ କ୍ଷତି ନ ପହଞ୍ଚାଇ ସେମାନଙ୍କୁ ନିଜ ପ୍ରାକୃତିକ ଆବାସସ୍ଥଳୀରେ ସୁରକ୍ଷିତ ଭାବେ ରହିବାକୁ ଦିଅନ୍ତୁ। ବନ୍ୟଜନ୍ତୁଙ୍କ ସୁରକ୍ଷା ସହିତ ମଣିଷର ଜୀବନ ରକ୍ଷା ମଧ୍ୟ ଆମ ସମସ୍ତଙ୍କ ଦାୟିତ୍ୱ। ତେଣୁ ଭୟଭୀତ ନ ହୋଇ ସତର୍କ ରୁହନ୍ତୁ ବୋଲି ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ନିରଞ୍ଜନ ସାରକା ଲୋକଙ୍କୁ ସଚେତନ କରୁଛନ୍ତି।

ଟ୍ରାକ୍ଟର କିଣାରେ ଲକ୍ଷାଧିକ ଟଙ୍କା ହେରଫେର ଅଭିଯୋଗ,ଭିଜିଲାନ୍ସ ତଦନ୍ତ ଦାବି

ସାଲେପୁର,୧୦।୧୧(ନିପ୍ର)ଟ୍ରାକ୍ଟର କିଣାରେ ଲକ୍ଷାଧିକ ଟଙ୍କାର ହେରଫେର ହୋଇଥିବା ଅଭିଯୋଗ ଆଣିବା ସହିତ ନ୍ୟାୟ ଦାବିରେ କୃଷି ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି ସାଲେପୁର ବ୍ଲକର ରାମେଶ୍ୱର, ମାଳ, ଲେଖନପୁର, ବଡ଼ ଭୀମରାଜପୁର, ସାନ ଭୀମରାଜପୁର, ଶଙ୍ଖମୁହଁ ଓ ପ୍ରଧାନପଡ଼ା ଆଦି ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଚାଷୀ । ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଓଡ଼ିଶା କୃଷି ଶିଳ୍ପ ନିଗମ (ଆଗ୍ରୋ ଇଣ୍ଡଷ୍ଟ୍ରି) ମାଧ୍ୟମରେ କଟକ ଖପୁରିଆସ୍ଥିତ ସରସ୍ୱତୀ ମୋଟର୍ସ ନାମକ ଡିଲର ଠାରୁ ଟ୍ରାକ୍ଟର କିଣିଥିଲେ। ଟ୍ରାକ୍ଟର କିଣିବା ପରେ ଏହାର ପରମିଟ୍ ଓ ଆବଶ୍ୟକ କାଗଜପତ୍ର ମାଗିବାରୁ ଡିଲର କହିଲେ କୃଷି ବିଭାଗ ଏହା ଯୋଗାଇଦେବ । ପରେ କୃଷି ବିଭାଗକୁ ଯୋଗାଯୋଗ କରିବାରୁ ଡାକ ଯୋଗେ କାଗଜପତ୍ର ମିଳିବ ବୋଲି କହିଥିଲେ। ଡାକ ଯୋଗେ ନ ମିଳିବାରୁ ଡିଲର ଓ ଆଗ୍ରୋ ଇଣ୍ଡଷ୍ଟ୍ରି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ ଚାଷୀ। ଏପରିକି ସବସିଡି ଟଙ୍କା ଦେବାର ଆଳ ଦେଖାଇ ଡିଲର ଚାଷୀଙ୍କଠାରୁ ଖାଲି ଚେକ୍‌ରେ ଦସ୍ତଖତ ନେଇଥିବା ଏବଂ ଅଧିକ ଟଙ୍କା ଆଦାୟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଶେଷରେ ଚାଷୀମାନେ ଭୁବନେଶ୍ୱରସ୍ଥିତ କୃଷି ଶିଳ୍ପ ନିଗମର ମୁଖ୍ୟ କାର୍ଯ୍ୟାଳୟରୁ ଟ୍ରାକ୍ଟର କିଣା ସମ୍ପର୍କିତ କାଗଜପତ୍ର ସଂଗ୍ରହ କରିଥିଲେ।

ସେଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗୋଟିଏ ଟ୍ରାକ୍ଟରର ବିକ୍ରୟ ମୂଲ୍ୟ ୭ ଲକ୍ଷ ୨୩ ହଜାର ୫୨୭ ଟଙ୍କା ଥିବାବେଳେ ଡିଲର ସେମାନଙ୍କଠାରୁ ୮ ଲକ୍ଷ ୬୦ ହଜାର ଟଙ୍କା ନେଇଥିବା ଜାଣିବାକୁ ପାଇଥିଲେ। ଫଳରେ ପ୍ରତି ଟ୍ରାକ୍ଟର ପିଛା ୧ ଲକ୍ଷ ୩୬ ହଜାର ୪୭୩ ଟଙ୍କା ଅଧିକ ନିଆଯାଇଥିବା ଅଭିଯୋଗ କରିଛନ୍ତି। ।ଏହି ଘଟଣାକୁ ସମ୍ପର୍କରେ ଚାଷୀମାନେ ଡିଲର ଓ ଆଗ୍ରୋ ଇଣ୍ଡଷ୍ଟ୍ରି କାର୍ଯ୍ୟାଳୟକୁ ଯାଇ ଜବାବ ମାଗିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇପାରି ନାହାନ୍ତି। ଏ ନେଇ ମଧୁପାଟଣା ଥାନାରେ ଓଡ଼ିଶା କୃଷି ଶିଳ୍ପ ନିଗମର ସମ୍ପୃକ୍ତ ଅଧିକାରୀ, ଖପୁରିଆସ୍ଥିତ ସରସ୍ୱତୀ ମୋଟର୍ସ ଓ ମହିନ୍ଦ୍ରା ଫାଇନାନ୍ସ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ କୃଷକ ଭବନ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଶାସନ ସଚିବ, ଆରଡିସି, କଟକ ଜିଲ୍ଲାପାଳ ଓ ଆଗ୍ରୋ ଇଣ୍ଡଷ୍ଟ୍ରିର ଡିଏମ୍‌ଙ୍କୁ ମଧ୍ୟ ଅଭିଯୋଗ ଜଣାଇଛନ୍ତି। ଏହାପରେ ସାଲେପୁର ବ୍ଲକ କୃଷି ଅଧିକାରୀଙ୍କୁ ଭେଟି ନ୍ୟାୟ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଏହି ଅଭିଯୋଗର ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ କହିଛନ୍ତି। ଏଥିସହ ଅଭିଯୋଗର ସତ୍ୟତା ମିଳିଲେ ସମ୍ପୃକ୍ତ ଡିଲରଙ୍କୁ କଳାତାଲିକାଭୁକ୍ତ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ତେବେ ଚାଷୀଙ୍କ ସମସ୍ୟାର ଶୀଘ୍ର ସମାଧାନ କରିବା ସହିତ ଦୋଷୀ ଅଧିକାରୀ ଓ ଡିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ଚାଷୀମାନେ।

ବୃଦ୍ଧା ଆଶ୍ରମ ଅନ୍ତେବାସୀଙ୍କ ସହ ଦୀପାବଳି ପାଳିଲେ ନିରାକାରପୁର ପୋଲିସ

ନିରାକାରପୁର,୧୦।୧୧ (ନିପ୍ର); ଆଲୋକର ପର୍ବ ଦୀପାବଳିକୁ ସମସ୍ତେ ନିଜ ନିଜ ପରିବାର ଏବଂ ପ୍ରିୟଜନଙ୍କ ସହ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରୁଥିବା ବେଳେ, ସମାଜରୁ କିଛି ମୁହୂର୍ତ୍ତ ପାଇଁ ଅଲଗା ହୋଇଯାଇଥିବା ନିରାଶ୍ରୟ ବୃଦ୍ଧବୃଦ୍ଧାଙ୍କ ସହିତ ଦୀପାବଳିର ଖୁସି ବାଣ୍ଟିଛି ନିରାକାରପୁର ପୋଲିସ। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅନ୍ତର୍ଗତ ପଦ୍ମପୁର ସ୍ଥିତ ବୃଦ୍ଧା ଆଶ୍ରମର ଅନ୍ତେବାସୀଙ୍କ ସହିତ ନିରାକାରପୁର ପୋଲିସ ପକ୍ଷରୁ ଅତ୍ୟନ୍ତ ଆନନ୍ଦୋଲ୍ଲାସର ସହିତ ଦୀପାବଳି ପାଳନ କରାଯାଇଛି।ଥାନା ଅଧିକାରୀ ରୀନାରାଣୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମାନବିକତାପୂର୍ଣ୍ଣ କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀମାନେ ବୃଦ୍ଧା ଆଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କୁ ନିଜ ପରିବାରର ସଦସ୍ୟ ଭାବେ ଆପଣାଇ ନେଇଥିଲେ। ଏହି ଅବସରରେ ଆଶ୍ରମର ବୃଦ୍ଧବୃଦ୍ଧାଙ୍କୁ ମିଷ୍ଟାନ ଓ ବିଭିନ୍ନ ଖାଦ୍ୟସାମଗ୍ରୀ ବଣ୍ଟନ କରାଯିବା ସହ ସେମାନଙ୍କୁ ନିଜ ହାତରେ ମିଷ୍ଟାନ ଖୁଆଇ ଦିଆଯାଇଥିଲା। ପୋଲିସର ଏପରି ସ୍ନେହ ଓ ଆପଣାପଣର ବାତାବରଣ ଦେଖି ବୃଦ୍ଧା ଆଶ୍ରମର ଅନ୍ତେବାସୀମାନେ ଭାବବିହ୍ୱଳ ହୋଇପଡ଼ିଥିଲେ।ପର୍ବପର୍ବାଣୀରେ ଅନ୍ତେବାସୀମାନେ ଯେପରି ଏକାନ୍ତ ଅନୁଭବ ନ କରନ୍ତି ଏବଂ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହ ଖୁସି ବାଣ୍ଟିପାରିବେ, ସେଥିପାଇଁ ପୋଲିସର ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସିତ ହୋଇଛି। କାର୍ଯ୍ୟକ୍ରମ ଶେଷରେ ଥାନା ଅଧିକାରୀ ଓ ଉପସ୍ଥିତ ପୋଲିସ କର୍ମଚାରୀମାନେ ଆଶ୍ରମର ସମସ୍ତ ବୃଦ୍ଧବୃଦ୍ଧାଙ୍କ ପାଦଛୁଇଁ ଆଶୀର୍ବାଦ ଗ୍ରହଣ କରିଥିଲେ।

ଜୋନ୍‌ସ୍ତରୀୟ ବୈଠକ ନାଁରେ ଶକ୍ତି ପ୍ରଦର୍ଶନ କଲା ବିଜେଡି

ପିପିଲି,୧୦।୧୧ (ନିପ୍ର); ପିପିଲିର ୨୪ ନମ୍ବର ଜୋନ୍‌ରୁ ବିଜେଡି ଆରମ୍ଭ କରିଛି ଜୋନ୍‌ସ୍ତରୀୟ ବୈଠକ। ଦଳୀୟ ନେତା ଓ କର୍ମୀଙ୍କ ଜୋରଦାର ଉପସ୍ଥିତି ଓ ରଣ ହୁଙ୍କାର ଚକିତ କରିଛି । ହଜାର ହଜାର କର୍ମୀଙ୍କ ଯୋଗଦାନ ଆଗାମୀ ପଞ୍ଚାୟତ ଓ ଜିଲ୍ଲା ପରିଷଦ ନିର୍ବାଚନରେ ଦଳ ଦୃଢ଼ ଆତ୍ମବିଶ୍ୱାସ ଦେଖାଇ ବିଜୟ ଲାଭ କରିବ ବୋଲି ନେତା ରୁଦ୍ର ପ୍ରତାପ ମହାରଥୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କେବଳ ଏହା ବୈଠକ ନୁହେଁ, ଏହା ଥିଲା ଆଗାମୀ ନିର୍ବାଚନ ପାଇଁ ଏକ ରାଜନୈତିକ ଶକ୍ତି ପ୍ରଦର୍ଶନ ବୋଲି ବକ୍ତବ୍ୟ ଦେଇଛନ୍ତି । ଗାଁ ଗାଁରେ ସଂଗଠନକୁ ମଜଭୁତ କରିବା, କର୍ମୀଙ୍କୁ ଏକଜୁଟ କରିବା ଏବଂ ପଞ୍ଚାୟତ ଓ ଜିଲ୍ଲା ପରିଷଦ ଦଖଲ ପାଇଁ ଏବେଠାରୁ ମେଳି ବାନ୍ଧିଛନ୍ତି ବିଜେଡି ନେତା ଓ



କର୍ମୀ। ପିପିଲିର ପୂର୍ବତନ ବିଧାୟକ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ସହଜପୁର, ତେଇଶିପୁର, ବୀରପୁରୁଷୋତ୍ତମପୁର, ଯଶୁଆପୁର, ଚନ୍ଦ୍ରାଦେଇ ପୁର, ସରସ୍ୱତିପୁର, ରଥପୁରୁଷୋତ୍ତମ ପୁର, ରୂପଦେଇପୁର୍ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚ,ୱାର୍ଡ ମେମ୍ବରଙ୍କ ସହିତ ଆଗ ଧାଡ଼ିର ପଞ୍ଚାୟତ ନେତାମାନେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ବରିଷ୍ଠ ନେତା ପ୍ରଫୁଲ୍ଲ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ଦେବାଶିଷ ନନ୍ଦ,ପର୍ଶୁରାମ ମହାପାତ୍ର,ରାଧା ଶ୍ୟାମ ରଥ, ଆର୍ତ୍ତ ବନ୍ଧୁ ସାମନ୍ତରାୟ, ପ୍ରଦୀପ କୁମାର ମିଶ୍ର,ସେକ ବାବୁ, ଶରତ ବେହେରା,ପ୍ରକାଶ ଧଳ, ମନୋଜ କୁମାର ଦାଶ, ବିଶ୍ୱଜିତ୍ ଦାଶ, ରଶ୍ମୀ ରଞ୍ଜନ ଭଟ୍ଟ, ଆଶିଷ ବରାଳ, ନରେନ୍ଦ୍ର ସ୍ୱାଇଁ,ବିରଜା ପଟ୍ଟ ନାୟକ, ଜୋସ୍ନା ରାଣୀ ପୃଷ୍ଟି, ରୀନାମନି ମିଶ୍ର, ଜୟନ୍ତ କୁମାର ଦାଶ ଯୋଗ ଦେଇ ଆଗାମୀ ପଞ୍ଚାୟତ ଓ ସାଧାରଣ ନିର୍ବାଚନ ରେ ବିଜେଡ଼ି ପୁଣି ଥରେ ଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଏହି ୨୪ ନମ୍ବର୍ ଜୋନ୍ ସ୍ତରୀୟ ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ଧରଣୀ ଧର ସାହୁ ଓ ସହଜ ପୁର ପଞ୍ଚାୟତ ସରପଞ୍ଚ ସନ୍ତୋଷ କୁମାର ବସ୍ତିଆ ପରିଚାଳନା କରିଥିଲେ। ତେବେ ପିପିଲିର ଏହି ରାଜନୈତିକ ଶକ୍ତି ପ୍ରଦର୍ଶନ ଆଗାମୀ ନିର୍ବାଚନରେ କେତେ ପ୍ରଭାବ ପକାଇବ ବିଜେଡିର ଏହି ରଣନୀତି ଅନ୍ୟ ରାଜନୈତିକ ଦଳଙ୍କ ପାଇଁ କେତେ ବଡ଼ ଚ୍ୟାଲେଞ୍ଜ ହେବ ଏବେ ତାହାକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ଚର୍ଚ୍ଚା।

ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି

ମାଲକାନଗିରି,୧୦।୧୧ (ନିପ୍ର); ସ୍ଥାନୀୟ ବାଲିମେଳା ନଗର ଭବନ (ଏନଏସି ହଲ୍) ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏବଂ ଆରକ୍ଷୀ ଅଧୀକ୍ଷକ (ଏସପି) ବିନୋଦ ପାଟିଲ ଏଚ୍‌ଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନକୁ ଲୋକାଭିମୁଖୀ କରିବା ଏବଂ ସାଧାରଣ ଜନତାଙ୍କ ସମସ୍ୟାର ତ୍ୱରିତ ସମାଧାନ ଲକ୍ଷ୍ୟରେ ଆୟୋଜିତ ଏହି ଶିବିରରେ ମୋଟ ୧୨୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ଏସପିଙ୍କ ସମେତ ବନଖଣ୍ଡ ଅଧିକାରୀ (ଡିଏଫଓ), ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଉପ-ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ (ସିଡିଏମ୍ଓ) ଏବଂ ସହକାରୀ ଜିଲ୍ଲାପାଳ (ଅଭିଯୋଗ) ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସମସ୍ତ ବିଭାଗୀୟ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ଜନଶୁଣାଣି ଶିବିରରେ ମୁଖ୍ୟତଃ ବିଭିନ୍ନ ମୌଳିକ ସମସ୍ୟା ତଥା ସରକାରୀ ଯୋଜନାରୁ ବଞ୍ଚିତ ହେବା ନେଇ ଅନେକ ଅଭିଯୋଗ ଆସିଥିଲା। ବିଶେଷ କରି ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବା, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ, ଜମିଜମା ବିବାଦର ସମାଧାନ ଓ ପଟ୍ଟା ପ୍ରଦାନ, ରାସନ କାର୍ଡରେ ନାମ ସଂଯୋଗ ସହିତ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ନିର୍ମାଣ ଏବଂ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ, ଏଗୁଡ଼ିକର ତୁରନ୍ତ ଏବଂ ସଠିକ୍ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ରେଳ ଧାରଣାରୁ ୧୬୧ ଇଲାଷ୍ଟିକ୍ କ୍ଲିପ୍ ଗାଏବ

ଅଧ କିଲୋମିଟର ଅଞ୍ଚଳରେ ଚୋରି, ତିନି ଦିନ ପରେ ବି ଅପରାଧୀଙ୍କ ଟେର୍ ନାହିଁ

ଝାରସୁଗୁଡ଼ା,୧୦।୧୧(ନିପ୍ର): ରେଳ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇ ଝାରସୁଗୁଡ଼ା ରେଳ ସେକ୍ସନରେ ରେଳ ସମ୍ପତ୍ତି ଚୋରିର ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ବାଗଡିହ-ଧୁତୁରା ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ତୃତୀୟ ରେଳ ଲାଇନ୍‌ରୁ ୧୬୧ ଖଣ୍ଡ ଇଲାଷ୍ଟିକ୍ ରେଳ କ୍ଲିପ୍ (ଇଆରସି) ଚୋରି ହୋଇଛି। ରେଳ ଧାରଣାକୁ ଦୃଢ଼ ଭାବେ ଧରି ରଖୁଥିବା ଏହି ଲୁହା ସ୍ପ୍ରିଙ୍ଗଗୁଡ଼ିକ ଗାଏବ ହେବା ଘଟଣା ରେଳ ସୁରକ୍ଷାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଗତ ୬ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏହି ଚୋରି କରିଥିବା ସନ୍ଦେହ କରାଯାଉଛି। ଶନିବାର ସକାଳ ପ୍ରାୟ ୬ଟାରେ ରେଳ ଲାଇନ୍‌ରେ ପାଟ୍ରୋଲିଂ କରୁଥିବା କର୍ମଚାରୀଙ୍କ ନଜରରେ ଏହା ପଡ଼ିବା ପରେ ଘଟଣା ସମ୍ପର୍କରେ ରେଳବାଇକୁ ଅବଗତ କରାଯାଇଥିଲା। ତୁରନ୍ତ ରେଳବାଇ ଓ ଆରପିଏଫ୍‌ର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଚକ୍ରଧରପୁର ରେଳ ଡିଭିଜନର ଆରପିଏଫ୍ କମାଣ୍ଡାଣ୍ଟ ଏ. ନବୀନ ପ୍ରସାଦଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତର ଅନୁଧ୍ୟାନ କରିଥିଲେ। ଘଟଣାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ଏଯାଏଁ ଚୋରଙ୍କ ସମ୍ପର୍କରେ କୌଣସି ସୁରାକ୍ ମିଳିନାହିଁ। ପ୍ରାଥମିକ ଭାବେ ଏହି ଚୋରି ପଛରେ ଏକ ସଂଗଠିତ ସ୍କ୍ରାପ୍ ବେପାରୀ ଗୋଷ୍ଠୀର ହାତ ଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି। ଅଞ୍ଚଳରେ ପୂର୍ବରୁ ମଧ୍ୟ ରେଳ ସମ୍ପତ୍ତି ଚୋରି ଓ ସ୍କ୍ରାପ୍ କାରବାରକୁ ନେଇ ଅଭିଯୋଗ ଉଠିଥିବାରୁ ଏହି ଦିଗକୁ ନେଇ ତଦନ୍ତ ଜୋରଦାର କରିବାକୁ ଦାବି ହେଉଛି। ସ୍ଥାନୀୟ କିଛି ଲୋକ ଏହି କାରବାରରେ ଜଣେ ସ୍କ୍ରାପ୍ ବ୍ୟବସାୟୀଙ୍କ ସମ୍ଭାବ୍ୟ ସମ୍ପୃକ୍ତି ଏବଂ ଆରପିଏଫ୍‌ର କିଛି କର୍ମଚାରୀଙ୍କ ସହ ତାଙ୍କ ସମ୍ପର୍କ ଥିବା ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ, ରେଳ ଧାରଣାକୁ ଧରି ରଖୁଥିବା କ୍ଲିପ୍ ଚୋରି ହେବା ଫଳରେ ରେଳ ଲାଇନ୍‌ର ସ୍ଥିରତା ଓ ନିରାପତ୍ତାକୁ ନେଇ ଚିନ୍ତା ବଢ଼ିଛି। ଏଭଳି ସ୍ଥିତିରେ ରେଳ ଚଳାଚଳ ପୂର୍ବରୁ ଲାଇନ୍‌ର ସୁରକ୍ଷା ଯାଞ୍ଚ ଏବଂ ଆବଶ୍ୟକ ମରାମତିକୁ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଉଲ୍ଲେଖଯୋଗ୍ୟ, ଘଟଣାର ଦିନକ ପୂର୍ବରୁ ଡିଆରଏମ୍ ତରୁଣ ହୁରିଆ ଝାରସୁଗୁଡ଼ା ରେଳ ସେକ୍ସନର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ଏହାର ଠିକ୍ ପରେ ରେଳ ଧାରଣାରୁ ସୁରକ୍ଷା ସାମଗ୍ରୀ ଚୋରି ହେବା ଘଟଣା ରେଳବାଇର ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି। ଘଟଣାରେ ଝାରସୁଗୁଡ଼ା ଜିଆରପି ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜିଆରପି ଇନ୍ସପେକ୍ଟର ସୂଚନା ଦେଇଛନ୍ତି। ରେଳ ସମ୍ପତ୍ତି ଚୋରିର ଏହି ଘଟଣାରେ ସ୍କ୍ରାପ୍ ମାଫିଆଙ୍କ ସମ୍ଭାବ୍ୟ ସମ୍ପୃକ୍ତି ଓ ସୁରକ୍ଷା ବ୍ୟବସ୍ଥାରେ ଅବହେଳାର ଦିଗକୁ ନେଇ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ଜୋର୍ ଧରିଛି।

CMYK

11 11.2026 P-5.pmd 1 11/10/2026, 5:14 PM

ବୁଲଗେରିଆରେ ପରସ୍ପର ସହିତ ଧକ୍କା ହେଲା ୫୦ ଗାଡ଼ି: ୧୧ ମୃତ



ବୁଲଗେରିଆ,୧୦।୧୧ : ବୁଲଗେରିଆରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ପୂର୍ବ ବୁଲଗେରିଆରେ ଘନ କୁହୁଡ଼ି ମଧ୍ୟରେ ହାଇୱେରେ ପ୍ରାୟ ୫୦ରୁ ଅଧିକ ଗାଡ଼ି ପରସ୍ପର ସହ ଧକ୍କା ହୋଇଥିଲା। ଏହି ଘଟଣାରେ ଅତିକମରେ ୧୧ ଜଣ ଲୋକଙ୍କ ଜୀବନ ଚାଲିଯାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ରୁମେନ ରାଦେବ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଘଟଣା ବିଷୟରେ ସୂଚନା ପାଇବା ପରେ ପୋଲିସ, ଦମକଳ ବିଭାଗ ଏବଂ ଆମ୍ବୁଲାନ୍ସ ଟିମ୍ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲା । ହାଇୱେରେ ୬ ଲେନ୍ କାର୍ ଏବଂ ଟ୍ରକ ପରସ୍ପର ସହିତ ଧକ୍କା ହୋଇଥିଲା । ୫୦ରୁ ଅଧିକ ଗାଡ଼ି ପରସ୍ପର ସହିତ ଧକ୍କା ହୋଇଥିଲା। କିଛି ଗାଡ଼ି ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ କିଛି ଗାଡ଼ି ଓଲଟି ପଡ଼ିଥିଲା। ଏହି ଘଟଣାରେ ଅତିକମରେ ୧୧ ଜଣ ଲୋକଙ୍କ ଜୀବନ ଚାଲିଯାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି।

ଅଜିତ ଡୋଭାଲ ଏବଂ ପୂର୍ବତନ ର' ମୁଖ୍ୟଙ୍କ ବିରୋଧରେ ମାମଲା ରୁଜୁ କରିବେ ଖଲିସ୍ତାନୀ ପନ୍ନୁ



ୱାସିଂଟନ,୧୦।୧୧: ଆମେରିକାର ଏକ କୋର୍ଟ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂହ ପନ୍ନୁଙ୍କୁ ଭାରତର ଏନଏସଏ ଅଜିତ ଡୋଭାଲ ଏବଂ ପୂର୍ବତନ ର' ମୁଖ୍ୟ ସାମନ୍ତ ଗୋଏଲଙ୍କ ବିରୋଧରେ ଦିଲ୍ଲୀ କୋର୍ଟ ମାଧ୍ୟମରେ ଦେୱାନୀ ମାମଲା ଦାୟର କରିବାକୁ ଅନୁମତି ଦେଇଛନ୍ତି। ଦିଲ୍ଲୀ କୋର୍ଟ ମାଧ୍ୟମରେ ଆଇନଗତ ସମନ ଜାରି କରିବାକୁ କୋର୍ଟ କହିଛନ୍ତି। ନିଷିଦ୍ଧ ଶିଖ୍ ଫର୍ ଜଷ୍ଟିସ୍ ଗୋଷ୍ଠୀର ନେତା ଏବଂ ଜଣେ ଆମେରିକୀୟ-କାନାଡିଆନ୍ ନାଗରିକ ଗୁରୁପତୱନ୍ତ ସିଂହ ପନ୍ନୁ ନ୍ୟୁୟର୍କ ଜିଲ୍ଲା କୋର୍ଟରେ ଏକ ମାମଲା ଦାୟର କରିଥିଲେ ଯେଉଁଥିରେ ସେ ଆମେରିକା ମାଟିରେ ତାଙ୍କୁ ହତ୍ୟା କରିବାର ବିଫଳ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ କରିଥିଲେ। ପନ୍ନୁ ତାଙ୍କ ଦେୱାନୀ ମାମଲାରେ ଭାରତ ସରକାର, ଅଜିତ ଡୋଭାଲ, ସାମନ୍ତ ଗୋଏଲ, ର' ଅଧିକାରୀ ବିକ୍ରମ ଯାଦବ ଏବଂ ବର୍ତ୍ତମାନ ଆମେରିକାରେ ବନ୍ଦୀ ଥିବା ଭାରତୀୟ ନାଗରିକ ନିଖିଲ ଗୁପ୍ତାଙ୍କ ନାମ ନେଇଛନ୍ତି। ପନ୍ନୁ ମାନସିକ ଯନ୍ତ୍ରଣା ଏବଂ ଆକ୍ରମଣ ଉଦ୍ୟମ ଅଭିଯୋଗ କରି ଭାରତ ଠାରୁ କ୍ଷତିପୂରଣ ଦାବି କରି ଭାରତୀୟ ଅଦାଲତ ମାଧ୍ୟମରେ ଅଜିତ ଡୋଭାଲ ଏବଂ ସାମନ୍ତ ଗୋଏଲଙ୍କୁ ସମନ ଜାରି କରିବାକୁ ଆବେଦନ କରିଥିଲେ। ଏହି ମାମଲାରେ ଆମେରିକାର କୋର୍ଟ ପନ୍ନୁଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। କୋର୍ଟ ପନ୍ନୁଙ୍କୁ ୩୦ ନଭେମ୍ବର ୨୦୨୬ରେ କିମ୍ବା ତା ପୂର୍ବରୁ ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଭାରତ ଗସ୍ତର ୧୧ ଦିନ ପରେ ପାକିସ୍ତାନ ଗଲେ ବାଂଲାଦେଶ ଗୁଇନ୍ଦା ମୁଖ୍ୟ


ନୂଆଦିଲ୍ଲୀ,୧୦।୧୧: ଭାରତ ଗସ୍ତର ମାତ୍ର ୧୧ ଦିନ ପରେ ବାଂଲାଦେଶର ଜାତୀୟ ସୁରକ୍ଷା ଗୁଇନ୍ଦା ସଂସ୍ଥା (ଏନ୍ଏସ୍ଆଇ)ର ମହାନିର୍ଦ୍ଦେଶକ ମେଜର ଜେନେରାଲ୍ ଅବୁ ମହମ୍ମଦ ସରୱାର ଫରିଦ୍ ପାକିସ୍ତାନ ଗସ୍ତ କରିଛନ୍ତି। ସୋମବାର ସନ୍ଧ୍ୟାରେ ସେ ଏମିରେଟ୍ସ ବିମାନ ଯୋଗେ ଇସ୍ଲାମାବାଦ ଯାଇଥିବା ଜଣାପଡ଼ିଛି। ତେବେ ଏହି ଗସ୍ତର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ସମ୍ପର୍କରେ ବାଂଲାଦେଶ ସରକାର କୌଣସି ସରକାରୀ ସୂଚନା ଦେଇନାହାନ୍ତି। ସୂଚନା ଅନୁଯାୟୀ, ସରୱାର ଫରିଦ୍ ଅକ୍ଟୋବର ୨୫ ତାରିଖରେ ନୂଆଦିଲ୍ଲୀ ଆସିଥିଲେ। ଅକ୍ଟୋବର ୨୬ ଓ ୨୭ ତାରିଖରେ ଆୟୋଜିତ ଅଷ୍ଟମ ଦକ୍ଷିଣ ଏସୀୟ ଆତଙ୍କବାଦ ନିରୋଧୀ ସମ୍ମିଳନୀରେ ସେ ବାଂଲାଦେଶର ପ୍ରତିନିଧିତ୍ୱ କରିଥିଲେ। ଅକ୍ଟୋବର ୨୮ରେ ସେ ଢାକା ଫେରିଥିଲେ। ଏହାର ୧୧ ଦିନ ପରେ ସେ ପାକିସ୍ତାନ ଯାଇଛନ୍ତି। ସୋମବାର ରାତି ୮ଟା ୨୭ ମିନିଟରେ ଏମିରେଟ୍ସର ଇକେ-୫୮୭ ବିମାନରେ ସେ ଯାତ୍ରା କରିଥିବା ରିପୋର୍ଟରେ କୁହାଯାଇଛି। ଇସ୍ଲାମାବାଦରେ ସେ ପାକିସ୍ତାନର ଆଇଏସ୍ଆଇ ଓ ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ଅଧିକାରୀଙ୍କ ସହ ଆଲୋଚନା କରିବାର ସମ୍ଭାବନା ରହିଛି। ଏହି ଗସ୍ତ ଏପରି ଏକ ସମୟରେ ହୋଇଛି, ଯେତେବେଳେ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ସାମରିକ ଏବଂ ସୁରକ୍ଷା ସମ୍ପର୍କ ବଢ଼ୁଛି। ସୋମବାର ପାକିସ୍ତାନ ସେନାର ମେଜର ଜେନେରାଲ୍ କାଶିଫ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ଏକ ଚାରିଜଣିଆ ପ୍ରତିନିଧି ଦଳ ଢାକାରେ ପହଞ୍ଚିଥିଲା। ବାଂଲାଦେଶର ସଶସ୍ତ୍ର ବାହିନୀ ବିଭାଗର ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ୍ ମିର୍ ମୁଶଫିକୁର ରହମାନଙ୍କ ସହ ପାକିସ୍ତାନୀ ଦଳ ଆଲୋଚନା କରିଥିଲା।

ୟୁକେର ଏୟାରବେସରୁ ଲଢୁଆ ବିମାନ ହଟାଇଲା ଆମେରିକା

ଲଣ୍ଡନ,୧୦।୧୧: ଇରାନ ପକ୍ଷରୁ କରାଯାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ଆମେରିକା ବ୍ରିଟେନରେ ଥିବା ଏହାର ସାମରିକ ଘାଟିରେ ସୁରକ୍ଷା ବୃଦ୍ଧି କରିବା ପାଇଁ ବିମାନ ସ୍ଥାନାନ୍ତର କରିବା ଆରମ୍ଭ କରିଛି। ଆମେରିକା ସେନା ବ୍ରିଟେନର ଆରଏଏଫ ମିଲଡେନହଲ ଏୟାରବେସ୍‌ରୁ ଅନେକ ସାମରିକ ବିମାନକୁ ଜର୍ମାନୀ ଏବଂ ଅନ୍ୟାନ୍ୟ ଘାଟିକୁ ସ୍ଥାନାନ୍ତର କରିଛି। କିଛି ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଥର ପାଇଁ ଆମେରିକା ସେନା ପକ୍ଷରୁ ବ୍ରିଟେନରେ ଥିବା ସାମରିକ ଏୟାରବେସ୍‌ରୁ ବିମାନ ସ୍ଥାନାନ୍ତର କରିବାକୁ ପଡିଛି। ଏହି ଅଞ୍ଚଳରେ ଇରାନ ଦ୍ୱାରା ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଇରାନର ଧମକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଆମେରିକାର ବିମାନ ଗତିବିଧି ସମ୍ପର୍କରେ ୟୁକେ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ, ସେମାନଙ୍କ ମନ୍ତ୍ରଣାଳୟ ସାଧାରଣତଃ ଅନ୍ୟ ଦେଶର ସାମରିକ କାର୍ଯ୍ୟକଳାପ ଉପରେ ମନ୍ତବ୍ୟ ଦିଏ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ, କାର୍ଯ୍ୟକ୍ଷମ ଆବଶ୍ୟକତା ଅନୁସାରେ ବିମାନ ଏବଂ ସାମରିକ ସମ୍ବଳ ନିୟମିତ ଭାବରେ ବିଭିନ୍ନ ଘାଟିକୁ ସ୍ଥାନାନ୍ତରିତ ହୋଇଥାଏ।

ସୋନିଆଙ୍କ ପୁସ୍ତକ 'ବିଲଙ୍ଗିଂ'ରେ ଖୋଲିଲା ଅକୁହା କାହାଣୀ

ପ୍ରଧାନମନ୍ତ୍ରୀ ନ ହେବାର କହିଲେ ରହସ୍ୟ



ନୂଆଦିଲ୍ଲୀ,୧୦।୧୧: କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ନିଜ ପୁସ୍ତକ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ ଲଭ'ରେ ସେ କାହିଁକି ପ୍ରଧାନମନ୍ତ୍ରୀ ହୋଇନଥିଲେ, ସେନେଇ ବଡ଼ ଖୁଲାସା କରିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପାଇଁ ନିଜ ଦଳର ଅନୁରୋଧକୁ ସେ ଅଗ୍ରାହ୍ୟ କରିଥିଲେ। ତେବେ ତାଙ୍କର ଏହି ନିଷ୍ପତ୍ତି ପଛରେ କ'ଣ କାରଣ ରହିଥିଲା, ତାହା ଏବେ ନିଜେ ସୋନିଆ ଗାନ୍ଧୀ ପ୍ରକାଶ କରିଛନ୍ତି। ଦେଶର ପ୍ରଧାନମନ୍ତ୍ରୀ ନହେବା ନିଷ୍ପତ୍ତି ସମ୍ପର୍କରେ ସେ ନିଜ ପୁସ୍ତକରେ ଲେଖିଛନ୍ତି, ମୋ ମନରୁ ସନ୍ଦେହର ଶେଷ ଅଂଶ ମଧ୍ୟ ହଠାତ୍ ଦୂର ହୋଇଗଲା। ମୋତେ ଲାଗିଲା ଯେମିତି ମୁଁ ନିଜକୁ କହୁଛି, ସୋନିଆ, ନିଜ ପ୍ରତି ସଚ୍ଚୋଟ ରୁହ। ତୁମେ ସବୁବେଳେ ଏହା ଜାଣିଥିଲ। କେବଳ ଏହାକୁ ଛାଡ଼ିଦିଅ। ରିପୋର୍ଟ ଅନୁସାରେ, ସୋନିଆ କହିଛନ୍ତି ଯେ ନିର୍ବାଚନର କିଛି ମାସ ପୂର୍ବରୁ ସେ ଏବଂ ତାଙ୍କ ପିଲାମାନେ ଏହି ବିଷୟରେ ଆଲୋଚନା କରିଥିଲେ ଯେ ସେ ପ୍ରଧାନମନ୍ତ୍ରୀ ହେବେ କି ନାହିଁ। ତାଙ୍କ ପିଲାମାନଙ୍କ ମଧ୍ୟରୁ ଜଣେ ସିଧାସଳଖ ପଚାରିଥିଲେ, ଯଦି ଆମ ଦଳ ନିର୍ବାଚନ ଜିତେ, ତେବେ ଆପଣ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବେ କି ? ଏହାର ଉତ୍ତରରେ ମୁଁ ଟିକେ ବିରକ୍ତ ହୋଇ କହିଥିଲି, କେବେ ବି ନୁହେଁ। ଏହାପରେ ସେ ପୁଣି ପଚାରିଥିଲେ, ଆପଣ ନିଶ୍ଚିତ ତ ? ମୁଁ ଦୃଢ଼ତାର ସହ କହିଥିଲି, ମୋ ନିଷ୍ପତ୍ତି ସମ୍ପୂର୍ଣ୍ଣ ସ୍ପଷ୍ଟ। ସୋନିଆ କହିଛନ୍ତି , ରାହୁଲ ଓ ପ୍ରିୟଙ୍କାଙ୍କ ମଧ୍ୟରୁ କେହି ମଧ୍ୟ ଚାହୁଁନଥିଲେ ଯେ ସେ ପ୍ରଧାନମନ୍ତ୍ରୀ ହୁଅନ୍ତୁ। ଉଭୟ ନିଜ ଜେଜେମା'ଙ୍କ ହତ୍ୟା ଏବଂ ବାପାଙ୍କ ନିର୍ମମ ହତ୍ୟାର ଗଭୀର ମାନସିକ ଆଘାତ ସହିଥିଲେ। ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ପଦରେ ରହିବା ଅର୍ଥ ସିଧାସଳଖ ଭାବେ ଅଧିକ ବିପଦକୁ ଆମନ୍ତ୍ରଣ କରିବା ଥିଲା। ସେମାନେ ଏହି ନିଷ୍ପତ୍ତିରେ ଆଶ୍ୱସ୍ତ ହୋଇଥିଲେ। ମୁଁ ମଧ୍ୟ ନିଜକୁ ହାଲୁକା ଅନୁଭବ କରିଥିଲି। କାରଣ ପ୍ରଥମ ଥର ପାଇଁ ମୁଁ ଏହି ପ୍ରଶ୍ନ ଉପରେ ଖୋଲାଖୋଲି ନିଜ ମତ ରଖିଥିଲି ଏବଂ ସେହିଠାରେ ହିଁ ଏହି ଆଲୋଚନା ଶେଷ ହୋଇଥିଲା। ୫୪୪ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକରେ ସେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସହ ଜଡିତ ଏକ ବଡ଼ କଥା ପ୍ରକାଶ କରିଛନ୍ତି। ସୋନିଆ ଗାନ୍ଧୀଙ୍କ କହିବା ଅନୁଯାୟୀ, ପ୍ରଣବ ମୁଖାର୍ଜୀଙ୍କ ମନରେ ପ୍ରଧାନମନ୍ତ୍ରୀ ହେବାର ଏକ ଦୀର୍ଘକାଳୀନ ଅଭିଳାଷା ବା ଇଚ୍ଛା ରହିଥିଲା। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଷୟରେ ମଧ୍ୟ ନିଜର ମତ ପ୍ରକାଶ କରିଛନ୍ତି। ସୋନିଆ କହିଛନ୍ତି ଯେ, ତାଙ୍କର ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବହୁତ କମ୍ ବାସ୍ତବିକ ସମ୍ପର୍କ ଅଛି। ତେବେ ସେ ସ୍ୱୀକାର କରିଛନ୍ତି ଯେ, ଏହା ସତ୍ତ୍ୱେ, ଭାରତୀୟ ଜନତା ପାର୍ଟିର ଏହି ନେତାଙ୍କ ସହ ତାଙ୍କର କିଛି ସମାନତା ଅଛି। ସେ ପୁସ୍ତକରେ ଲେଖିଛନ୍ତି, ଆଜି ପର୍ଯ୍ୟନ୍ତ, ମୋର ତାଙ୍କ ସହିତ ପ୍ରାୟ କୌଣସି ବାସ୍ତବିକ ଯୋଗାଯୋଗ ହୋଇନାହିଁ। ସେହିପରି ପୁସ୍ତକରେ ସେ ମେନକା ଗାନ୍ଧୀଙ୍କ ସହ ପାରିବାରିକ ତିକ୍ତତା ଓ ବିବାଦର ଖୁଲାସା କରିଛନ୍ତି । ଏହି ପୁସ୍ତକରେ ସେ ରାଜନୈତିକ ଜୀବନ ବ୍ୟତୀତ ନିଜର ବ୍ୟକ୍ତିଗତ ଜୀବନ, ପରିବାର ଏବଂ ବିଶେଷ କରି ସଞ୍ଜୟ ଗାନ୍ଧୀଙ୍କ ମୃତ୍ୟୁ ପରେ ମେନକା ଗାନ୍ଧୀଙ୍କ ସହିତ ସୃଷ୍ଟି ହୋଇଥିବା ପାରିବାରିକ ମତଭେଦ ଓ ତିକ୍ତତା ସମ୍ପର୍କରେ କେତେକ ବଡ଼ ଖୁଲାସା କରିଛନ୍ତି।

ପ୍ରେମ ବିବାହରୁ ପାରିବାରିକ ତିକ୍ତତା ଆରମ୍ଭ ପୁସ୍ତକରେ ସୋନିଆ ଗାନ୍ଧୀ ସଞ୍ଜୟ ଏବଂ ମେନକାଙ୍କ ସମ୍ପର୍କ, ସେମାନଙ୍କ ପ୍ରେମ ବିବାହ ଏବଂ ତାହା ପରେ ପରିବାର ଭିତରେ କିପରି କ୍ରମଶଃ ତିକ୍ତତା ବୃଦ୍ଧି ପାଇଥିଲା, ତାହା ବର୍ଣ୍ଣନା କରିଛନ୍ତି। ସଞ୍ଜୟ ଗାନ୍ଧୀଙ୍କ ଅକାଳ ବିୟୋଗ ପରେ ଗାନ୍ଧୀ ପରିବାରରେ କିପରି ପରିସ୍ଥିତି ବଦଳିଯାଇଥିଲା, ତାହାର ଏକ ସ୍ପଷ୍ଟ ଚିତ୍ର ଏଥିରେ ରହିଛି। ସୋନିଆ ଗାନ୍ଧି ପ୍ରଥମ ପୁତ୍ର ସନ୍ତାନଙ୍କ ସମ୍ପର୍କରେ ନିଜର ବହି 'ବିଲଗିଂଙ୍ଗ: ଏ ଜର୍ଣ୍ଣି ଅଫ ଲଭ୍'ରେ ଉଲ୍ଲେଖ କରିଛନ୍ତି। ରାହୁଲ ଗାନ୍ଧିଙ୍କ ଜନ୍ମର ଠିକ ବର୍ଷକ ପୂର୍ବରୁ ସୋନିଆ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ଆଉ ଏକ ପୁତ୍ର ସନ୍ତାନର ମା'-ବାପା ହୋଇଥିଲେ। କିନ୍ତୁ ପୁତ୍ର ସନ୍ତାନ ଖୁସି ଗାନ୍ଧି ପରିବାର ସହ କେବଳ କିଛି ଘଣ୍ଟା ପାଇଁ ରହିଥିଲା। କାରଣ ଜନ୍ମର କିଛି ଘଣ୍ଟା ପରେ ପୁତ୍ର ସନ୍ତାନ ଜଣଙ୍କ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଥିଲେ। ଏହି ଘଟଣା ଉଭୟ ରାଜୀବ ଓ ସୋନିଆଙ୍କୁ ପୂରା ଭାଙ୍ଗି ଦେଇଥିଲା।

ସୋନିଆଙ୍କୁ ପ୍ରଣବଙ୍କ କନ୍ୟାଙ୍କ ଜବାବ: ଉଚ୍ଚାକାଂକ୍ଷା ରଖିବା କ'ଣ ଅପରାଧ



ନୂଆଦିଲ୍ଲୀ,୧୦।୧୧: ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟର ଜବାବ ଦେଇଛନ୍ତି ତାଙ୍କ କନ୍ୟା ଶର୍ମିଷ୍ଠା ମୁଖାର୍ଜୀ। ରାଜନୀତିରେ ଉଚ୍ଚାକାଂକ୍ଷା ରଖିବା କ'ଣ ଅପରାଧ ବୋଲି ସେ ପ୍ରଶ୍ନ କରିବା ସହ ତାଙ୍କ ବାପାଙ୍କ ଯୋଗ୍ୟତା ଓ ରାଜନୈତିକ ଅଭିଜ୍ଞତାକୁ ନେଇ ଯୁକ୍ତି ରଖିଛନ୍ତି। ସୋନିଆ ଗାନ୍ଧୀଙ୍କ ନୂଆ ଆତ୍ମଜୀବନୀ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ରେ ୨୦୧୦ ମସିହାର ଏକ ଘଟଣାର ଉଲ୍ଲେଖ ରହିଛି। ସେତେବେଳେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିଲେ। ସୋନିଆଙ୍କ ବର୍ଣ୍ଣନା ଅନୁଯାୟୀ, ତତ୍କାଳୀନ ଅର୍ଥମନ୍ତ୍ରୀ ପି. ଚିଦମ୍ବରମ୍‌ଙ୍କ ସହ ପ୍ରଣବଙ୍କ ଗୁରୁତର ମତଭେଦ ରହିଥିଲା। ଏକଦା ଏହି ପ୍ରସଙ୍ଗରେ ଆଲୋଚନାବେଳେ ପ୍ରଣବ କହିଥିଲେ ଯେ ଶୀର୍ଷ ସ୍ତରରେ ପରିବର୍ତ୍ତନର ସମୟ ଆସିଛି। ଏହାକୁ ସୋନିଆ ତାଙ୍କର ପ୍ରଧାନମନ୍ତ୍ରୀ ହେବାର ଦୀର୍ଘଦିନର ଆକାଂକ୍ଷାର ସଙ୍କେତ ବୋଲି ବୁଝିଥିଲେ। ଏଥିରେ ସେ ଆଶ୍ଚର୍ଯ୍ୟ ହୋଇଥିବା ନିଜ ପୁସ୍ତକରେ ଲେଖିଛନ୍ତି। ତେବେ ସେ ଆଲୋଚନାର ଦିଗ ବଦଳାଇ ଦେଇଥିଲେ। ଏହାର ପ୍ରତିକ୍ରିୟାରେ ଶର୍ମିଷ୍ଠା ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଦୀର୍ଘଦଶନ୍ଧିର ରାଜନୈତିକ ଓ ପ୍ରଶାସନିକ ଅଭିଜ୍ଞତା, କଠିନ ପରିଶ୍ରମ ଏବଂ ପ୍ରଖର ବୁଦ୍ଧିମତ୍ତା ଥିବା ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ହେବାକୁ ଆଶା ରଖିଲେ ତାହା କ'ଣ ଅପରାଧ ? ସେ କହିଛନ୍ତି, ଥରେ ସେ ନିଜ ବାପାଙ୍କୁ ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା ଅଛି କି ବୋଲି ପଚାରିଥିଲେ। ଏହାର ଉତ୍ତରରେ ପ୍ରଣବ କହିଥିଲେ, ଯେକୌଣସି ଯୋଗ୍ୟ ରାଜନେତାଙ୍କର ଏଭଳି ଆକାଂକ୍ଷା ରହିଥାଏ। ଶର୍ମିଷ୍ଠା କହିଛନ୍ତି, ତାଙ୍କ ବାପା ଏକ ସାଧାରଣ ପରିବାରରୁ ଆସି ନିଜର ଯୋଗ୍ୟତା ଓ ପରିଶ୍ରମ ବଳରେ ସଫଳତା ହାସଲ କରିଥିଲେ।

ସୋନିଆଙ୍କ ପୁସ୍ତକର 'ହ୍ୱାଇଟୱାସିଂ' ହେବା ଉଚିତ: ବିଜେପି

ନୂଆଦିଲ୍ଲୀ,୧୦।୧୧: କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନୂଆ ପୁସ୍ତକ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'କୁ ନେଇ ବିଜେପି ତୀବ୍ର ସମାଲୋଚନା କରିଛି। ପୁସ୍ତକର ନାଁ 'ବିଲଙ୍ଗିଂ' ବଦଳରେ 'ହ୍ୱାଇଟୱାସିଂ' (ଅତୀତର ଭୁଲକୁ ଲୁଚାଇବା) ରଖାଯିବା ଉଚିତ ଥିଲା ବୋଲି ବିଜେପି କହିଛି। ଗାନ୍ଧୀ ପରିବାର ଓ କଂଗ୍ରେସର ଅତୀତର ଭୁଲକୁ ଘୋଡ଼ାଇବା ପାଇଁ ଏହି ପୁସ୍ତକରେ ଉଦ୍ୟମ ହୋଇଛି ବୋଲି ଦଳ ଅଭିଯୋଗ କରିଛି। ମଙ୍ଗଳବାର ନୂଆଦିଲ୍ଲୀରେ ପୁସ୍ତକଟି ପ୍ରକାଶ ପାଇବା ପରେ ବିଜେପିର ଜାତୀୟ ମୁଖପାତ୍ର ସି.ଆର କେଶବନ୍ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ବିବୃତି ଦେଇ ଏହି ସମାଲୋଚନା କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ପୁସ୍ତକର ଉଦ୍ଦେଶ୍ୟ ନେହରୁ-ଗାନ୍ଧୀ ପରିବାରର ଐତିହାସିକ ଭୁଲଗୁଡ଼ିକୁ ହାଲୁକା କରି ଦେଖାଇବା ଏବଂ କଂଗ୍ରେସର ଅତୀତର କାର୍ଯ୍ୟକଳାପକୁ ଘୋଡ଼ାଇବା। କେନ୍ଦ୍ରରେ ପ୍ରାୟ ୫୫ ବର୍ଷର କଂଗ୍ରେସ ଶାସନ ଦେଶର ରାଜନୀତି ଓ ଗଣତନ୍ତ୍ରକୁ ଗଭୀର କ୍ଷତି ପହଞ୍ଚାଇଛି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି। ୧୯୭୫ର ଜରୁରୀ ପରିସ୍ଥିତି ପ୍ରସଙ୍ଗରେ ସୋନିଆଙ୍କ ମନ୍ତବ୍ୟକୁ ନେଇ ବିଜେପିର ଏହି ଆକ୍ରମଣ ଆସିଛି। ପୁସ୍ତକରେ ସୋନିଆ ଜରୁରୀ ପରିସ୍ଥିତିକୁ ଏକ ଭୁଲ୍ ବୋଲି ସ୍ୱୀକାର କରିଛନ୍ତି। ତାଙ୍କ ଶାଶୂ ତଥା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମଧ୍ୟ ପରବର୍ତ୍ତୀ ସମୟରେ ଏହାକୁ ଭୁଲ୍ ବୋଲି ବୁଝିଥିବେ ବୋଲି ସୋନିଆ ଲେଖିଛନ୍ତି।

'ବୌଦ୍ଧିକ ନକ୍ସଲ' ଏବେ ସରକାରଙ୍କ ପରବର୍ତ୍ତୀ ନିଶାଣ
ରାହୁଲ ଗାନ୍ଧୀଙ୍କୁ କିରଣ ରିଜିଜୁଙ୍କ ଚେତାବନୀ

ନୂଆଦିଲ୍ଲୀ,୧୦।୧୧: ଦେଶରୁ ନକ୍ସଲବାଦ ଦୂର କରିବାର ଶ୍ରେୟ ଯଦି କିଏ ପାଇବାକୁ ହକ୍‌ଦାର, ସେ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସଶସ୍ତ୍ର ନିକସଲଙ୍କ ନିପାତ ପରେ ଏବେ ଦିମାଗି ନକ୍ସଲ ବା 'ବୌଦ୍ଧିକ ନକ୍ସଲ'ଙ୍କ ପାଳି। ସେମାନଙ୍କ ଦିନ ମଧ୍ୟ ସରିବାକୁ ଯାଉଛି। ଏକଥା କହିଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ । ବିଶେଷ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରି ଏପରି ମନ୍ତବ୍ୟ ଦେଇଛନ୍ତି ରିଜିଜୁ। ଦେଶରୁ ବାମପନ୍ଥୀ ଉଗ୍ରବାଦ ଶେଷ କରିବାରେ କେନ୍ଦ୍ର ସରକାରଙ୍କ ସଫଳତାକୁ ରାହୁଲ ଗାନ୍ଧୀ ହାଲୁକା ଭାବେ ନେଉଥିବା ଅଭିଯୋଗ କରି ରିଜିଜୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, "ରାହୁଲ ଜୀ, ସଶସ୍ତ୍ର ମାଓବାଦୀଙ୍କୁ ଶେଷ କରିଥିବାରୁ ମୋଦି ଜୀଙ୍କୁ ଧନ୍ୟବାଦ ଦିଅନ୍ତୁ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଜୀ ବାମପନ୍ଥୀ ଉଗ୍ରବାଦ ଓ ନକ୍ସଲବାଦକୁ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ସବୁଠାରୁ ବଡ଼ ବିପଦ ବୋଲି କହିଥିଲେ। ଏବେ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ବୌଦ୍ଧିକ ନକ୍ସଲଙ୍କୁ ଶେଷ କରିବା ।' ଉଲ୍ଲେଖଯୋଗ୍ୟ ଯେ, ନକ୍ସଲବାଦ ମୁକାବିଲା ଏବଂ ଭାରତୀୟ ରାଜନୀତିରେ ବିଦେଶୀ ହସ୍ତକ୍ଷେପକୁ ନେଇ ନିକଟରେ ବିଜେପି ଓ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ତୀବ୍ର ହୋଇଛି। ଛତିଶଗଡ଼ରେ ସିଆରପିଏଫ୍ ଯବାନମାନଙ୍କ ସହ ଆଲୋଚନା କରିବା ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ନକ୍ସଲବାଦର ମୂଳୋତ୍ପାଟନ ହିଁ ଶେଷ ଲକ୍ଷ୍ୟ ନୁହେଁ। ଦେଶ ସମ୍ମୁଖରେ ଏବେ ମଧ୍ୟ 'ବୌଦ୍ଧିକ ନକ୍ସଲ'ଙ୍କ ମୁକାବିଲା କରିବାର ଆହ୍ୱାନ ରହିଛି। ସେମାନେ ଅନେକ ସଂଗଠନକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି।ଏହାର ଜବାବରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଥିଲେ।

ଷ୍ଟିଲ୍ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ: ୧୭ ମୃତ

ନୂଆଦିଲ୍ଲୀ,୧୦/୧୧: ତୁର୍କୀର ଷ୍ଟିଲ୍ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ। ଇଜମିର୍ ପ୍ରଦେଶର ଆଲିଆଗା ଅଞ୍ଚଳରେ ଥିବା ଏକ ଷ୍ଟିଲ୍ ପ୍ଲାଣ୍ଟରେ ଘଟିଛି ଏହି ବଡ଼ ଅଘଟଣ। ବିସ୍ଫୋରଣରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ବଏଲର୍ ବଦଳାଇବା କାମ ଚାଲିଥିବା ବେଳେ ହଠାତ୍ ଏକ ବିଶାଳ ଓଭରହେଡ୍ କ୍ରେନ୍ ଭାଙ୍ଗି ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍ ଭିତରେ ଖସିପଡ଼ିଥିଲା। ଫଳରେ ଭୟଙ୍କର ବିସ୍ଫୋରଣ ସହ କାରଖାନାରେ ନିଆଁ ଲାଗିଯାଇଥିଲା । ବଏଲରକୁ ବଦଳାଇବା ପାଇଁ ଉତ୍ପାଦନ ବନ୍ଦ କରାଯାଇଥିଲା। ଏହାପରେ ପ୍ଲାଣ୍ଟ ଭିତରେ ନିଆଁ ଦ୍ରୁତ ଗତିରେ ବ୍ୟାପିଗଲା।

ଦିଲ୍ଲୀର ବିଷାକ୍ତ ବାୟୁକୁ ନେଇ ଏମ୍ସ ଡାକ୍ତରଙ୍କ ଚେତାବନୀ
'ଜୀବିତ ଅଛୁ ଏହା ହିଁ ଆଶ୍ଚର୍ଯ୍ୟ'




ନୂଆଦିଲ୍ଲୀ,୧୦।୧୧: ଦିଲ୍ଲୀ-ଏନ୍‌ସିଆରରେ ବଢୁଥିବା ବାୟୁ ପ୍ରଦୂଷଣକୁ ନେଇ ଏମ୍ସର ଡାକ୍ତର ଗମ୍ଭୀର ଚେତାବନୀ ଦେଇଛନ୍ତି। ପୂର୍ବରୁ ବାୟୁ ଗୁଣବତ୍ତା ସୂଚକାଙ୍କ ତିନି ଅଙ୍କରେ ରହୁଥିବା ବେଳେ ଏବେ ଏହା ଚାରି ଅଙ୍କରେ ପହଞ୍ଚିଛି। ଏଭଳି ସ୍ଥିତିରେ ଆମେ ଏବେ ବି ଜୀବିତ ଅଛୁ, ଏହା ମୋତେ ଆଶ୍ଚର୍ଯ୍ୟ କରୁଛି ବୋଲି ଡାକ୍ତର କହିଛନ୍ତି। ଡାକ୍ତର ବିଜୟ ହଡ୍ଡା କହିଛନ୍ତି, ସବୁଜ ବାଣ ହେଉ କି ସାଧାରଣ ବାଣ, ଏଥିରୁ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ଲୋକମାନେ ପ୍ରତି ନିଃଶ୍ୱାସରେ ବିଷାକ୍ତ ବାୟୁ ଶରୀର ଭିତରକୁ ନେଉଛନ୍ତି। ଗଳା ଖରାପ ହେବା, ଆଖି ପୋଡ଼ିବା ଓ ଶ୍ୱାସକ୍ରିୟାରେ ସମସ୍ୟା ଭଳି ଲକ୍ଷଣ କେବଳ ଆରମ୍ଭ ମାତ୍ର। ଆଗାମୀ ବର୍ଷଗୁଡ଼ିକରେ ଏହାର ଆହୁରି ଗମ୍ଭୀର ପ୍ରଭାବ ଦେଖିବାକୁ ମିଳିପାରେ। ସାଧାରଣ ବାଣ ତୁଳନାରେ ସବୁଜ ବାଣ ମାତ୍ର ୩୦ ପ୍ରତିଶତ ପ୍ରଦୂଷଣ କମ୍ କରିଥାଏ। ଏହା ସତ୍ତ୍ୱେ ଗ୍ୟାସ୍ ଓ ଧୂଳିକଣା ଜନିତ ପ୍ରଦୂଷଣ ପ୍ରାୟ ୭୦ ପ୍ରତିଶତ ରହିଥାଏ। ପୂର୍ବରୁ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ତିନି ଅଙ୍କରେ ରହୁଥିବା ବେଳେ ଏବେ ଚାରି ଅଙ୍କରେ ପହଞ୍ଚିଛି। ଅନ୍ୟ ସହର ତୁଳନାରେ ଦିଲ୍ଲୀର ବାୟୁର ଗୁଣବତ୍ତାରେ ପ୍ରାୟ ୫୦ ପ୍ରତିଶତ ପାର୍ଥକ୍ୟ ରହିଛି। ଏଠାରେ ରହୁଥିବା ଲୋକଙ୍କ ଜୀବନ ଆଗକୁ ଆହୁରି କଷ୍ଟକର ହେବ ବୋଲି ସେ କହିଛନ୍ତି। ଡାକ୍ତର ହଡ୍ଡା କହିଛନ୍ତି, ଜଣେ ମଣିଷ ପ୍ରତି ମିନିଟରେ ପ୍ରାୟ ୨୦ ଥର ନିଃଶ୍ୱାସ ନେଇଥାଏ। ପ୍ରତ୍ୟେକ ନିଃଶ୍ୱାସରେ ପ୍ରାୟ ଅଧା ଲିଟର ବାୟୁ ଶରୀର ଭିତରକୁ ଯାଇଥାଏ। ଏଭଳି ବିଷାକ୍ତ ବାୟୁରେ ଆମେ କିପରି ଜୀବିତ ଅଛୁ, ତାହା ମୋତେ ଆଶ୍ଚର୍ଯ୍ୟ କରୁଛି। ଏହି ବାୟୁ ମଣିଷ ବଞ୍ଚିବା ପାଇଁ ଆଦୌ ଉପଯୁକ୍ତ ନୁହେଁ। ଲୋକମାନେ ନିରନ୍ତର ବିଷାକ୍ତ ଧୂଆଁ ଶରୀର ଭିତରକୁ ନେଉଛନ୍ତି ଏବଂ ବାହାରକୁ ଛାଡୁଛନ୍ତି । ସମୟ ବିତିବା ସହ ଏହାର ଗମ୍ଭୀର ସ୍ୱାସ୍ଥ୍ୟଗତ ପ୍ରଭାବ ସାମ୍ନାକୁ ଆସିବ। ଲୋକମାନେ ଏବେଠାରୁ ଏହାର ପ୍ରାରମ୍ଭିକ ଲକ୍ଷଣ ଅନୁଭବ କରୁଛନ୍ତି ବୋଲି ସେ ଚେତାବନୀ ଦେଇଛନ୍ତି। ଏମ୍ସର ପ୍ରଫେସର କହିଛନ୍ତି, ତାଙ୍କର ଅନେକ ସହକର୍ମୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସତ୍ତ୍ୱେ ଗଳା ଜଳିବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଓପିଡିକୁ ଚିକିତ୍ସା ପାଇଁ ଆସିଥିବା ଅନେକ ରୋଗୀ ପୁଣିଥରେ ଫେରି ଆସୁଛନ୍ତି। ପ୍ରତିବର୍ଷ ଏଭଳି ସ୍ଥିତି ଦେଖାଦେଉଥିଲେ ମଧ୍ୟ କିଛି ଦିନ ପରେ ଲୋକେ ଏହାକୁ ଭୁଲି ଯାଉଛନ୍ତି ବୋଲି ସେ କହିଛନ୍ତି।

ଅଭିନେତା ରସେଲ୍ ବ୍ରାଣ୍ଡଙ୍କୁ ବଳାତ୍କାର ଅଭିଯୋଗରେ ଜେଲଦଣ୍ଡ

ନୂଆଦିଲ୍ଲୀ,୧୦।୧୧: ପ୍ରସିଦ୍ଧ ହଲିଉଡ୍ ଅଭିନେତା, କମେଡିଆନ୍ ଏବଂ ପୂର୍ବତନ ବ୍ରଡକାଷ୍ଟର ରସେଲ୍ ବ୍ରାଣ୍ଡଙ୍କୁ ବଳାତ୍କାର ଏବଂ ଯୌନ ନିର୍ଯାତନା ଅଭିଯୋଗରେ ଚାରୋଟି ମାମଲାରେ ସାଢେ ୧୦ ବର୍ଷ ଜେଲଦଣ୍ଡ ଦିଆଯାଇଛି। କୋର୍ଟ ମାମଲାର ଶୁଣାଣି କରି ତାଙ୍କୁ ଦୋଷୀ ଘୋଷଣା କରିଛନ୍ତି । ପ୍ରାୟ ୨୦ ବର୍ଷ ପୁରୁଣା ମାମଲାରେ ରସେଲ୍ ବ୍ରାଣ୍ଡ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଜଣେ ମହିଳାଙ୍କୁ ବଳାତ୍କାର ଏବଂ ଅନ୍ୟ ୩ ଜଣଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ, କୋର୍ଟ ତାଙ୍କୁ 'ଯୌନ ଶିକାରୀ' ଘୋଷଣା କରି ସାଢେ ୧୦ ବର୍ଷ ଜେଲଦଣ୍ଡ ଦେଇଛନ୍ତି ।

ଇରାନ ସହ ଆମେରିକାର ଯୁଦ୍ଧ ସାମରିକ ଦୃଷ୍ଟିରୁ ପ୍ରାୟ ଶେଷ: ଟ୍ରମ୍ପ



ୱାସିଂଟନ,୧୦।୧୧: ଇରାନ ସହ ଆମେରିକାର ଯୁଦ୍ଧ ସାମରିକ ଦୃଷ୍ଟିରୁ ପ୍ରାୟ ଶେଷ ହୋଇଯାଇଛି। ଏବେ ଆମେରିକା ବର୍ତ୍ତମାନର ସ୍ଥିତାବସ୍ଥା ବଜାୟ ରଖିବାକୁ ଚାହୁଁଛି ଏବଂ ନୂଆ କରି ବଡ଼ଧରଣର ସାମରିକ ଆକ୍ରମଣ କରିବାର ସମ୍ଭାବନା କମ୍ ରହିଛି ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ସୋମବାର ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ସେ ଏହି ମନ୍ତବ୍ୟ ଦେଇଛନ୍ତି। ଏହା ପୂର୍ବରୁ ସେ କତରର ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲରହମାନ ଅଲ୍ ଥାନିଙ୍କ ସହ ଆଲୋଚନା କରିଥିଲେ। ଟ୍ରମ୍ପ କହିଥିଲେ, ଇରାନ ସାମରିକ ଦୃଷ୍ଟିରୁ ପ୍ରାୟ ଶେଷ ହୋଇଯାଇଛି। ଆମେ କେବଳ ବର୍ତ୍ତମାନର ସ୍ଥିତାବସ୍ଥା ବଜାୟ ରଖୁଛୁ। ଇରାନର ସାମରିକ ନେତୃତ୍ୱ ଓ କ୍ଷମତାକୁ ଆମେରିକାର ଆକ୍ରମଣ ଗୁରୁତର ଭାବେ ଦୁର୍ବଳ କରିଦେଇଛି ବୋଲି ସେ ଦାବି କରିଥିଲେ। ତେବେ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଦୀର୍ଘକାଳୀନ ସମାଧାନ ନ ହେବା ପର୍ଯ୍ୟନ୍ତ ଆମେରିକା ନିଜର ସାମରିକ ପ୍ରସ୍ତୁତି ଜାରି ରଖିବ। ପରିସ୍ଥିତି ବଦଳିଲେ ଆମେରିକା ସେନା ପୁଣି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ବୋଲି ସେ ସ୍ପଷ୍ଟ କରିଛନ୍ତି। କତର ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ପରେ ଟ୍ରମ୍ପ କହିଥିଲେ ଯେ କତର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ବାହାରିନ୍ ଓ କୁଏତ୍ ଭଳି ଉପସାଗରୀୟ ଦେଶଗୁଡ଼ିକ ଏବେକାର ସ୍ଥିତି ଜାରି ରହୁ ବୋଲି ଚାହୁଁଛନ୍ତି। ଏହାର ଅର୍ଥ ଇରାନ ଉପରେ ନୌସେନାର ଅବରୋଧ ଓ ଅନ୍ୟାନ୍ୟ ଚାପ ଜାରି ରହିବ। ଇରାନକୁ କୌଣସି ପରିସ୍ଥିତିରେ ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ ବୋଲି ଟ୍ରମ୍ପ ଦୋହରାଇଛନ୍ତି। ଏହି ଆଲୋଚନାରେ କତର ଏକ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଛି। ଗତ ସପ୍ତାହରେ ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପ୍ରସ୍ତାବ କତର ମାଧ୍ୟମରେ ଆମେରିକାକୁ ପଠାଇଥିଲା। ଆଲୋଚନା ପାଇଁ ତେହେରାନ୍ ସାତଟି ସର୍ତ୍ତ ରଖିଥିବା ରିପୋର୍ଟ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଆମେରିକାର ସାମରିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ଗତ ସପ୍ତାହରେ ଇରାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଆକ୍ରମଣ ହୋଇଥିବାବେଳେ ଶନିବାର ଆମେରିକା ନୌସେନା ଅବରୋଧ ଉଲ୍ଲଂଘନ ଉଦ୍ୟମ କରୁଥିବା ଏକ ବାଣିଜ୍ୟିକ ଜାହାଜକୁ ଅଟକାଇଥିଲା। ତେଣୁ ଟ୍ରମ୍ପଙ୍କ ଘୋଷଣା ସତ୍ତ୍ୱେ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ସମ୍ପୂର୍ଣ୍ଣ ଶେଷ ହୋଇନାହିଁ।

ଜମି ଠକେଇ, ବିଲଡର ଗିରଫ

ଭୁବନେଶ୍ୱର(ନି.ପ୍ର) : ଚନ୍ଦକା ଅଞ୍ଚଳରେ ଜମି ଯୋଗାଇ ଦେବା ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୧୬ ଲକ୍ଷ ୭୫ ହଜାର ଟଙ୍କା ଠକେଇ କରି ଅଫିସ୍ ବନ୍ଦ କରି ଫେରାର୍ ହୋଇଯାଇଥିବା ଏକ ରିଅଲ ଇଷ୍ଟେଟ୍ ସଂସ୍ଥା 'ଜେହୋଭା ଇନ୍‌ଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡ୍' ର ମ୍ୟାନେଜିଂ ଡାଇରେକ୍ଟରଙ୍କୁ ସହିଦ ନଗର ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ନୃସିଂହନାଥ ନନ୍ଦ । ଗିରଫ ଅଭିଯୁକ୍ତ ନିକଟରୁ ଠକେଇ ଟଙ୍କା କାରବାର ସମ୍ପର୍କିତ ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ଜବତ କରାଯାଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗ କଲୋନୀର ୫୮ ବର୍ଷୀୟ ଅଭିଯୋଗକାରୀ କାଶୀନାଥ ଜେନାଭୁବନେଶ୍ୱରରେ ଏକ ଉପଯୁକ୍ତ ଜମି କିଣିବା ପାଇଁ ଖୋଜାଖୋଜି କରୁଥିଲେ । ଏହି କ୍ରମରେ ସେ ସହିଦ ନଗରସ୍ଥିତ 'ଜେହୋଭା ଇନ୍‌ଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡ୍' କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ନୃସିଂହ ନାଥ ନନ୍ଦଙ୍କ ସହ ଯୋଗାଯୋଗରେ ଆସିଥିଲେ । ଅଭିଯୁକ୍ତ ନୃସିଂହ ନନ୍ଦ ତାଙ୍କୁ ଚନ୍ଦକା ଅଞ୍ଚଳରେ ଏକ ଭଲ ଜମି ଯୋଗାଇ ଦେବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ଅଭିଯୁକ୍ତଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ତାରିଖରେ ବ୍ୟାଙ୍କ କାରବାର ମାଧ୍ୟମରେ ସର୍ବମୋଟ ୧୬,୭୫,୦୦୦/- ଟଙ୍କା ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ । ମାତ୍ର ସମସ୍ତ ଟଙ୍କା ହାତେଇବା ପରେ ଅଭିଯୁକ୍ତ ନିର୍ଦ୍ଧାରିତ ଜମି ଯୋଗାଇବାରେ ବିଫଳ ହୋଇଥିଲା ଏବଂ ଅଭିଯୋଗକାରୀଙ୍କ ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରି ଫୋନ୍ ଉଠାଇନଥିଲା । ଅଭିଯୋଗକାରୀ ସହିଦ ନଗର ସ୍ଥିତ କମ୍ପାନୀ ଅଫିସ୍‌କୁ ଯାଇ ତାହା ସମ୍ପୂର୍ଣ୍ଣ ବନ୍ଦ ଥିବା ଏବଂ କୌଣସି କର୍ମଚାରୀ ଉପସ୍ଥିତ ନଥିବା ଦେଖିବାକୁ ପାଇଥିଲେ । ପ୍ରତାରିତ ହୋଇ ସେ ସହିଦ ନଗର ଥାନାରେ ଲିଖିତ ଏତଲା ଦାୟର କରିଥିଲେ । ଏନେଇ ସହିଦ ନଗର ଥାନାରେ ୪୨୦ ଆଇପିସି ଧାରାରେ ମାମଲା ରୁଜୁ ହେବା ପରେ ପୋଲିସତଦନ୍ତ ଆରମ୍ଭ କରି କାରବାର ସମ୍ପର୍କିତ ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ଜବତ କରିଥିଲା । ପୋଲିସ ଗୁଇନ୍ଦା ସୂଚନା ଆଧାରରେ ଆଜି ୧୦.୧୧.୨୦୨୬ ରେ ସହିଦ ନଗର ସ୍ଥିତ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା । ପଚରାଉଚରା ବେଳେ ଅଭିଯୁକ୍ତ ନୃସିଂହ ନାଥ ନନ୍ଦ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ନେଇଥିବା କଥା ସ୍ୱୀକାର କରିଥିଲେ । ଆଜି ଅପରାହ୍ନ ୦୪.୦୦ ଟାରେ ଅଭିଯୁକ୍ତଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି । ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

ସାମାନ୍ୟ କଥାରୁ ଯୁବକଙ୍କୁ ଆକ୍ରମଣ: ୩ ଗିରଫ

ଭୁବନେଶ୍ୱର(ନି.ପ୍ର) : ସାମାନ୍ୟ କଥାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରିଛି । ଗିରଫ ୩ ଅଭିଯୁକ୍ତ ହେଉଛନ୍ତି, ହରିଡ଼ାମଡ଼ା ଗାଁର ପ୍ରଭାତ ପରିଡ଼ା (୩୪), ରଞ୍ଜନ ପରିଡ଼ା (୪୫) ଓ ସିଦ୍ଧାର୍ଥ ପରିଡ଼ା ଓରଫ ସିଦ୍ଧ (୨୨) । ଏନେଇ କୁଶ ପରିଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ରବିବାର ରାତିରେ ଚନ୍ଦକା ଥାନା ଅନ୍ତର୍ଗତ ହରିଡ଼ାମଡ଼ା ଗାଁରେ ପାରମ୍ପରିକ ପରମ୍ପରା ଅନୁଯାୟୀ 'ବଡ଼ ବଡୁଆ ଡକା' ଚାଲିଥିବା ସମୟରେ ଏକ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏହି ସମୟରେ ସେହି ଗ୍ରାମର ସିଦ୍ଧ କୌଣସି କାରଣ ନଥାଇ ଅଭିଯୋଗକାରୀ କୁଶ ପରିଡ଼ାଙ୍କୁ ଗାଳିଗୁଲଜ କରିବା ସହ ମୁହଁ ଓ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ । ପରେ କୁଶ ପ୍ରତିବାଦ କରିବାରୁ ଅଭିଯୁକ୍ତଙ୍କ ପରିବାର ସଦସ୍ୟ, ରଞ୍ଜନ ପରିଡ଼ା, ପ୍ରଭାତ ପରିଡ଼ା ଓ ଅନ୍ୟମାନେ ମଧ୍ୟ ତାଙ୍କୁ ମାଡ଼ ମାରିଥିଲେ । ଏହି ଆକ୍ରମଣରେ କୁଶଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିବା ସହ ତାଙ୍କ ଡାହାଣ କାନ୍ଧର ଗଣ୍ଠି ଖସିଯାଇଥିଲା । ଏ ନେଇ ସେ ଚାନ୍ଦକା ଥାନାରେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ କାଳରେ ପୋଲିସ ମଙ୍ଗଳବାର ତିନିଜଣ ଅଭିଯୁକ୍ତଙ୍କୁ ଏହି ମାମଲାରେ ଗିରଫ କରିଥିବା ବେଳେ, ସମସ୍ତେ ନିଜର ଦୋଷ ସ୍ୱୀକାର କରିଛନ୍ତି ।

ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ନ୍ୟୁ ବ୍ରିଜ୍ ନିକଟ ସାଇ ମନ୍ଦିର ପାଖରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରି ହତ୍ୟା ଉଦ୍ୟମ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ଅଭିଯୁକ୍ତ ଅନିଲ ବିରୁଆ ଓରଫ ଡୁନ୍ନକୁ ଗିରଫ କରିଛି । ସୂଚନା ଅନୁଯାୟୀ, ଗତ ୨୪.୦୧.୨୦୨୬ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଚକେଇସିଆଣି ନ୍ୟୁ ବ୍ରିଜ୍ ନିକଟରେ ବିଶ୍ୱନାଥ ଜେନା ଓରଫ ବିସୁଙ୍କୁ ପ୍ରୀତିକ, ଓମ୍, ଅଶୋକ ପିଙ୍ଗୁଆ, ସଞ୍ଜୀବ, ବାଲିଆ ଓ ଅନ୍ୟ କେତେକ ଯୁବକ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ବିଶ୍ୱନାଥଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ପ୍ରଥମେ ବ୍ଲୁ ହ୍ୱିଲ୍ ହସ୍ପିଟାଲ ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ ଏମ୍ସ, ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଛି ଯେ, ଘଟଣାର ପୂର୍ବଦିନ ଅର୍ଥାତ୍ ୨୩.୦୧.୨୦୨୬ ତାରିଖରେ ଉଭୟ ପକ୍ଷଙ୍କ ମଧ୍ୟରେ ଏକ ସାମାନ୍ୟ ବିବାଦକୁ ନେଇ ମନୋମାଳିନ୍ୟ ହୋଇଥିଲା । ଏହାକୁ ନେଇ ୨୪.୦୧.୨୦୨୬ ତାରିଖ ସକାଳେ ଉଭୟ ପକ୍ଷ ଥାନାକୁ ଆସିଥିଲେ । ପୋଲିସ ଉଭୟଙ୍କୁ ବୁଝାସୁଝା କରି ବିବାଦର ସମାଧାନ କରିଥିଲା । ମାତ୍ର ସେହି ଦିନ ରାତିରେ ପୂର୍ବ ବିବାଦକୁ କେନ୍ଦ୍ର କରି ବିଶ୍ୱନାଥଙ୍କ ଉପରେ ଆକ୍ରମଣ ହୋଇଥିଲା । ଘଟଣାରେ ଅଭିଯୁକ୍ତ ଅନିଲ ବିରୁଆ ଓରଫ ଡୁନ୍ନୁ ଗିରଫ କରାଯାଇ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟ ଚାଲାଣ କରାଯାଇଛି ।

ପୂର୍ବତନ ଆଇଆଇସିଙ୍କ ବିରୋଧରେ ବିଭାଗୀୟ ତଦନ୍ତ

ଭୁବନେଶ୍ୱର: କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆ ସାମୁଦ୍ରିକ ଥାନାର ପୂର୍ବତନ ଇନ୍ସପେକ୍ଟର-ଇନ୍-ଚାର୍ଜ (ଆଇଆଇସି) ସନ୍ଧ୍ୟାରାଣୀ ଜେନାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ଗତ ମେ' ମାସରେ ଥାନା ଭିତରେ ଜଣେ ୫୫ ବର୍ଷୀୟା ମହିଳା ଏବଂ ତାଙ୍କର ୩୧ ବର୍ଷୀୟ ପୁଅଙ୍କୁ ପୋଲିସ ହେପାଜତରେ ଥିବାବେଳେ ନିର୍ଯାତନା ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି ।ଏହି ମା-ପୁଅଙ୍କୁ ଅତ୍ୟଧିକ ନିର୍ଯାତନା (ଥାର୍ଡ ଡିଗ୍ରୀ ଟର୍ଚ୍ଚର) ଦିଆଯାଇଥିବା ନେଇ ଆସିଥିବା ଅଭିଯୋଗକୁ ଭିତ୍ତିକରି ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ବିନୟତୋଷ ମିଶ୍ର, ସନ୍ଧ୍ୟାରାଣୀ ଜେନାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ରାସ୍ତା ନିର୍ମାଣକୁ ବିରୋଧ: ଆକ୍ରମଣରେ ୪ ଗୁରୁତର

ଜଳେଶ୍ୱର(ନିପ୍ର): ବ୍ୟକ୍ତିଗତ ଜାଗାରେ ସରକାରୀ ଗାଧୁଆ ତୁଠ ଓ ରାସ୍ତା ନିର୍ମାଣକୁ ବିରୋଧ କରିବାରୁ ଆକ୍ରମଣ ହୋଇଥିବା ଜଣାଯାଇଛି । ଏହି ଆକ୍ରମଣରେ ଗୋଟିଏ ପରିବାରର ଜଣେ ମହିଳାଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣା ସ୍ଥଳରେ ଜଳେଶ୍ୱର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ମହୁଲିଆ ଗ୍ରାମରେ । ସୂଚନା ଅନୁଯାୟୀ ଜଳେଶ୍ୱର ପଞ୍ଚାୟତ ସମିତି ପକ୍ଷରୁ ଶିଖରପୁର ପଂଚାୟତର ମହୁଲିଆ ଗ୍ରାମରେ ନଦୀ ତୁଠରେ ଏକ ଗାଧୁଆ ତୁଠ ନିର୍ମାଣ ପାଇଁ କାର୍ଯ୍ୟଦେଶ ଆସିଥିଲା । ଗ୍ରାମବାସୀ ମାନେ ଗ୍ରାମର ସଚିନ୍ଦ୍ର ବେହେରାଙ୍କର ଘରୋଇ ଜାଗାରେ ଗାଧୁଆ ତୁଠ ପାଇଁ ରାସ୍ତା ନିର୍ମାଣ କରୁଥିଲା ବେଳେ ସଚିନ୍ଦ୍ର ବେହେରାଙ୍କ ପରିବାର ଏହାକୁ ବିରୋଧ କରିଥିଲେ । ତେବେ ଗ୍ରାମର ଘନଶ୍ୟାମ ବେହେରା, ଝଡ଼େଶ୍ୱର ଦାସ, ରବିନ୍ଦ୍ର ଦାସ, ଗଣେଶ ବେହେରା, କାର୍ତ୍ତିକ ବେହେରା ଆଦି ୨୦ରୁ ଅଧିକ ଗ୍ରାମବାସୀ ଉକ୍ତ ପରିବାରକୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ସଚିନ୍ଦ୍ର ବେହେରାଙ୍କ ପରିବାର ଜଣେ ମହିଳାଙ୍କ ସମେତ ୪ଜଣ ଗୁରୁତର ଆହତ ହୋଇଥିଲେ । ସମସ୍ତଙ୍କୁ ଗ୍ରାମବାସୀମାନେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟ ହସ୍ପିଟାଲକୁ ଆଣିଥିଲା ବେଳେ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣା ସ୍ଥଳରେ ଜଳେଶ୍ୱର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

ଚୋର ସନ୍ଦେହରେ ୨ ଯୁବକଙ୍କୁ ନିର୍ଯାତନା ଅଭିଯୋଗ

ପିପିଲି(ନିପ୍ର): ମଙ୍ଗଳବାର ରାତିରେ ଚୋର ସନ୍ଦେହକରି ବଳଙ୍ଗା ଥାନା ବାଲିଆ ଗ୍ରାମଠାରେ ୨ଜଣ ଯୁବଜଙ୍କୁ ମାଡ଼ ମାରି ନିର୍ଯାତନା ଦେବା ସହ ଟଙ୍କା ଲୁଟ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଘୋଡକ ଗ୍ରାମର ଦୀପକ ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଦୀପକ ଗତକାଲି ରାତି ୧୦ଟାରେ ଏହି ଥାନା ଅନ୍ତର୍ଗତ ପିଢ଼ ସାହି ଗ୍ରାମର ଶୁଭ୍ରକାନ୍ତ ସ୍ୱାଇଁଙ୍କ ସହ ବାଇକ ଯୋଗେ ହରିପୁରରୁ ବଳଙ୍ଗା ରାସ୍ତାରେ ଘରକୁ ଫେରୁଥିଲେ । ବାଲିଆ ଗ୍ରାମ ମୁଣ୍ଡରେ ହେଲା ବେଳକୁ ପଛରୁ ଏକ ସ୍କୁଟି ଯୋଗେ ଆସୁଥିବା ଜଣେ ଯୁବକ ଉଭୟଙ୍କୁ ଅଟକାଇ ଥିଲା । ସେଠାରେ ଥିବା ବାଲିଆ ଗ୍ରାମର ପଞ୍ଚୁ ବାରିକଙ୍କ ଦୋକାନ ନିକଟକୁ ନେଇ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ଦୀପକ ଓ ଶୁଭ୍ରକାନ୍ତଙ୍କୁ ଚୋର ସନ୍ଦେହ କରି ଗ୍ରାମର କେତେକ ଯୁବକଙ୍କୁ ଘଟଣା ସ୍ଥଳକୁ ଡକାଇଥିଲା । ଲୋକମାନେ ଆସିବା ପରେ ଉଭୟଙ୍କୁ ଚୋର ଭାବି ମାଡ଼ ମାରିବା ସହ ଦୀର୍ଘ ସମୟ ଅଟକ ରଖି ନିର୍ଯାତନା ଦେଇ ସେମାନଙ୍କ ନିକଟରେ ଥିବା ୮ହଜାର ଟଙ୍କାକୁ ଛଡ଼ାଇ ନେଇଥିଲେ । ପରେ ଗ୍ରାମର କେତେକ ଲୋକ ଆସି ବୁଝାସୁଝା କରିବା ପରେ ସେମାନଙ୍କୁ ଛାଡିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ବଢ଼ିଲା ଅଡୁଆ

ଭୁବନେଶ୍ୱର : ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ପାଇଁ ଅଡୁଆ ଦିନକୁ ଦିନ ବଢୁଛି । ପୂର୍ବତନ ବାଲେଶ୍ୱର ଜେଲର ପ୍ରଦୀପ୍ତ କୁମାର ମହାଲିକ ଭୁବନେଶ୍ୱରର କ୍ୟାପିଟାଲ ଥାନାରେ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ନାଁରେ ଏକ ସାଂଘାତିକ ଏତଲା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ଜେଲରେ ଥିବା ଜଣେ କଏଦୀଙ୍କୁ ବ୍ରାଉନସୁଗାର ମାମଲାରେ ଫସାଇବା ପାଇଁ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥ ତାଙ୍କ ଉପରେ ଚାପ ପକାଉଥିବା ନେଇ ଅଭିଯୋଗ ହୋଇଛି । ଏହି ନିର୍ଦ୍ଦେଶ ନ ମାନିବାରୁ ବାଲେଶ୍ୱରର ପୂର୍ବତନ ଜେଲର ପ୍ରଦୀପ୍ତ କୁମାର ମହାଲିକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଏହି ଘଟଣା ନେଇ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ।

୧୪ ଲକ୍ଷ ୬୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ: ଜଣେ ଗିରଫ

କଟକ(ନିପ୍ର): ଅବକାରୀ ଅଧିକ୍ଷକ ସମରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଓ ଅବକାରୀ ଉପଅଧିକ୍ଷକ ରୋଶନ ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ଗୁଇନ୍ଦା ଓ ପ୍ରବର୍ତ୍ତନ ବ୍ୟୁରୋ ୟୁନିଟ ୧ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ପକ୍ଷରୁ ମଙ୍ଗଳବାର ଜଗତପୁର ଥାନା ଅନ୍ତର୍ଗତ ଖଇରା କେନାଲ ରୋଡ଼ରେ ଚଢ଼ାଉ କରାଯାଇ ୧୪୬ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି ଓ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ କଟରପାର ପ୍ରଶାନ୍ତ କୁମାର ବେହୁରା (୩୦) । ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୪ ଲକ୍ଷ ୬୦ ହଜାର ଟଙ୍କା ଓ ମୋଟର ସାଇକେଲର ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏନେଇ ଏନଡିପିସି ଆକ୍ଟରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଇନସ୍ପେକ୍ଟର ହୀରା ଦଳପତି, ଏସଆଇ ଅମିତ କୁମାର ବିଶ୍ୱାଳ, ଏଏସଆଇ ଅଜୟ କୁମାର ସାହୁ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ । ଜିଲ୍ଲାକୁ ନିଶାମୁକ୍ତ ରଖିବା ପାଇଁ ଅବକାରୀ ବିଭାଗର ଏହି ଅଭିଯାନ ଜାରି ରହିବ ବୋଲି ଜଣାପଡିଛି ।

ଘରେ ରଖିବାକୁ ବାରଣ କରିବାରୁ ଶାଶୁ ଘର ସାମ୍ନାରେ ବୋହୂର ଧାରଣା

ଜଳେଶ୍ୱର (ନିପ୍ର): ମାନବିକତା ଭୁଲିଗଲେ ଶାଶୁଘରେ ଲୋକ । ପୁଅ ମୃତ୍ୟୁ ପରେ ବୋହୂକୁ ଘରେ ରହିବାକୁ ଦେଉନାହାନ୍ତି ଶଶୁର । ଘର ଆଗରେ ଧାରଣାରେ ବସିଲେ ବୋହୂ । ସୁଚନା ଅନୁସାରେ ବାଲିଆପାଳ ବ୍ଲକ ପ୍ରତାପପୁର ପଞ୍ଚାୟତର ରାଉତରା ଗ୍ରାମର କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କ ବଡ ପୁଅଙ୍କର ଆଠ ମାସ ତଳେ ଦିଲ୍ଲୀରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ସମୟରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ତାଙ୍କର ଗୋଟିଏ ଆଠ ବର୍ଷର ପୁଅ ମଧ ରହିଛି । ଗାଁରେ ଶେଷକୃତ୍ୟ ପରେ ବୋହୂ ସୁପ୍ରିୟା ପାତ୍ର ଉକ୍ତ ସଂସ୍ଥାରେ ଚାକିରି କରିବା ପାଇଁ ଶ୍ୱଶୁର ଘର ଲୋକଙ୍କ ଅନୁମତି ନେଇ ଏବଂ ପୁଅର ପାଠପଢ଼ାକୁ ଲକ୍ଷ୍ୟକରି ଦିଲ୍ଲୀସ୍ଥିତ ଭଡା ଘରେ ରହୁଥିଲେ । ଆଠ ମାସ ପରେ ସୋମବାର ଶାଶୁଘର ରାଉତରାରେ ପହଞ୍ଚି ଥିଲେ ବୋହୂ । ମାତ୍ର ଶ୍ୱଶୁର ତୋର ଏଠାରେ କିଛି ଅଧିକାରୀ ନାହିଁ କହି ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ଗ୍ରୀଲରେ ଚାବି ପକାଇ ଦେଇଥିଲେ ବୋଲି ଅଭିଯୋଗ ଆଣିବା ସହିତ ଘର ଆଗରେ ପୁଅକୁ ଧରି ଧାରଣାରେ ବସିଛନ୍ତି ବୋହୂ । ଏହାଛଡା ସଂସ୍ଥାରୁ ପାଇଥିବା ଇନସ୍ୟୁରାନ୍ସ ଟଙ୍କା ବୋହୂକୁ ଫୋନରେ ମାଗିବା ସହିତ ନ ଦେଲେ ଆମ ସମ୍ପତ୍ତି, ଘର ଦ୍ୱାର ସବୁ ସାନ ପୁଅକୁ ଦେଇଦେବି ବୋଲି ଧମକ ମଧ ଶଶୁର ଦେଇଆସୁଛନ୍ତି ବୋଲି ଅଭିଯୋଗ ହୋଇଛି । ଏ ନେଇ ଶ୍ୱଶୁର ଶ୍ରୀ ପାତ୍ର କହିଛନ୍ତି ବୋହୂ ବିରୋଧରେ କୋର୍ଟରେ କେସ ଚାଲିଛି । ତେଣୁ ସମାଧାନ ନ ହେବା ପର୍ଯ୍ୟନ୍ତ ବୋହୂ ଏଠାରେ ରହିପାରିବ ନାହିଁ ।

କାର ଡୋରରେ ପିଟି ହୋଇ ସ୍କୁଟି ଚାଳକ ମୃତ

ସାଲେପୁର(ନିପ୍ର): ରାସ୍ତାକଡ଼ରେ କାର ପାର୍କିଂ କରି ଡୋର ଖୋଲିବା ହେଲା କାଳ । କାର ଡୋରରେ ପିଟି ହୋଇ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଏକ ବାଇକ୍‌ରେ ଯାଉଥିବା ଭାଇଭଉଣୀ ଗୁରୁତର ଆହତ ହୋଇଛନ୍ତି । ଏଭଳି ଦୁର୍ଘଟଣା କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅନ୍ତର୍ଗତ କଳାଗ୍ରୀ ଛକ ନିକଟରେ ଘଟିଛି । ମୃତକ ହେଲେ ନିଶ୍ଚିନ୍ତକୋଇଲି ଥାନା ସରପଡ଼ା ଗ୍ରାମର ଗୋଲଖ ମଲ୍ଲିକଙ୍କ ପୁଅ ଗଗନ ବିହାରୀ ମଲ୍ଲିକ । ଗୁରୁତର ଭାଇଭଉଣୀ କେନ୍ଦୁପାଟଣା ଅଞ୍ଚଳର ବୋଲି ଜଣାପଡ଼ିଛି ।

ଦୁଷ୍କର୍ମକାରୀକୁ ୨୫ ବର୍ଷର ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର: ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଅଦାଲତ, ୨୦୨୩ ମସିହାରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ ପୂର୍ବକ ୨୫ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଦାଲତ ଦୋଷୀ ଅର୍ଜୁନ ସେଠୀଙ୍କ ଉପରେ ୫୦,୦୦୦ ଟଙ୍କାର ଜରିମାନା ମଧ୍ୟ ଧାର୍ଯ୍ୟ କରିଛନ୍ତି । ମଙ୍ଗଳବାର ମାମଲାର ବିଚାର ପ୍ରକ୍ରିୟା ଶେଷ ହେବା ପରେ, 'ପୋକ୍ସୋ' ଆଇନ ଅଧୀନରେ ଥିବା ସ୍ୱତନ୍ତ୍ର ବିଚାରପତି ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଏହି ରାୟ ପ୍ରଦାନ କରିଛନ୍ତି ।ଏହା ପୂର୍ବରୁ, ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଗୌରାଙ୍ଗ ସେଠୀଙ୍କୁ ମଧ୍ୟ ଏହି ଅପରାଧ ପାଇଁ ୨୫ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

୧୩୨୬ କେଜି ଗଞ୍ଜେଇ ଜବତ



ମାଲକାନଗିରି(ନିପ୍ର): ବାହାର ରାଜ୍ୟକୁ ଚାଲାଣ ପାଇଁ ଗମ୍ପାକୋଣ୍ଡା ପଞ୍ଚାୟତ ଗାଗିମେଟଲା ଜଙ୍ଗଲରେ ଗଚ୍ଛିତ ରଖାଯାଇଥିବା ୧୩୨୫ କେଜି ଗଞ୍ଜେଇକୁ ପୁଲିସ ଜବତ କରିଛି । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ବଜାର ଦର ୬୬ଲକ୍ଷ ୨୫ ହଜାର ଟଙ୍କା ବୋଲି କାଲିମେଳା ଥାନା ଅଧିକାରୀ ଜାରୀ ପ୍ରଭୁଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗାଗ୍ରିମେଚ ଗ୍ରିମେଟାଲ ଜଙ୍ଗଲରେ ବିପୁଳ ଗଞ୍ଜେଇ ଗଚ୍ଛିତ ରଖି ସେଠାରୁ ବାହାରକୁ ଚାଲାଣ ପାଇଁ ମାଫିଆମାନେ ଉଦ୍ୟମ କରୁଥିବା ଖବର ମିଳିଥିଲା । ଆଇଆଇସିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସେ ଚଡଉ କରି ଗଞ୍ଜେଇ ଜବତ କରିଥିଲା । ପୁଲିସର ଚଡଉ ଖବରପାଇ ମାଫିଆମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ମାଜିଷ୍ଟ୍ରେଟ ତହସିଲଦାର ରାମକୃଷ୍ଣ ରାଜଗୁରୁଙ୍କ ଉପସ୍ଥିତିରେ ଜବତ ମାଲ୍‌ର ଓଜନ କରାଯାଇଥିଲା । ଏନେଇ ଥାନାରେ ୨୭୯/୨୬ରେ ଏକ ମାମଲା ରୁଜୁ ହୋଇଛି । ଏହି କାରବାରରେ ବାହାର ରାଜ୍ୟର ମାଫିଆଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି । ତଦନ୍ତ ପରେ ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀ ବିଶ୍ୱାଳ କହିଛନ୍ତି ।

କାନ୍ଥରେ ପିଟି ହୋଇ ବାଇକ୍ ଚାଳକ ମୃତ

ପିପିଲି(ନିପ୍ର): ମଙ୍ଗଳବାର ସକାଳେ ପିପିଲି-ନିମାପଡା ମୁଖ୍ୟ ରାସ୍ତାର ମୁଦୁଲି ସାହିଠାରେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଘର କାନ୍ଥରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଚାଳକ ବଳଙ୍ଗା ଥାନା ଅନ୍ତର୍ଗତ ଦକ୍ଷିଣ ରାଉସ ବେହେରା ସାହିର ଚନ୍ଦନ ବେହେରା ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଚନ୍ଦନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି । ସୂଚନାଯୋଗ୍ୟ ଯେ ଚନ୍ଦନ ମଙ୍ଗଳବାର ସକାଳେ ଏକ ପଲସର ବାଇକ ଯୋଗେ ଭାଣପୁରରୁ ନିମାପଡା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ମୁଦୁଲି ସାହିଠାରେ ବାଇକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଘର କାନ୍ଥରେ ପିଟି ହୋଇଯାଇଥିଲା । ଫଳରେ ବାଇକଟି ଭାଙ୍ଗିରୁଜି ଯାଇଥିବା ବେଳେ ଚନ୍ଦନର ମୁଣ୍ଡ ପଛପଟେ ଗୁରୁତର ଆଘାତ ଲାଗିଥିଲା ଓ ସେ ଘଟଣା ସ୍ଥଳରେ ଚେତା ହରାଇଥିଲେ ।

ଖୋର୍ଦ୍ଧା ଅବକାରୀ ବିଭାଗକୁ ବଡ଼ ସଫଳତା

୧୪୦.୫ କେଜି ଗଞ୍ଜେଇ ଜବତ: ୫ ଗିରଫ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ନଭେମ୍ବର ୧୦ ତାରିଖ ସକାଳେ ଖୋର୍ଦ୍ଧା ଅବକାରୀ ବିଭାଗର ଦୁଇଟି ଟିମ୍ ପୃଥକ୍ ପୃଥକ୍ ସ୍ଥାନରେ ଚଢ଼ାଉ କରିଥିଲେ । ପ୍ରଥମ ଘଟଣାରେ ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡ଼ା ଫ୍ଲାଏଓଭର ଆରମ୍ଭ ସ୍ଥାନରେ ସକାଳ ପ୍ରାୟ ୯ଟା ୩୦ ମିନିଟ୍ ସମୟରେ ଜଣେ ଯୁବକଙ୍କୁ ଅଟକ ରଖି ତାଙ୍କଠାରୁ ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ । ଗିରଫ ଯୁବକ ଜଣକ କନ୍ଧମାଳ ଜିଲ୍ଲା ବିସିପଡ଼ା ଅଞ୍ଚଳର ଭଗବାନ ବେହେରା (୨୬) ବୋଲି ଜଣାପଡ଼ିଛି । ସେ ଫୁଲବାଣୀରୁ ଭୁବନେଶ୍ୱର ଗଞ୍ଜେଇ ନେଇ ଯାଉଥିବା ଜଣାପଡ଼ିଛି । ସେହିପରି ଦ୍ୱିତୀୟ ଘଟଣାରେ ଜିଲ୍ଲା ମୋବାଇଲ୍ ୟୁନିଟ୍ ପକ୍ଷରୁ ସକାଳ ପ୍ରାୟ ୧୦ଟା ୫ ମିନିଟ୍ ସମୟରେ ଜାତୀୟ ରାଜପଥ ୧୬ର ପିତାପଲ୍ଲୀ ଛକରେ ଏକ ଧଳା ବୋଲେରୋ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା । ଏହି ଗାଡ଼ିରୁ ୧୨୦ କେଜି ଗଞ୍ଜେଇ, ୪ଟି ସ୍ମାର୍ଟ ଫୋନ୍ ଜବତ କରାଯିବା ସହ ଗାଡ଼ିରେ ଥିବା ୪ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ଅମୂଲ୍ୟ ବେହେରା (୨୬), ସତ୍ୟବାନ ବେହେରା (୩୦), ସରୋଜ ମୁଖୀ (୨୫) ଓ ଶୈନୀ ମାଝୀ (୫୫) । ସେମାନେ ସମସ୍ତେ କନ୍ଧମାଳ ଜିଲ୍ଲାର ବୋଲି ଅବକାରୀ ବିଭାଗର ସୂଚନାରେ ଉଲ୍ଲେଖ ରହିଛି । ଏହି ଗଞ୍ଜେଇ ଫୁଲବାଣୀରୁ ଭଦ୍ରକ ଚାଲାଣ ହେଉଥିବା ଜଣାପଡ଼ିଛି । ଦୁଇଟି ଘଟଣାରେ ମୋଟ ୧୪୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ସହ ୫ ଜଣ ଗିରଫ ହୋଇଥିବା ବେଳେ ଏକ ବୋଲେରୋ ଗାଡ଼ି ଓ ୪ଟି ସ୍ମାର୍ଟ ଫୋନ୍ ଜବତ ହୋଇଛି । ଏହି ଘଟଣାରେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

ବହୁଚର୍ଚ୍ଚିତ ନିକିତା ହତ୍ୟା ମାମଲା

ସ୍ୱାମୀ ଲିପନ ସାହୁଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

କଟକ(ନିପ୍ର): ବହୁ ଚର୍ଚ୍ଚିତ ଅଭିନେତ୍ରୀ ନିକିତା ମର୍ଡର ମାମଲାରେ ଅଭିଯୁକ୍ତ ଲିପନ ସାହୁଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି । ଏକ ସପ୍ତାହ ଅନ୍ତରୀଣ ଜାମିନ ମଞ୍ଜୁର କଲେ ହାଇକୋର୍ଟ । କଟକ ଜିଲା ଦୌରା ଅଦାଲତ ସ୍ୱାମୀ ଲିପନ ସାହୁଙ୍କୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ଏହି ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଲିପନ । ହାଇକୋର୍ଟରେ ମାମଲା ବିଚାରାଧୀନ ରହିଥିଲା ବେଳେ ଜାମିନ ପାଇଁ ଅନ୍ତରୀଣ ଆବଦେନ କରିଥିଲେ ଅଭିଯୁକ୍ତ ଲିପନ ସାହୁ । ଖବର ଅନୁସାରେ, ୨୦୧୬ ମସିହାରେ ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଓରଫ (ନିକିତା)ଙ୍କୁ ବିବାହ କରିଥିଲେ ଲିପନ ସାହୁ । ବହୁ ମାନ୍ୟଗଣ୍ୟଙ୍କ ଉପସ୍ଥିତିରେ କଟକ ମହାନଦୀବିହାର ସ୍ଥିତ ସେଲିବ୍ରେସନ ମଣ୍ଡପରେ ହିନ୍ଦୁ ରୀତିନୀତିରେ ନିକିତାଙ୍କୁ ବିବାହ କରିଥିଲେ । କିନ୍ତୁ ବିବାହର କିଛି ଦିନ ପରେ ନିକିତାଙ୍କ ଉପରେ ଉଭୟ ଶାରୀରିକ ଓ ମାନସିକ ଅତ୍ୟାଚାର କରୁଥିବା ଓ ନିକିତାଙ୍କ ଫିଲ୍ମରୁ ମିଳୁଥିବା ପାରିଶ୍ରମିକ ଯେତିକି ରହିଥିଲା ତାହାଠୁ ଅଧିକ ଆବଶ୍ୟକ କରି ତାଙ୍କୁ ଅତ୍ୟାଚାର କରୁଥିଲେ ଶାଶୂଘର ଲୋକେ । ଏନେଇ ନିକିତା ଅଭିଯୋଗ କରିଥିଲେ । ନିକିତା ଗର୍ଭବତୀ ହେବାପରେ ମାନସିକ ଶାନ୍ତି ପାଇବା ପାଇଁ ଭୁବନେଶ୍ୱରରେ ଏକ ଭଡାଘରେ ରହୁଥିଲେ । କିନ୍ତୁ ୩ ମାସ ପରେ ଆର୍ଥିକ ଅନଟନ ଦୃଷ୍ଟିକୋଣରୁ ଭଡା ଘର ଛାଡ଼ି ନିଜ ଘରକୁ ଫେରିଥିଲେ ନିକିତା । କିନ୍ତୁ ତାଙ୍କ ଉପରେ ପୂର୍ବପରି ଅତ୍ୟାଚାରରେ ବ୍ରେକ ଲାଗି ନଥିଲା ବରଂ ଅଧିକ ବଢିଥିଲା । ୨୦୧୮ରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେବା ପରେ ସ୍ୱାମୀଙ୍କ ସହ ଶ୍ୱଶୁର ଘରକୁ ଯାଇଥିବା ବେଳେ ସେଠାରେ ହଠାତ୍ ବିବାଦ ସୃଷ୍ଟି ହୋଇଥିଲା । ୨୦୧୯ ଜାନୁଆରୀ ୪ରେ ସନ୍ଧ୍ୟାରେ ଉଭୟ ସ୍ୱାମୀ ସ୍ତ୍ରୀ ଛାତ ଉପରକୁ ଯିବା ପରେ ଓ ଛାତ ଉପରୁ ନିକିତାଙ୍କୁ ତଳକୁ ଠେଲି ଦେଇଥିଲେ ସ୍ୱାମୀ ଲିପନ । ଏହାପରେ ଆହତ ଅବସ୍ଥାରେ ନିକିତାଙ୍କୁ ଘର ପାଖରେ ଥିବା ଘରୋଇ ହସ୍ପିଟାଲ ପରେ କଟକ ଏସ୍‌ସିବି ମେଡିକାଲ୍‌କୁ ନିଆଯାଇଥିଲା । କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ୱାମୀ ଓ ଶ୍ୱଶୁରଘର ଲୋକମାନେ ଧକ୍କା ଦେଇ ଝିଅକୁ ହତ୍ୟା କରିଥିବା ଚଉଳିଆଗଞ୍ଜ ଥାନାରେ ମାମଲା ରୁଜୁ କରିଥିଲେ ନିକିତାଙ୍କ ପରିବାର । ପୋଲିସ ଏହି ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିନ୍ତୁ କଟକ ତୃତୀୟ ଅତିରିକ୍ତ ଜିଲା ଦୌରାଜଜ ଅଦାଲତ ମାମଲାର ଶୁଣାଣି କରି ଲିପନଙ୍କ ବାପାମାଆ ଲିଙ୍ଗରାଜ ସାହୁ ଓ କୁନ୍ତଳା ସାହୁଙ୍କୁ ନିର୍ଦୋଷରେ ଖଲାସ କରିଥିଲା ବେଳେ ଲିପନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

କୁଳଦୀପ ରଥଙ୍କ ମାମଲାରେ ନୂଆ ମୋଡ଼

ଗିରଫ ଆଶଙ୍କା ଗ୍ରହଣୀୟ ନୁହେଁ କହିଲେ ହାଇକୋର୍ଟ

କଟକ(ନିପ୍ର): ଯୌନ ନିର୍ଯାତନା ମାମଲାରେ କୁଳଦୀପ ରଥଙ୍କ ଆଗୁଆ ଜାମିନ ଆବେଦନ ଶୁଣାଣି ବେଳେ ଗିରଫ ଆଶଙ୍କା ଗ୍ରହଣୀୟ ନୁହେଁ ବୋଲି କହିଲେ ହାଇକୋର୍ଟ । ପୂର୍ବତନ ମହିଳା ଜେଲରଙ୍କ ଅଭିଯୋଗ ସହ ଜଡ଼ିତ ମାମଲାରେ ସୁପ୍ରିମକୋର୍ଟଙ୍କ ଦୁଇଟି ରାୟକୁ ଉଲ୍ଲେଖ କଲେ ହାଇକୋର୍ଟ । ପୂର୍ବତନ ଚୌଦ୍ୱାର ମହିଳା ଜେଲରଙ୍କ ଯୌନ ନିର୍ଯାତନା ଅଭିଯୋଗ ମାମଲାରେ କୁଳଦୀପ ରଥଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ । ପରବର୍ତ୍ତୀ ଶୁଣାଣି ପୂର୍ବରୁ ଆବେଦନକାରୀଙ୍କୁ ଗିରଫ କରାଯିବା ନେଇ ଯେଉଁ ଆଶଙ୍କା ପ୍ରକାଶ କରାଯାଇଛି, ତାହା ଗ୍ରହଣୀୟ ନୁହେଁ ବୋଲି କୋର୍ଟ କହିଛନ୍ତି । ଜଷ୍ଟିସ୍ ଭି. ନରସିଂହ ଏହି ମାମଲାର ଶୁଣାଣି କରିଥିଲେ । ଚୌଦ୍ୱାର ଥାନା କେସ୍ ନମ୍ବର ୭୧୩/୨୦୨୬ ଆଧାରରେ ଟାଙ୍ଗୀ-ଚୌଦ୍ୱାର ଜେଏମ୍ଏଫ୍‌ସି ଅଦାଲତରେ ବିଚାରାଧୀନ ଜି.ଆର.କେସ୍ ନମ୍ବର ୭୦୭/୨୦୨୬ ସହ ଏହି ଆବେଦନ ଜଡ଼ିତ । ମାମଲାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୭୫(୨), ୩୫୧(୨) ଏବଂ ୩(୫) ଲାଗୁ ହୋଇଛି । ଏହି ଧାରାଗୁଡ଼ିକ ଯୌନ ଉତ୍ପୀଡ଼ନ, ଅପରାଧିକ ଧମକ ଏବଂ ମିଳିତ ଉଦ୍ଦେଶ୍ୟ ସହ ଜଡ଼ିତ । ଶୁଣାଣି ସମୟରେ ମାମଲାର କେସ୍ ଡାଏରୀ ସଂଗ୍ରହ ପାଇଁ ସରକାରୀ ପକ୍ଷ ଅଧିକ ସମୟ ମାଗିଥିଲେ । ଏହାପରେ କୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୫ ତାରିଖକୁ ଧାର୍ଯ୍ୟ କରିଛନ୍ତି । ମାମଲାରେ ଲାଗିଥିବା ଅଭିଯୋଗଗୁଡ଼ିକ ପାଇଁ ସର୍ବାଧିକ ଦଣ୍ଡ ସାତ ବର୍ଷରୁ କମ୍ ଥିବା ଦର୍ଶାଇ ହାଇକୋର୍ଟ ସୁପ୍ରିମକୋର୍ଟଙ୍କ ଅର୍ଣ୍ଣେଶ କୁମାର ବନାମ ବିହାର ସରକାର ଏବଂ ସତେନ୍ଦ୍ର କୁମାର ଅନ୍ତିଲ ବନାମ ସିବିଆଇ ମାମଲାର ରାୟକୁ ଉଲ୍ଲେଖ କରିଛନ୍ତି । ଏହି ରାୟଗୁଡ଼ିକ ଆଧାରରେ ମଧ୍ୟବର୍ତ୍ତୀ ସମୟରେ ଆବେଦନକାରୀଙ୍କୁ ଜେଲ୍ ଯିବାକୁ ପଡ଼ିପାରେ ବୋଲି ବରିଷ୍ଠ ଆଇନଜୀବୀ ଉଠାଇଥିବା ଆଶଙ୍କା ଯୁକ୍ତିସଙ୍ଗତ ନୁହେଁ ବୋଲି କୋର୍ଟ ମତ ଦେଇଛନ୍ତି । ଗତ ଅକ୍ଟୋବର ୩୧ ତାରିଖରେ ଚୌଦ୍ୱାର ସର୍କଲ ଜେଲର ଜଣେ ପୂର୍ବତନ ମହିଳା ଜେଲର ସନ୍ତୋଷିନୀ ଦାଶ ତତ୍କାଳୀନ ଜେଲ୍ ବିଭାଗ ଡିଜି ସୁଶାନ୍ତ କୁମାର ନାଥ ଏବଂ କୁଳଦୀପ ରଥଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ । ଯୌନ ନିର୍ଯାତନା, ଧମକ ଏବଂ ପଦବୀର ଅପବ୍ୟବହାର ଭଳି ଗୁରୁତର ଅଭିଯୋଗ ଆଣିଥିଲେ ମହିଳା ଅଧିକାରୀ । ଅଭିଯୋଗ ଅନୁସାରେ, ୨୦୨୫ ଜୁଲାଇ ମାସରେ କୁଳଦୀପ ରଥ ତାଙ୍କ ସହ ଯୋଗାଯୋଗ କରିଥିଲେ । ପରେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ କଟକର ଦୁଇଟି ହୋଟେଲରେ ସୁଶାନ୍ତ ନାଥଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପାଇଁ ରଥ ତାଙ୍କୁ କହିଥିବା ମହିଳା ଜେଲର ଅଭିଯୋଗ କରିଥିଲେ । ତେବେ ସେ ଉଭୟ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିବା ଦର୍ଶାଇଥିଲେ । ଏହାପରେ ତାଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ହଇରାଣ କରାଯାଇଥିବା ଏବଂ ଚାକିରି ହରାଇବା ସହ ପରିବାରର କ୍ଷତି କରିବାକୁ ଧମକ ଦିଆଯାଇଥିବା ମଧ୍ୟ ମହିଳା ଅଧିକାରୀ ଅଭିଯୋଗ କରିଥିଲେ । ଚୌଦ୍ୱାର ଜେଲରୁ ଦୁଇଜଣ ବିଚାରାଧୀନ କଏଦୀ ଫେରାର ଘଟଣା ସହ ଜଡ଼ିତ ଏକ ପୃଥକ ମାମଲାକୁ ନେଇ ମଧ୍ୟ ତାଙ୍କ ଉପରେ ଚାପ ପକାଯାଇଥିବା ସେ ଦାବି କରିଥିଲେ । ଏହି ମାମଲା ସାମ୍ନାକୁ ଆସିବା ପରେ ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କୁ ଜେଲ୍ ବିଭାଗ ଡିଜି ପଦରୁ ବଦଳି କରାଯାଇ ଗୃହ ବିଭାଗରେ ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଥିଲା । ସେ ରାଜ୍ୟ ପୁଲିସ ଡିଜିପି ପଦ ପାଇଁ ବିଚାରାଧୀନ ଅଧିକାରୀଙ୍କ ମଧ୍ୟରେ ଥିଲେ । ଅନ୍ୟପଟେ ସୁଶାନ୍ତ ନାଥ ଏବଂ କୁଳଦୀପ ରଥ ମାମଲା ରଦ୍ଦ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏବେ କୁଳଦୀପ ରଥଙ୍କ ଆଗୁଆ ଜାମିନ ଆବେଦନରେ ହାଇକୋର୍ଟଙ୍କ ମନ୍ତବ୍ୟ ସାମ୍ନାକୁ ଆସିଛି । ତେବେ ଏହା ଆଗୁଆ ଜାମିନ ମଞ୍ଜୁର ହେବା କିମ୍ବା ଅଭିଯୋଗରୁ ମୁକ୍ତି ମିଳିବା ନୁହେଁ । ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ ।

ନାବାଳିକାକୁ ଦୁଷ୍କର୍ମ ମାମଲା

ଅଭିଯୁକ୍ତକୁ ପୋଲିସ ଜିମା ଦେଲେ ଗ୍ରାମବାସୀ

ପିପିଲି(ନିପ୍ର): ପିପିଲି ଏସଡିପିଓ କାର୍ଯ୍ୟାଳୟ ଅଧୀନରେ ୨୦୧୯ ମସିହାରେ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାକୁ ଦୁଷ୍କର୍ମ ମାମଲାରେ ଫେରାର ଥିବା ଅଭିଯୁକ୍ତକୁ କାବୁ କରି ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ । ଅଭିଯୁକ୍ତ ଫେରାର ହେବା ପାଇଁ ବାଇକରୁ ଡେଇଁ ପଡ଼ି ଗୁରୁତର ହୋଇଛି । ପୋଲିସ ଅଭିଯୁକ୍ତକୁ ଚିକିତ୍ସା ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି । ଅଭିଯୁକ୍ତର ବାମ ଗୋଡ ଭାଙ୍ଗିଥିବା ନେଇ ଏକ୍ସରେ କରିବା ପରେ ଜଣାପଡିଛି । ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ବରିମୁଣ୍ଡେଇ ଗ୍ରାମର ଜିତେନ କୁମାର ନାୟକ ପାଖ ଗ୍ରାମର ଜଣେ ୧୪ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା । ନାବାଳିକା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ପୋସକୋ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା । ଅଭିଯୁକ୍ତ ଗିରଫ ଭୟରେ ଫେରାର ଥିଲା । ତେବେ ଅଭିଯୁକ୍ତ ଜିତେନ୍ ବରିମୁଣ୍ଡେଇ ନିକଟରେ ବାଇକ ଧରି ବୁଲୁଥିବା ନେଇ ନାବାଳିକା ଗ୍ରାମର କେତେକ ଲୋକ ଦେଖିଦେବାରୁ ଫେରାର ହେବା ପାଇଁ ସେ ବାଇକରୁ ଡେଇଁ ପଡ଼ିଥିଲା । ଫଳରେ ଜିତେନର ଡାହାଣ ଗୋଡ ବାଇକ ତଳେ ଚାପି ହୋଇଯିବାରୁ ସେ ଗୁରୁତର ହୋଇଥିଲା । ସ୍ଥାନୀୟ ଲୋକେ ତାକୁ ଧରି ବଳଙ୍ଗା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଁଚିବା ପରେ ଲୋକମାନେ ତାକୁ ପୋଲିସ ଜିମା ଦେଇଥିଲେ ।



ବାଲେଶ୍ୱର: ମଧୁବାବୁ ପେନସନ ଯୋଜନା ସଚେତନତା ରଥକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ

୭ ହଜାର ଟଙ୍କା ଲାଞ୍ଚ ନେଲେ, ଚାକିରିରୁ ବିଦା ହେଲେ



ଭୁବନେଶ୍ୱର,୧୦।୧୧(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଯୁକ୍ତିମେଳାଗୁଡ଼ିକରେ ବାରବାର ତାଗିଦା କରିଆସୁଛନ୍ତି, ଲାଞ୍ଚ ଖାଇ ଟିଭିରେ ବାହାରନି। ମାତ୍ର ଏହି ତାଗିଦା ଲାଞ୍ଚଖୋରଙ୍କୁ ବଦଳାଇପାରୁନାହିଁ। ଓଆରଏସ୍ ମନୀଷା ମିଶ୍ରଙ୍କୁ ମହଙ୍ଗା ପଡ଼ିଛି ୭ ହଜାର ଟଙ୍କା ଲାଞ୍ଚ ନେବା। ତାଙ୍କୁ ବରଖାସ୍ତ କରିଛନ୍ତି ରାଜ୍ୟ ସରକାର। ପ୍ରୋବେସନ ପିରିୟଡରେ ଥିବାବେଳେ ଲାଞ୍ଚ ନେଇ ସେ ଧରାପଡ଼ିଥିଲେ। ବାଲିଆପାଳ ସବ୍‌ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ବେଳେ ସେ ଜମି ପଞ୍ଜୀକରଣ କରାଇବା ପାଇଁ ୭ ହଜାର ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ। ୨୦୨୪ରେ ଓଆରଏସ୍ ଅଧିକାରୀ ଭାବେ ଯୋଗ ଦେଇଥିଲେ ମନୀଷା ମିଶ୍ର। ସୂଚନା ଅନୁଯାୟୀ, ମନୀଷା ମିଶ୍ର ଗତ ୮ ମାସ ହେବ ବାଲେଶ୍ୱର ଜିଲ୍ଲା ବାଲିଆପାଳ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ନଭେମ୍ବର ୬ରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଜ୍ଞାନ ରଞ୍ଜନ ୭ ହଜାର ଟଙ୍କା ନେଇ ସବ୍-ରେଜିଷ୍ଟ୍ରାରଙ୍କ ନିକଟକୁ ଯାଇଥିଲେ। ସେ ଟଙ୍କା ଦେବା ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସର ୧୧ ଜଣିଆ ଟିମ୍ ଚଢ଼ଉ କରି ମନୀଷା ମିଶ୍ରଙ୍କୁ ଧରିଥିଲା। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା।

୧୩ ବେଳକୁ ଆସିପାରେ ଲଘୁଚାପ



ଭୁବନେଶ୍ୱର,୧୦।୧୧: ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା ରହିଛି। ନଭେମ୍ବର ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଏହାର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହିତ ୧୪ ବେଳକୁ 'ସୁଦୃଶ୍ୟ ଲଘୁଚାପ କ୍ଷେତ୍ର'ରେ ପରିଣତ ହେବାର ସମ୍ଭାବନା ରହିଛି। । ଉପକୂଳ ଅଞ୍ଚଳରେ ଆକାଶ ମେଘୁଆ ରହିପାରେ, କିନ୍ତୁ ବର୍ଷାର ସମ୍ଭାବନା ନାହିଁ । ଆଗାମୀ ୭ ଦିନ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ଆଗାମୀ ୨ରୁ ୩ ଦିନ ମଧ୍ୟରେ ସୁନ୍ଦରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ, କୋରାପୁଟ, ନୟାଗଡ଼ ଓ କଟକ ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ତାପମାତ୍ରାରେ ମଧ୍ୟ ବଡ଼ ପରିବର୍ତ୍ତନର ସମ୍ଭାବନା ନାହିଁ । ଚଳିତ ବର୍ଷ ରାଜ୍ୟରେ ବନ୍ୟା ସହ କିଛି ମାତ୍ରାରେ ବାତ୍ୟାର ପ୍ରଭାବ ପଡ଼ିଛି । ଫଳରେ ଚାଷ ଆରମ୍ଭ ହେବା ଠାରୁ ଆରମ୍ଭ କରି ଏବେ ଚାଷ ଅମଳ ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନ ଥିବାର ଅସୁବିଧା ଭୋଗୁଛନ୍ତି । ଚାଷ ଆରମ୍ଭରୁ ବନ୍ୟା ସ୍ଥିତି ଦେଖାଦେବାରୁ ରାଜ୍ୟର ଅଧିକାଂଶ ଚାଷୀ ଠିକରେ ଚାଷ କାର୍ଯ୍ୟ କରିପାରିନଥିଲେ । ଏବେ ଅମଳ ସମୟ ଥିବାରୁ ଯଦି ଲଘୁଚାପଜନିତ ବର୍ଷା ହୁଏ ତେବେ ପାଚିଲା କ୍ଷେତ ନଷ୍ଟ ହେବାର ଆଶଙ୍କା ରହିଛି ।

ଦେବ୍ରିଗଡ଼ ଅଭୟାରଣ୍ୟରେ ସମ୍ବର ଶିକାର କଲା ମହାବଳ ବାଘ



ସମ୍ବଲପୁର, ୧୦/୧୧(ନିପ୍ର): ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବିଚରଣ କରୁଥିବା ଏକ ମହାବଳ ବାଘ ଗତକାଲି ଅପରାହ୍ନରେ ପର୍ଯ୍ୟଟକ ବହୁଳ ଅଂଚଳକୁ ଆସିଥିବା ବେଳେ ୪ଟି ସଫାରି ଗାଡ଼ିରେ ଥିବା ପ୍ରାୟ ୪୦ ଜଣ ପର୍ଯ୍ୟଟକ ତାକୁ ଦେଖିବାର ସୁଯୋଗ ପାଇଥିଲେ । ନିଜର ଆବାସସ୍ଥଳୀ ଓ ଜଙ୍ଗଲ ପରିବେଶ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ବାଘଟି ପର୍ଯ୍ୟଟନ ଅଂଚଳକୁ ଆସିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଅଭୟାରଣ୍ୟର କୋର୍ ଅଂଚଳରେ ଏହି ପୁରୁଷ ରୟାଲ ବେଙ୍ଗଲ ଟାଇଗର ଏକ ସମ୍ବର ଶିକାର କରିଛି । ବାଘର ଏହି ଶିକାରକୁ ବନ ବିଭାଗ ପକ୍ଷରୁ ନିଶ୍ଚିତ କରାଯାଇଛି । ଏହା ଅଭୟାରଣ୍ୟରେ ବାଘର ସ୍ୱାଭାବିକ୍ ଶିକାରୀ ପ୍ରବୃତି ସମ୍ପର୍କିତ ଏକ ଉଲ୍ଲେଖନୀୟ ପର୍ଯ୍ୟବେକ୍ଷଣ ବୋଲି କୁହାଯାଇଛି । ବାଘର ସୁରକ୍ଷାକୁ ଦୃଷ୍ଟିରେ ରଖି ଅଭୟାରଣ୍ୟର ପଶ୍ଚିମ ସୀମା ସମେତ ନଦୀପଥରେ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯାଇଛି । ଏଥିସହ ପୋଚିଂ, ଫାଶ, ଜାଲ କିମ୍ବା ବାଘର ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ପୁଲିସ, ସ୍ଥାନୀୟ ଜନସାଧାରଣ ଓ ଗୁପ୍ତ ସୂଚନାଦାତାଙ୍କୁ ସତର୍କ କରାଯାଇଛି ।

ଗଂଜାମ ବନ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ତୁରନ୍ତ ରିଲିଫ୍ ଓ ପୁନର୍ବାସ ପଦକ୍ଷେପ ପାଇଁ ଦାବି

ଭୁବନେଶ୍ୱର, ୧୦/୧୧(ନିପ୍ର): ଗଞ୍ଜାମ ବନ୍ୟା ଦୁର୍ଦ୍ଦଶା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ପଟ୍ଟନାୟକ ଚିଠି ଲେଖିବା ସହ ତୁରନ୍ତ ରିଲିଫ୍ ଓ ପୁନର୍ବାସ ପଦକ୍ଷେପ ପାଇଁ ଦାବି ଜଣାଇଛନ୍ତି। ଏହାସହ କେଉଁମାନଙ୍କ ତ୍ରୁଟିରୁ ଏପରି ମନୁଷ୍ୟକୃତ ଦୁର୍ଦ୍ଦଶା ସୃଷ୍ଟି ହେଲା ନିର୍ଦ୍ଧାରଣ ପାଇଁ ଦାବି କରିଛନ୍ତି ନବୀନ ପଟ୍ଟନାୟକ। ନବୀନ ତାଙ୍କ ଚିଠିରେ ଲେଖିଛନ୍ତି ଯେ ଗତ ୭ ତାରିଖରେ ହିଞ୍ଜିଳି, ଶେରଗଡ଼ା, ଆସ୍କା ଓ ସୋରଡ଼ା ବନ୍ୟାଗ୍ରସ୍ତ ଅଂଚଳ ପରିଦର୍ଶନ କରିଛି। ସମସ୍ତେ ଅଭୂତପୂର୍ବ ବନ୍ୟା ଯୋଗୁଁ ବିପୁଳ କ୍ଷତି ସହିଛନ୍ତି । ଗଞ୍ଜାମ ଗସ୍ତରେ ଜିଲ୍ଲାବାସୀଙ୍କ ଦୁର୍ଦ୍ଦଶା ମୋତେ ଗଭୀର ମର୍ମାହତ କରିଛି। କେବେ ଘଟି ନଥିବା ବନ୍ୟା ସ୍ଥିତିର ସାମ୍ନା କରୁଥିବା ଗଞ୍ଜାମବାସୀଙ୍କ ପାଇଁ ତୁରନ୍ତ ରିଲିଫ୍ ଓ ପୁନର୍ବାସ ପଦକ୍ଷେପ ଗ୍ରହଣ ସହ ମାନବକୃତ ଦୁର୍ଦ୍ଦଶାର ଉତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅବଗତ କଲି। ଗଞ୍ଜାମରେ ଏହି ମାନବକୃତ ବନ୍ୟା ସାଧାରଣ ଭିତିଭୂମିକୁ ବହୁଳ କ୍ଷତି ପହଂଚାଇବା ସହ ବ୍ୟାପକ ଫସଲ ନଷ୍ଟ, ଜୀବନହାନୀ ସହ ଜୀବିକା ନଷ୍ଟ କରିଛି। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିକାଶ ଅନେକ ବର୍ଷ ପଛକୁ ଚାଲିଯାଇଛି; ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଭାରତୀୟ ପାଣିପାଗ ବିଭାଗର ଆଗୁଆ ସତର୍କ ସୂଚନା ସତ୍ୱେ ଗଞ୍ଜାମରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ନଥିଲେ। ଗଞ୍ଜାମ ପାଇଁ ଆବଶ୍ୟକ ପ୍ରସ୍ତୁତିର ଅଭାବ ଥିବା କଥା ସରକାର ନିଜେ ମଧ୍ୟ ସ୍ୱୀକାର କରିଛନ୍ତି। ଯଦି ଆଗୁଆ ସତର୍କ ସୂଚନା ଆଧାରରେ କର୍ତ୍ତୃପକ୍ଷ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେଇଥାନ୍ତେ, ତେବେ ଗଞ୍ଜାମବାସୀଙ୍କ ଅନେକ ଦୁର୍ଦ୍ଦଶାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା। ଡ୍ୟାମ୍ ର ଗେଟ୍ ଖୋଲିବା ପୂର୍ବରୁ ଲୋକମାନଙ୍କୁ ଆବଶ୍ୟକୀୟ ଆଗୁଆ ସତର୍କ ସୂଚନା ଦିଆଯାଇନଥିବା ନେଇ ମଧ୍ୟ ଲୋକେ କହୁଛନ୍ତି।

ଗଞ୍ଜାମ ବନ୍ୟାକୁ ନେଇ ରାଜନୀତି

ବିଜେଡି-ବିଜେପିକୁ ଘେରିଲା କଂଗ୍ରେସ



ଭୁବନେଶ୍ୱର, ୧୦/୧୧(ନିପ୍ର): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପ୍ରଳୟଙ୍କରୀ ବନ୍ୟାରେ ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଏହାକୁ ମନୁଷ୍ୟକୃତ ବନ୍ୟା ବୋଲି କହି ବିରୋଧୀ ଘେରିବା ପରେ ରାଜ୍ୟ ରାଜନୀତି ସରଗରମ ହୋଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଡ଼ା ଚିଠି ଲେଖି ଗଞ୍ଜାମର ଏହି ଦୁର୍ଦ୍ଦଶା ସମ୍ପୂର୍ଣ୍ଣ ରୂପେ 'ମନୁଷ୍ୟକୃତ ବନ୍ୟା' ଯୋଗୁ ବୋଲି କହି ସରକାରୀ ଅବହେଳା ଓ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେପଟେ ନବୀନଙ୍କ ଏହି ଆକ୍ଷେପକୁ ତୀବ୍ର ବିରୋଧ କରି ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପାଲଟା ଜବାବ ଦେଇ କହିଛନ୍ତି ଯେ ବିଜେଡିର ୨୪ ବର୍ଷର କୁଶାସନ ଓ ଭୋଟ ରାଜନୀତି ହିଁ ଆଜି ଗଞ୍ଜାମକୁ ଏହି ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି। ଏହି ଆରୋପ-ପ୍ରତ୍ୟାରୋପ ଭିତରେ ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ଉଭୟ ଦଳକୁ କାଠଗଡ଼ାରେ ଛିଡ଼ା କରାଇ ଗଞ୍ଜାମବାସୀଙ୍କ ବର୍ତ୍ତମାନର ଅବସ୍ଥା ପାଇଁ ଉଭୟ ବିଜେଡି-ବିଜେପିକୁ ସମାନ ଭାବେ ଦାୟୀ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଚିଠି ଲେଖି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ହିଞ୍ଜିଳି, ଶେରଗଡ଼, ଆସିକା ଓ ସୋରଡ଼ା ଅଂଚଳ ଗସ୍ତ କରିବାପରେ ଲୋକଙ୍କ ଅକଥନୀୟ ଦୁଃଖ ତାଙ୍କୁ ଗଭୀର ଆଘାତ ଦେଇଛି। ଅକ୍ଟୋବର ୨୩ ତାରିଖରୁ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆଗୁଆ ସତର୍କ ସୂଚନା ଦେଇଥିଲେ ମଧ୍ୟ ବିପର୍ଯ୍ୟୟ ପରିଚାଳନା ନିୟମ ଅନୁସାରେ ଡ୍ୟାମରୁ ଜଳସ୍ତର ହ୍ରାସ କରାଯାଇ ନଥିଲା। ବରଂ ପ୍ରବଳ ବର୍ଷା ଆରମ୍ଭ ହେବା ପରେ ଏକାସାଙ୍ଗରେ ପାଣି ଛଡ଼ାଯିବା ଓ ଲୋକଙ୍କୁ ଆଗୁଆ ସତର୍କ ନକରିବା ଫଳରେ ଏହି ମନୁଷ୍ୟକୃତ ସଙ୍କଟ ସୃଷ୍ଟି ହେଲା।

ଏକାଧିକ ଯୁଗାନ୍ତକାରୀ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର



ଭୁବନେଶ୍ୱର, ୧୦/୧୧(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଛାତ୍ରସମାଜ, ଯୁବପିଢ଼ୀ, ଚାଷୀ ଓ ଗରିବଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଗତକାଲି ଏକାଧିକ ଯୁଗାନ୍ତକାରୀ ଓ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଏହି ପଦକ୍ଷେପ 'ବିକଶିତ ଓଡ଼ିଶା-୨୦୩୬' ଗଠନ ପାଇଁ ରାଜ୍ୟକୁ ଆଉ କିଛି ପାଦ ଆଗକୁ ନେଇଯାଇଛି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା କହିଛନ୍ତି। ଶ୍ରୀ ପରିଡ଼ା କହିଛନ୍ତି, ଭତା ପାଇଁ ଅପେକ୍ଷା କରିବାର ଯୁଗର ଅନ୍ତ ହୋଇଛି, ବିଗତ ସରକାର ସମୟରେ ଗାଁ ଗହଳିରେ ଯୋଗ୍ୟ ହିତାଧିକାରୀଙ୍କୁ ଭତା ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଥିଲା। ଜଣଙ୍କର ମୃତ୍ୟୁ ହେଲେ ହିଁ ସେହି ସ୍ଥାନରେ ଅନ୍ୟ ଜଣଙ୍କୁ ଭତା ମିଳିପାରୁଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୀର୍ଘ ଅପେକ୍ଷାର ଅନ୍ତ ଘଟାଇଛନ୍ତି। ବାଲେଶ୍ୱରରୁ ଆଜି ଏକକାଳୀନ ରାଜ୍ୟର ୫ ଲକ୍ଷ ୫ ହଜାର ୮୧୭ ଜଣ ନୂତନ ଯୋଗ୍ୟ ବ୍ୟକ୍ତିଙ୍କୁ ଭତା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଆଉ ଭତା ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆବେଦନ କରିବାର ମାତ୍ର କିଛିଦିନ ମଧ୍ୟରେ ହିତାଧିକାରୀମାନେ ଭତା ପାଇପାରିବେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି ଶ୍ରୀ ପରିଡ଼ା।

ଘନ କୁହୁଡ଼ି: ସୁରକ୍ଷିତ ଟ୍ରେନ୍ ପରିଚାଳନା ପାଇଁ ଅଭିଯାନ



ଭୁବନେଶ୍ୱର, ୧୦/୧୧(ପିଆଇବି): କୁହୁଡ଼ି ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ୧୦ ନଭେମ୍ବର ୨୦୨୬ ଠାରୁ ୯ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ତିନି ମାସିଆ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ରାୟଗଡ଼ା ମଣ୍ଡଳ ଅଧୀନରେ ସମସ୍ତ ବିଭାଗର ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ କର୍ମଚାରୀଙ୍କ ସହଯୋଗରେ ଏହି ଅଭିଯାନ ପରିଚାଳନା କରାଯାଉଛି। ଏହି ଅଭିଯାନରେ ଷ୍ଟେସନଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି, ଚଳନ୍ତା ଟ୍ରେନ୍‌ଗୁଡ଼ିକର ସୁରକ୍ଷା, ସିଗନାଲର ଦୃଶ୍ୟମାନତା ଏବଂ ଆବଶ୍ୟକୀୟ ସୁରକ୍ଷା ଉପକରଣର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଷ୍ଟେସନ୍ ପରିଚାଳକମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଡେଟୋନେଟର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ କୁହୁଡ଼ି ସମୟରେ ସିଗନାଲ ସୂଚନା ପ୍ରଦାନ ପାଇଁ ନିୟୋଜିତ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଗନାଲ ଏବଂ ନିର୍ଦ୍ଧାରିତ ଦୃଶ୍ୟମାନତା ପରୀକ୍ଷଣ ଉପକରଣଗୁଡ଼ିକର ନିୟମିତ ଭାବେ ଯାଞ୍ଚ କରାଯିବ। ସିଗନାଲର ଦୃଶ୍ୟମାନତାକୁ ପ୍ରଭାବିତ କରୁଥିବା କୁହୁଡ଼ି ପରିସ୍ଥିତି ସମ୍ପର୍କରେ ତୁରନ୍ତ ସମ୍ପୃକ୍ତ କଣ୍ଟ୍ରୋଲ୍ କାର୍ଯ୍ୟାଳୟକୁ ସୂଚିତ କରାଯିବ।

ସଷ୍ଟେନେବିଲିଟି ଲିଡର୍ସ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜାପାନର ଓ୍ୱାନଷ୍ଟ୍ରକ୍ୱନ୍ ଇଙ୍କ୍ ମଧ୍ୟରେ ଏମଓୟୁ



ଭୁବନେଶ୍ୱର, ୧୦/୧୧(ନିପ୍ର): ଓଡ଼ିଶା ଓ ଜାପାନ ମଧ୍ୟରେ ଷ୍ଟାର୍ଟଅପ୍, ଏମ୍‌ଏସ୍‌ଏମ୍‌ଇ ଓ ବ୍ୟବସାୟିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜାପାନର ଟୋଟୋରି ପ୍ରିଫେକ୍ଚରର ଏକ ପ୍ରତିନିଧି ଦଳ ମଙ୍ଗଳବାର ଭୁବନେଶ୍ୱରର ଓ-ହବ୍-ଷ୍ଟାର୍ଟଅପ୍ ଓଡ଼ିଶା ପରିଦର୍ଶନ କରିଛନ୍ତି । ଏହି ଗସ୍ତ ଅବସରରେ ଆନ୍ତର୍ଜାତିକ ବ୍ୟବସାୟିକ ସହଭାଗିତା, ଆନୁଷ୍ଠାନିକ ସହଯୋଗ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଓଡ଼ିଶାର ଷ୍ଟାର୍ଟଅପ୍ ସଂସ୍ଥା ସଷ୍ଟେନେବିଲିଟି ଲିଡର୍ସ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜାପାନର ଟୋଟୋରିସ୍ଥିତ ବ୍ୟବସାୟିକ ସଂସ୍ଥା ଓ୍ୱାନଷ୍ଟ୍ରକ୍ୱନ୍ ଇଙ୍କ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ; ଉଦ୍ୟମିତାକୁ ପ୍ରୋତ୍ସାହନ ଏବଂ ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ବ୍ୟବସାୟିକ ସୁଯୋଗର ସମ୍ପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଷ୍ଟାର୍ଟଅପର ବିକାଶ ଦିଗରେ ଏହା ଏକ ମାଇଲଖୁଣ୍ଟ । ଓଡ଼ିଶାର ଷ୍ଟାର୍ଟଅପ୍ ଓ ଉଦ୍ୟୋଗ କ୍ଷେତ୍ରକୁ ବିଶ୍ୱସ୍ତରୀୟ ସୁଯୋଗ ସହ ଯୋଡ଼ିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ । ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର-ତଥା-ଶାସନ ସଚିବ ରଶ୍ମିତା ପଣ୍ଡା ରାଜ୍ୟର ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ । ଜାପାନର ପ୍ରତିନିଧି ଦଳରେ ଟୋଟୋରି ପ୍ରିଫେକ୍ଚରାଲ୍ ସରକାରଙ୍କ ବାଣିଜ୍ୟ, ଶିଳ୍ପ ଓ ଶ୍ରମ ବିଭାଗର ମହାନିର୍ଦ୍ଦେଶକ ତୋରୁ ସାସାକି, ସାନ୍-ଇନ୍ ଗୋଡୋ ବ୍ୟାଙ୍କର ନିର୍ଦ୍ଦେଶିକା ଯୋସିଓକା ଏବଂ ଟୋଟୋରି ପ୍ରିଫେକ୍ଚରାଲ୍ ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ୍ ଅର୍ଗାନାଇଜେସନ୍ର ସଭାପତି କାଜୁହିକୋ ଇକେଦାଙ୍କ ସମେତ ଜାପାନର ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ସାମିଲ ହୋଇଥିଲେ । ପ୍ରତିନିଧିମାନେ ଷ୍ଟାର୍ଟଅପ୍ ଶୋକେସ୍ ଷ୍ଟଲ୍ ପରିଦର୍ଶନ କରି ଓଡ଼ିଶାର ନବସୃଜନାତ୍ମକ ଉତ୍ପାଦ, ନୂତନ ଜ୍ଞାନକୌଶଳ ଓ ଉଦ୍ୟୋଗୀମାନଙ୍କ ଅଭିନବ ପ୍ରୟାସ ସମ୍ପର୍କରେ ଅବଗତ ହୋଇଥିଲେ । ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ ।

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବ 'ଓଏମସି ପୁରୀ କୋଷ୍ଟାଲ ମାରାଥନ୍ ୨୦୨୬'


ପୁରୀ,୧୦/୧୧(ନିପ୍ର): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଓଏମସିର ମିଳିତ ସହଯୋଗରେ ଆଗାମୀ ଡିସେମ୍ବର ୧୩, ୨୦୨୬ (ରବିବାର) ଦିନ ପୁରୀଠାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି ବର୍ଷର ସର୍ବବୃହତ କ୍ରୀଡ଼ା ମହାକୁମ୍ଭ 'ଓଏମସି ପୁରୀ କୋଷ୍ଟାଲ ମାରାଥନ୍ ୨୦୨୬'। 'ରନ୍ ହୋୟାର ଦି ଓସିଏନ ମିଟସ୍ ଦି ଡିଭାଇନ' ବାର୍ତ୍ତାକୁ ଆଧାର କରି ଆୟୋଜିତ ଏହି ମାରାଥନ୍ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଓଡ଼ିଶାର କଳା, ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଅତିଥି ସତ୍କାରକୁ ବିଶ୍ୱସ୍ତରରେ ପରିଚିତ କରାଇବାର ଏକ ସୁବର୍ଣ୍ଣ ସୁଯୋଗ ଅଟେ। ପୁରୀର ପବିତ୍ର ଶ୍ରୀକ୍ଷେତ୍ର, ପ୍ରସିଦ୍ଧ ବ୍ଲୁ ଫ୍ଲାଗ୍ ବେଳାଭୂମି, ନୂଆ ନଇ ଏବଂ ପ୍ରାକୃତିକ ପରିବେଶ ଦେଇ ଏହି ମାରାଥନ୍ ପଥ ପରିକ୍ରମା କରିବ। ଏଥିରେ ୫ କିମି ବାଲୁକା ବେଳାଭୂମିରେ ଦୌଡ଼ିବାର ଏକ ରୋମାଞ୍ଚକର ଅନୁଭୂତି ମଧ୍ୟ ରହିଛି । ପ୍ରତିଯୋଗିତାକୁ ଅଧିକ ରୋମାଞ୍ଚକର କରିବା ପାଇଁ ମୋଟ ୧,୦୦,୦୦,୦୦୦ ଟଙ୍କା (୧ କୋଟି)ର ଏକ ବିଶାଳ ପୁରସ୍କାର ରାଶି ରଖାଯାଇଛି, ଯାହା ଦେଶବିଦେଶରୁ ଆସୁଥିବା ଖ୍ୟାତିସମ୍ପନ୍ନ ଧାବକମାନଙ୍କୁ ଆକୃଷ୍ଟ କରିବ। ପ୍ରତ୍ୟେକ ପଞ୍ଜୀକୃତ ଅଂଶଗ୍ରହଣକାରୀଙ୍କୁ ଅଫିସିଆଲ୍ ଟି-ସର୍ଟ, ଫିନିସର୍ ମେଡାଲ୍, ଗୁଡି ବ୍ୟାଗ୍, ଟାଇମିଂ ବିବ୍ , ପଥମଧ୍ୟରେ ଜଳ ଓ ଡାକ୍ତରୀ ସହାୟତା, ସ୍ୱାସ୍ଥ୍ୟକର ଜଳଖିଆ, ଇ-ପ୍ରମାଣପତ୍ର, ମାଗଣା ଫଟୋଗ୍ରାଫ୍ ଏବଂ ମନୋରଞ୍ଜନ ପାଇଁ ଜୁମ୍ବା ସେସନ୍ ପ୍ରଦାନ କରାଯିବ।

ବିନ୍ଦୁସାଗର ସୁରକ୍ଷା ନିମନ୍ତେ ଧାରଣା

ଭୁବନେଶ୍ୱର, ୧୦/୧୧(ନିପ୍ର): ମାତା ପାର୍ବତୀ ଭୁବନେଶ୍ୱରୀ ରୂପରେ କିର୍ତ୍ତୀବାସ ଓ କୃତିବାସ ନାମକ ଦୁଇ ଅସୁରଙ୍କୁ ନିଧନ କରି ତୃଷାରେ ଆଉଟପାଉଟ ହେଉଥିବା ସମୟରେ ମହାପ୍ରଭୁ ଲିଙ୍ଗରାଜ ଦେବୀଙ୍କ ତୃଷା ନିବାରଣ ପାଇଁ ନିଜ ତ୍ରିଶୂଳରେ ଭୂମିକୁ ଖୋଳି ଏହିଠାରେ ବିନ୍ଦୁସାଗର ସୃଷ୍ଟି କରିଥିଲେ। ବିନ୍ଦୁସାଗର ୨୧ ଏକର ଜମିକୁ ନେଇ ଗଠିତ। ୪୫୦ ମିଟର ଲମ୍ବ, ୧୭୫ ମିଟର ଚଉଡା ଓ ୭ ମିଟର ଗଭୀର। ଏହି ପୁଷ୍କରିଣୀର ଚତୁଃପାର୍ଶ୍ୱରେ ଅଛନ୍ତି ଅନନ୍ତ ବାସୁଦେବ ମନ୍ଦିର, ମୋହିନୀ ମନ୍ଦିର, ଉତ୍ତରେଶ୍ୱର, ମାର୍କଣ୍ଡେଶ୍ୱର ଓ ବ୍ରହ୍ମା ମନ୍ଦିର। ଏହି ପବିତ୍ର ବିନ୍ଦୁସାଗର ଜଳ ମହାପ୍ରଭୁ ଲିଙ୍ଗରାଜଙ୍କର ସମସ୍ତ ନୀତିରେ ବ୍ୟବହାର କରାଯାଏ। କ୍ଷୋଭର ବିଷୟ, ବିଗତ କିଛି ବର୍ଷ ହେଲା ଘାସ, ଦଳ, ପଦ୍ମ ଇତ୍ୟାଦି ହୋଇ ଏହାର ସୌନ୍ଦର୍ଯ୍ୟ ନଷ୍ଟ କରୁଅଛି।ମଶା ଓ ଡାଉଁଶରେ ବିନ୍ଦୁସାଗର ପରିପୂର୍ଣ୍ଣ। ଏହାର ପ୍ରତିକାର ନିମନ୍ତେ ବିନ୍ଦୁସାଗର ସୁରକ୍ଷା ମଞ୍ଚର ସଭାପତି ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଥରକୁ ଥର ଧାରଣା କରି ସରକାରଙ୍କ ଦୃଷ୍ଟିକୁ ନିଆନଗଲେ ମଧ୍ୟ ଏଥିପ୍ରତି ସରକାରଙ୍କ କୌଣସି ସ୍ଥାୟୀ ସମାଧାନ ନିଆଯାଇନାହିଁ। ପ୍ରତି ବର୍ଷ ମେ ମାସରେ ଚନ୍ଦନ ଯାତ୍ରା, କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ସମୟରେ ଘାସ, ଦଳ ପଦ୍ମନାଡ ବିନ୍ଦୁସାଗରରୁ ବାହାର କରାଯାଏ। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଏ। ଜନସାଧାରଣଙ୍କ ଅର୍ଥକୁ ଏହିପରି ଭାବରେ ତୋଷରପାତ କରାଯାଏ।

ଆର୍ଥିକ ଦୁର୍ବଳ ପରିବାରବର୍ଗଙ୍କୁ ମିଳିବ ଜୀବିକା ସୁଯୋଗ

ପରିବେଶ-ଅନୁକୂଳ କୃଷି ଓ ପ୍ରାକୃତିକ ସମ୍ପଦକୁ ମିଳିବ ସୁରକ୍ଷା



ଭୁବନେଶ୍ୱର,୧୦।୧୧(ନିପ୍ର): ରାଜ୍ୟର କୃଷି ବ୍ୟବସ୍ଥାକୁ ଅଧିକ ସ୍ଥାୟୀ ଓ ଜଳବାୟୁ ସହନଶୀଳ କରିବା ସହ ପୁଷ୍ଟି ସୁରକ୍ଷା, ମହିଳା ସଶକ୍ତିକରଣ, ଜୈବବିବିଧତା ସଂରକ୍ଷଣ ଏବଂ ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟର ଜୀବିକାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଉଦ୍ଦେଶ୍ୟରେ ମଙ୍ଗଳବାର ଲୋକସେବା ଭବନଠାରେ ଓଡ଼ିଶା ସରକାର ଏବଂ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଏମଏସଏସ ଆରଏଫ୍)ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶାମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏମଏସଏସ ଆରଏଫ୍‌ର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ୍ ଓ ଅନ୍ୟ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭାଶ୍ରୀ ନନ୍ଦ ଏବଂ ଫାଉଣ୍ଡେସନ୍ ପକ୍ଷରୁ ଡ. ସୌମ୍ୟା ସ୍ୱାମୀନାଥନ୍ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ସହଭାଗିତା ମାଧ୍ୟମରେ କୃଷି, ପୁଷ୍ଟି, ସ୍ୱାସ୍ଥ୍ୟ, ପରିବେଶ ଓ ଜୀବିକା କ୍ଷେତ୍ରରେ ବୈଜ୍ଞାନିକ ଗବେଷଣା, ପାରମ୍ପରିକ ଜ୍ଞାନ ଓ ସରକାରୀ ନୀତିର ସମନ୍ୱୟ କରାଯିବ। ଏମଏସଏସଆରଏଫ୍ ରାଜ୍ୟ ସରକାରଙ୍କ ବୈଷୟିକ ଜ୍ଞାନ ସହଯୋଗୀ (ଟେକ୍ନିକାଲ ନଲେଜ ପାର୍ଟନର) ଭାବେ କାର୍ଯ୍ୟ କରି ବିଭିନ୍ନ ବିଭାଗକୁ ନୀତି ପ୍ରଣୟନ, କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି, ଗବେଷଣା, ଦକ୍ଷତା ବିକାଶ, ନବସୃଜନ ଓ କାର୍ଯ୍ୟକ୍ରମର ବିସ୍ତାର କ୍ଷେତ୍ରରେ ବୈଷୟିକ ସହଯୋଗ ଯୋଗାଇଦେବ।ଏହି ସହଯୋଗରେ ଜଳବାୟୁ ସହନଶୀଳ କୃଷି, କୃଷି-ପରିବେଶଭିତ୍ତିକ ଚାଷ ପଦ୍ଧତି, ମିଲେଟ୍ ଓ ଅନ୍ୟାନ୍ୟ ବିକଳ୍ପ ଫସଲର ପ୍ରୋତ୍ସାହନ, ପାରମ୍ପରିକ ବିହନ ଓ କୃଷି ଜୈବବିବିଧତାର ସଂରକ୍ଷଣ ତଥା ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ଏଥିସହ ମହିଳା କୃଷକଙ୍କ ଅଂଶଗ୍ରହଣ, ଆର୍ଥିକ ସଶକ୍ତିକରଣ, ଉଦ୍ୟୋଗ ବିକାଶ ଓ ବଜାର ସଂଯୋଗକୁ ସୁଦୃଢ଼ କରାଯିବ। 'ସୁଭଦ୍ରା ଫାଷ୍ଟ' ଆଭିମୁଖ୍ୟ ଅନୁଯାୟୀ ମହିଳା ଓ ସାମାଜିକ-ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରଗୁଡ଼ିକୁ ଜୀବିକା ସୁଯୋଗ ସହ ଯୋଡ଼ାଯିବାର ଲକ୍ଷ୍ୟ ରହିଛି ।

କ୍ଷୟକ୍ଷତି ସହାୟତା: ଉତ୍ତରଦାୟିତ୍ୱ ପ୍ରତି ରହୁ ସଜାଗତା



ଭୁବନେଶ୍ୱର,୧୦।୧୧: ପ୍ରକୃତିର ଗତି ବୈଚିତ୍ର୍ୟମୟ। ଅତ୍ୟାଧୁନିକ ପ୍ରଯୁକ୍ତି ଯଦି ଠିକଣା ଭାବରେ ଧରିପାରିଥାଆନ୍ତା ଅର୍ଣ୍ଣବ ଯୋଗୁଁ ଗଂଜାମ,ଗଜପତି ଓ କନ୍ଧମାଳରେ ବ୍ୟାପକ କ୍ଷତି ଘଟିବ, ଆକଳନ କରି ତାହାକୁ ହ୍ରାସ କରାଯାଇଥାଆନ୍ତା। ପାଣିପାଗ ପରିବର୍ତ୍ତନର ପ୍ରଭାବକୁ ଦାୟୀ କରାଯାଉଛି। ଅବଶ୍ୟ ଏହାର ପ୍ରଭାବ ନିଶ୍ଚିତ ରହିଛି। କିନ୍ତୁ ପାଣିପାଗ ଆକଳନ କ୍ଷେତ୍ରରେ ଆମକୁ ଆହୁରି ଆଗକୁ ଯିବାକୁ ହେବ,ଅଧିକ ଗବେଷଣା କରିବାକୁ ହେବ,ଅର୍ଣ୍ଣବ ଆପାତତଃ ମାର୍ଗଦର୍ଶୀ ହେଲା ବୋଲି କହିବାକୁ ହେବ। ଆଗକୁ ଜଣାପଡ଼ିବ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦକ୍ଷତାର ସାମର୍ଥ୍ୟ କେତେ! ତଥ୍ୟ ମୁତାବକ, ଗଂଜାମରେ ପ୍ରଭାବିତ ହେଲେ ସର୍ବାଧିକ ୮୪ ହଜାରରୁ ଅଧିକ। ଗଜପତି ଓ କନ୍ଧମାଳରେ ଯଥାକ୍ରମେ ୩୦ ହଜାର ଏବଂ ୧୨ ହଜାର। ବିଶେଷ କରି ଅଧିକ ଚିନ୍ତା ବଢ଼ାଇଲା ଋଷିକୂଲ୍ୟାର ରୁଦ୍ରରୂପ ଓ କନ୍ଧମାଳ ସୀମାନ୍ତରେ ଭୟଙ୍କର ଭୂସ୍ଖଳନ। ୭ରୁ ଅଧିକ ନଦୀନାଳର ପାଣି ଏକାଠି ହୋଇଥିଲା ଋଷିକୂଲ୍ୟାରେ। କେନ୍ଦ୍ରୀୟ କମିଟି ବାତ୍ୟା ଜନିତ ବର୍ଷା ବିପ୍ଲାତ ଅଞ୍ଚଳ ବୁଲି ହୃଦୟଙ୍ଗମ କଲେ ଆକଳନ ଲାଗି ଆହୁରି ସପ୍ତାହେ ଲାଗିଥାନ୍ତା। ତେବେ ରାଜ୍ୟ ସରକାରଙ୍କୁ କମିଟି ଭେଟ ହେବା ପରେ ରାଜ୍ୟ ସରକାର ୨ହଜାର ୫୨୬କୋଟିର ସହାୟତା କେନ୍ଦ୍ର ସରକାରଙ୍କଠାରୁ ଲୋଡ଼ିଲେ। ପୁଣି ସ୍ଥାୟୀ ଭିତିଭୂମି ନିର୍ମାଣ ଲାଗି ଅତିରିକ୍ତ ୧୦ ହଜାର କୋଟିର ସହାୟତା ଦିଆଯାଉ ବୋଲି ପ୍ରସ୍ତାବ ରଖାଯାଇଛି। ସହାୟତା କେତେ ମିଳୁଛି କେନ୍ଦ୍ର ପକ୍ଷରୁ ଓ ତାହା ସ୍ୱଚ୍ଛତାର ସହକାରେ ଉପଯୋଗ ହେଉଛି କି ନାହିଁ, କାର୍ଯ୍ୟ ପରେ ଜଣାପଡ଼ିବ ବୋଲି ତଥ୍ୟାଭିଜ୍ଞ ମହଲ ମତ ରଖୁଛନ୍ତି। ଏକ ପ୍ରମୁଖ ବିରୋଧୀ ଦଳର ଅଭିଯୋଗ ଯେ ଜଳଭଣ୍ଡାର ଗୁଡ଼ିକ ଉପଯୁକ୍ତ ପରିଚାଳନା କରାଗଲା ନାହିଁ, ଜଳ ନିଷ୍କାସନର ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଗଲା ନାହିଁ, ଦୁର୍ବଳ ନଦୀବନ୍ଧଗୁଡ଼ିକର ମରାମତି ଉପରେ ଗୁରୁତ୍ୱ ଦିଆଗଲା ନାହିଁ। ଅବୈଧ ବାଲି ଉତ୍ତୋଳନ ଯୋଗୁଁ ଗଂଜାମ ଓ ଗଜପତିର ଅନେକ ନଦୀବନ୍ଧ କ୍ଷତିଗ୍ରସ୍ତ ହେବାରୁ ବନ୍ୟା ବିଭୀଷିକା ଉପୁଜିଲା। ଏସବୁ ଅଭିଯୋଗ ନେଇ ଅନୁଧ୍ୟାନ କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ଏଡାଇ ହେବ ନାହିଁ ଯେ ବ୍ୟାପକ ଚାଷଜମିର ଫସଲ ଅର୍ଣ୍ଣବ ଯୋଗୁଁ ଉଜୁଡ଼ିଗଲା। ଉଜୁଡ଼ା କ୍ଷେତ କାରଣରୁ ଦୁଇଜଣ ଚାଷୀ ଜୀବନ ହାରିବା ଅଭିଯୋଗ ଉଠିଲା। ଏ ପ୍ରସଙ୍ଗ ଉପରେ ବିତର୍କ ଅବା ଆଲୋଚନା ପ୍ରାୟତଃ ନ ହେବା ଏକ ପ୍ରକାର ପ୍ରଶାସନିକ ଉଦାସୀନତା ଏପରି ବୋଧ ହେଉଛି।ପ୍ରଭାବିତ ଅଞ୍ଚଳର ଲୋକଙ୍କ ଘର ଠାରୁ ଆରମ୍ଭ କରି ପେଟପାଟଣା ପର୍ଯ୍ୟନ୍ତ ବ୍ୟାପକ ଭାବରେ ପ୍ରଭାବିତ ହୋଇଥିବା ହେତୁ ଉପଯୁକ୍ତ ସହାୟତା ମିଳିବା ଦରକାର, ଯାହା ଜରିଆରେ ସେମାନେ ପୁଣି ମୁଣ୍ଡ ଟେକି ଉଠିପାରିବେ ଓ ଆଶ୍ୱସ୍ତି ପାଇବେ। ପ୍ରଶାସନର ଉତ୍ତର ଦାୟିତ୍ୱ ଏକ୍ଷେତ୍ରରେ ଯେତିକି ସଜାଗ ରହିବ ତାହା ଦ୍ୱାରା ପ୍ରଭାବିତ ଉପକୃତ ହୋଇପାରିବେ ,ନଚେତ୍ ସ୍ମୃତିପଟରେ ଲାଗିଥିବା ଦାଗ ପରବର୍ତ୍ତୀ ସମୟରେ ଯେ କୌଣସି ରୂପରେ ପ୍ରତିଫଳିତ ହେବା କିଛି ଅସମ୍ଭବ ନୁହେଁ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR

25001/1504/2627

Ph. No. – 0674-2301787
Fax No.- 0674-2300965
E.Mail I.D. – eerw_bbsr@yahoo.co.in

No:-Tender – Online – BBSR Divn. – 20 Date :- 02.11.2026

e-Procurement NOTICE

1. Name of the work : Repair / Maintenance of Road work / CD work
2. Total No. of Projects : 02 Nos. of Projects
3. Class of contractor
   a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of individual project : Rs. 5.00 Lakh to 24.00 lakh
5. Time for completion : As per Annexure of TCN Col.No.5
6. Other details

Procurement Officer	Bid Identification No.	Availability of Tender on-line for bidding		Date & Time of opening of tender
		From	To	
1	2	3	4	5
Superintending Engineer, Rural Works Division, Bhubaneswar.	Tender Online – BBSR Divn. - 20	11.11.2026 at 11.00 A.M.	20.11.2026 up to 5.00 P.M	21.11.2026 at 11.00 A.M.

Further details can be seen from the website www.tendersodisha.gov.in

Superintending Engineer, Rural Works Divn.BBSR

OIPR 25001/25066/1/26-27/0025

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ